R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୯
ତିଥି: ପଞ୍ଚମୀ
୩ ଅଗଷ୍ଟ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 299
3 August 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# କମୁଛି ବନ୍ୟା, ବଢୁଛି ଦୁର୍ଦ୍ଦଶା

- ବନ୍ୟା ପ୍ରପୀଡିତଙ୍କୁ କୁମ୍ଭୀର, ସାପ ଆତଙ୍କ
- ବ୍ୟାପୁଛି ଥଣ୍ଡା, ଜ୍ୱର, ଝାଡ଼ାବାନ୍ତି
- ଉଜୁଡିଲା ପନିପରିବା ଚାଷ



ବାସୁଦେବପୁର/ଭୁବନେଶ୍ୱର/ବ୍ୟାସନଗର,୨।୮,(ସବ୍ୟୁ/ଜିପ୍ର): କମିଛି ବର୍ଷା, ଧୀରେ ଧୀରେ ହ୍ରାସ ପାଉଛି ବନ୍ୟା ପାଣି। ତଥାପି ଜଳବନ୍ଦୀରେ ଅଛନ୍ତି ଶହ ଶହ ପରିବାର। ବନ୍ୟା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଉଛୁଡା ମନ୍ତେଇ ନଦୀର ପାଣି ବିଲବାଡି ସମାନ ହୋଇପଡିଛି। ସନ୍ଧ୍ୟା ହେଲେ ମନ୍ତେଇ ନଦୀର କୁମ୍ଭୀର ଓ ବିଷାକ୍ତ ସାପର ଭୟ ଘାରିଛି। ଏହାସହ ବିଭିନ୍ନ ଅଞ୍ଚଳରେ ରୋଗ ଭୟ ବଢ଼ିଛି। ବନ୍ୟା ପ୍ରଭାବରେ ଅନେକ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ସେପଟେ ହସ୍ପିଟାଲ ଗୁଡିକ ପାଣିରେ ବୁଡି ଯାଇଥିବାରୁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଲୋକେ।

ବନ୍ୟା ପାଣି ଛାଡୁଥିବା ବେଳେ ବନ୍ୟା ଅଞ୍ଚଳରେ ଘାରିଲାଣି ବିଭିନ୍ନ ରୋଗଭୟ। ବିଶେଷ କରି ପାନୀୟ ଜଳ ସଂକଟ ଦେଖା ଦେଉଥିବାରୁ ଝାଡ଼ାବାନ୍ତି ବ୍ୟାପିବାର ଆଶଙ୍କା ରହିଛି। ବନ୍ୟା ପାଣିରେ ଘଣ୍ଟା ଘଣ୍ଟା ଧରି ଏପଟ ସେପଟ ହେବା ଯୋଗୁ ଥଣ୍ଡା, ଜ୍ୱର ଓ ଆଖି ଧରିବା ଆରମ୍ଭ ହେଲାଣି। ସେହିପରି ଚର୍ମରୋଗ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ସତର୍କ କରାଇଛନ୍ତି ଡାକ୍ତର।

ବାସୁଦେବପୁର ବ୍ଲକର ବରଣ୍ଡୁଆ, ସୁଦର୍ଶନପୁର, ଜଗନ୍ନାଥପୁର, ଜଗନ୍ନାଥପ୍ରସାଦ, ଲୁଙ୍ଗାନ, ନରସିଂହପୁର ପଞ୍ଚାୟତ ଓ ପୌରପାଳିକାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ପଡିଛି। ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର ଗ୍ରାମର ସୁନାମୁହିଁ, ଡାଙ୍ଗମାଳ, ବନ୍ଧସାହି, ଦାସଡିହ ଓ ଲୁଙ୍ଗା ପଞ୍ଚାୟତର ବଡକିଆରି, ମଉଜୁଡିର ଶହ ଶହ ପରିବାର ଜଳ ଘେରରେ ଅଛନ୍ତି। ପାଣି ବୁଡି ରହିଥିବାରୁ ଉପାସରେ ଗୋରୁଗାଈ। ସ୍ଥାଣୁ ପାଲଟିଛି ପ୍ରାଣୀ ଚିକିତ୍ସା ବିଭାଗ। ବନ୍ୟାର ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ( ୯ ପୃଷ୍ଠାରେ)

## ଦୁର୍ବଳ ହେଲା ମୌସୁମୀ

# ୫ରୁ ଘୂର୍ଣ୍ଣିବଳୟ ସମ୍ଭାବନା

ଭୁବନେଶ୍ୱର,୨।୮,(ସବ୍ୟୁ): ଅଗଷ୍ଟ ମାସ ଆରମ୍ଭରୁ ମୌସୁମୀ ଦୁର୍ବଳ ହୋଇଛି। ଫଳରେ କାଁ ଭାଁ ସ୍ଥାନକୁ ଛାଡି ଦେଲେ ବର୍ଷା ହୋଇନି। ଯେଉଁଥି ପାଇଁ ରାଜ୍ୟରେ ଗୁଳୁଗୁଳି ସହ ଗରମ ବୃଦ୍ଧି ପାଇଛି। ଅଗଷ୍ଟ ମାସରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ। ଏହି ମାସରେ ୩୬୦ ମିମି ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ବାକି ଜିଲ୍ଲା ଗୁଡିକରେ ସେହିଭଳି ବଡ଼ ବର୍ଷା ହୋଇନାହିଁ। ରବିବାର ଅଧିକାଂଶ ସ୍ଥାନରେ ଖରାଟିଆ ପାଗ ରହିଥିଲା। ଯେଉଁଥି ପାଇଁ ଦିନତମାମ ଗରମ ସହିତ ଗୁଳିଗୁଳି ଅନୁଭୂତ ହେଉଥିଲା। ବର୍ଷା କମିଲେ ଗୁଳୁଗୁଳି ମାତ୍ରା ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ

- ଜୁଲାଇରେ ଢାଳିଲା, ଏବେ ଜଳିବ
- ବଢ଼ିଲା ଗରମ, ଗୁଳୁଗୁଳି

ବର୍ଷା ହୋଇଥାଏ। ତେବେ ଏହାଠାରୁ କମ୍ ବର୍ଷା ହେବାର ସମ୍ଭାବନା ଅଛି ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ରାଜ୍ୟ ଉପରେ ମୌସୁମୀ ପ୍ରଭାବ ଦୁର୍ବଳ ହେତୁ ବିଜୁଳିଘଡଘଡି ଜନିତ ପ୍ରଭାବ ବୃଦ୍ଧି ପାଇବା ସମ୍ଭାବନା ଅଛି। ରବିବାର ବାରିପଦାରେ ୪୮ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ରେ ୨୯ ମିମି, ଢେଙ୍କାନାଳରେ ୧୭ ମିମି ବିଶେଷଜ୍ଞ।

ଆସନ୍ତା ୫ ତାରିଖରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଅଛି। ଯଦି ଘୂର୍ଣ୍ଣିବଳୟ ସୃଷ୍ଟି ହୁଏ, ତା'ହେଲେ ଗରମ ଓ ଗୁଳୁଗୁଳି ହ୍ରାସ ପାଇବ। ନଚେତ ରାଜ୍ୟରେ ଆର୍ଦ୍ରତା ବୃଦ୍ଧି ଯୋଗୁ ଗୁଳୁଗୁଳି ବଢ଼ିବ। ଗୁଳୁଗୁଳି ବଢ଼ିଲେ ବଜ୍ରପାତ ବୃଦ୍ଧି ପାଇବ। ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଜନିତ ବର୍ଷା ( ୯ ପୃଷ୍ଠାରେ)



ଶ୍ରାବଣର ପହିଲି ସୋମବାର ଶୈବପୀଠରେ ଜଳାଭିଷେକ ଲାଗି କଟକ ଗଡ଼ଗଡିଆ ଘାଟରେ କାଉଡିଆଙ୍କ ଭିଡ

# ନିଟ୍ ପିଜି-୨୦୨୬ ପାଇଁ କଡ଼ା ସୁରକ୍ଷା

ନୂଆଦିଲ୍ଲୀ,୨।୮: ନିଟ୍ ପିଜି-୨୦୨୬ ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଓ ପରୀକ୍ଷାର୍ଥୀଙ୍କ ପାଇଁ ସୁବିଧାଜନକ କରିବା ନିମନ୍ତେ କେନ୍ଦ୍ର ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି। ଅଗଷ୍ଟ ୩୦ ତାରିଖ ରବିବାର ସକାଳ ୯ଟାରୁ ଅପରାହ୍ଣ ୧୨ଟା ୩୦ ପର୍ଯ୍ୟନ୍ତ ସାରା ଦେଶରେ ଗୋଟିଏ ପର୍ଯ୍ୟାୟରେ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ହେବ। ପରୀକ୍ଷାର୍ଥୀଙ୍କୁ ସକାଳ ୭ଟାରୁ କେନ୍ଦ୍ରରେ ପ୍ରବେଶ ଅନୁମତି ମିଳିବ ଏବଂ ସାଢ଼େ ୮ଟାରେ ପ୍ରବେଶଦ୍ୱାର ବନ୍ଦ କରିଦିଆଯିବ।କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶନିବାର ନ୍ୟାସନାଲ୍ ବୋର୍ଡ ଅଫ୍ ଏକ୍ସାମିନେସନ୍ସ ଇନ୍ ମେଡିକାଲ୍ ସାଇନ୍ସେସ୍ (ଏନ୍‌ବିଇଏମ୍‌ଏସ୍), ପ୍ରଯୁକ୍ତି ସହଯୋଗୀ ସଂସ୍ଥା ଏବଂ ଅନ୍ୟ ଅଂଶୀଦାରଙ୍କ ପ୍ରସ୍ତୁତି ସମୀକ୍ଷା କରିଥିଲେ। ପରୀକ୍ଷା ଯେପରି ସୁରୁଖୁରୁରେ, ସୁରକ୍ଷିତ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ହୁଏ, ତାହା ନିଶ୍ଚିତ କରିବାକୁ ସେ ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥର ମୋଟ ୨ ଲକ୍ଷ ୭୩ ହଜାର ୧୮୩ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଛନ୍ତି। ( ୯ ପୃଷ୍ଠାରେ)

## ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ ଆରମ୍ଭ

# ନିଶା ମାଫିଆଙ୍କୁ ଛାଟ, ବୁଲଡୋଜର ଆକ୍ସନ୍ ଲାଗି ପ୍ରସ୍ତୁତ ରୁହ

ଭୁବନେଶ୍ୱର,୨।୮,(ସବ୍ୟୁ): ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ରାଜଧାନୀ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମକୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରନ୍ତୁ। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ "ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଯୁବସମାଜକୁ ନିଶା ବିଷ ଦେବାରୁ ନିବୃତ୍ତ ନରହିଲେ ବୁଲଡୋଜର

- ଯୁବପିଢ଼ି ନିଶା ଛାଡ଼ି ଖେଳପଡ଼ିଆ, କ୍ଲାସରୁମକୁ ଆପଣାନ୍ତୁ : ରାଜ୍ୟପାଳ
- ନିଶା କ୍ଷେତ୍ରରେ ଶୂନ୍ୟ ସହନଶୀଳତା, ମାଫିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ
- ଓଡ଼ିଶା ହେବ ସମ୍ପୂର୍ଣ୍ଣ ନିଶାମୁକ୍ତ, ୧୦୦ ସପ୍ତାହର ବ୍ୟାପକ ଜନଆନ୍ଦୋଳନ

ନିଶାମୁକ୍ତ ସମାଜ ସମ୍ଭବ ନୁହେଁ ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ଆକ୍ସନ୍ ଭଳି ଅତ୍ୟନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ନିଶା ମାଫିଆଙ୍କୁ ଚେତାବନୀ ଦେଇଛନ୍ତି





ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜୀବନ ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବାରୁ ସମସ୍ତ ଯୁବସାଥୀ ଶପଥ ନେଇ ନିଜକୁ ଏହି ନର୍କରୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

"ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ "ମାଇଁ ଭାରତ' ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ। ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାଶକ୍ତର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି।

ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି ଯେ ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ( ୯ ପୃଷ୍ଠାରେ)

## ଶୃଙ୍ଖଳିତ ବ୍ୟବହାର ଲାଗି ଜେଲ୍‌ରୁ ମୁକୁଳିଲେ ୧୯ କଏଦୀ

ଭୁବନେଶ୍ୱର,୨।୮,(ସବ୍ୟୁ): ଉତ୍ତମ ବ୍ୟବହାର ପାଇଁ ରାଜ୍ୟର ବିଭିନ୍ନ ଜେଲ୍‌ରେ ଥିବା ୧୯ଜଣ ଆସାମୀ ରବିବାର ଜେଲ୍‌ରୁ ମୁକୁଳିଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଝାରପଡା ଜେଲ୍‌ରୁ ଘରକୁ ଯାଇଛନ୍ତି। ୧୪ବର୍ଷରୁ ଉର୍ଦ୍ଧ୍ୱର୍ ସମୟ ଜେଲ୍‌ରେ ଆଜୀବନ ସଜା କାଟୁଥିବା ୧୯ଜଣଙ୍କୁ ଛାଡିଦେବା ପାଇଁ ସରକାର ନିଷ୍ପତ୍ତି କରିଥିଲେ। ନିଷ୍ପତ୍ତି ଅନୁଯାୟୀ ଝାରପଡା ଜେଲ୍‌ରୁ ମୁକୁଳିଥିବା କଏଦୀମାନେ ହେଲେ ଜଟଣୀ ଅଞ୍ଚଳର ରତନ ଘୋଷ, ବାଲିପାଟଣାର ସୁରେନ୍ଦ୍ରନାଥ ଭୋଳ ଏବଂ ନୂଆଗାଁ ଅଞ୍ଚଳର ବିପିନ ( ୯ ପୃଷ୍ଠାରେ)

## ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ପୂର୍ବତନ ଡିଏଫଓ ନିଲମ୍ବିତ

ଭୁବନେଶ୍ୱର,୨।୮,(ସବ୍ୟୁ): ଆଇଏଫଏସ ଅଧିକାରୀ ସଂଗ୍ରାମ କେଶରୀ ବେହେରା ସସ୍ପେଣ୍ଡ। ତାଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୨୦୨୧ ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ତାଙ୍କ ବିରୋଧରେ ନିଆଯାଇଛି ଏହି କାର୍ଯ୍ୟାନୁଷ୍ଠାନ। ସେତେବେଳେ ଗଜପତି ଜିଲ୍ଲାର ଡିଏଫଓ ଥିଲେ ସଂଗ୍ରାମ କେଶରୀ ବେହେରା। ବର୍ତ୍ତମାନ ସଂଗ୍ରାମ ବେହେରା ଓଏଫଡିସି (କମର୍ସିଆଲ)ର ନିର୍ଦ୍ଦେଶକ ଥିବା ବେଳେ ଏହି ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି।

# ପ.ବଙ୍ଗରୁ ଛଦ୍ମବେଶୀ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

## ପୋଲିସ ପୋଷାକରେ ଦିଲ୍ଲୀ ଆସିବାକୁ ରଚିଥିଲା ଷଡ଼ଯନ୍ତ୍ର

କୋଲକାତା,୨।୮: ଦିଲ୍ଲୀର ଜନ୍ତରମନ୍ତରଠାରେ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଛାତ୍ର ଆନ୍ଦୋଳନରେ ପୁଲିସ ପୋଷାକରେ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ପାକିସ୍ତାନରୁ ଷଡ୍‌ଯନ୍ତ୍ର କରାଯାଇଥିଲା। ପଶ୍ଚିମବଙ୍ଗରୁ ଗିରଫ ହୋଇଥିବା ସନ୍ଦିଗ୍ଧ ଆତଙ୍କବାଦୀ ହମିମ୍ ମଣ୍ଡଳକୁ ତା'ର ପାକିସ୍ତାନୀ ପରିଚାଳକମାନେ ଏହି କାମ ଦେଇଥିଲେ ବୋଲି ପଶ୍ଚିମବଙ୍ଗ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍ଟିଏଫ୍) ରବିବାର କହିଛି।ପାକିସ୍ତାନଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ୍-ଏ-ମହମ୍ମଦ ସହ ସମ୍ପର୍କ ଥିବା ସନ୍ଦେହରେ ହମିମ୍କୁ ଶୁକ୍ରବାର ପୂର୍ବ ବର୍ଦ୍ଧମାନ ଜିଲ୍ଲାରୁ ଗିରଫ କରାଯାଇଥିଲା। ଏସ୍ଟିଏଫ୍ ମହାନିରୀକ୍ଷକ ଗୌରବ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ହମିମ୍କୁ ପୁଲିସ ପୋଷାକ କିଣି ଦିଲ୍ଲୀର ଜନ୍ତରମନ୍ତରଠାରେ ଚାଲିଥିବା ଛାତ୍ର ଆନ୍ଦୋଳନରେ ଅନୁପ୍ରବେଶ କରିବାକୁ କୁହାଯାଇଥିଲା। ସେଠାରେ ବିଶୃଙ୍ଖଳା ଓ ଅଶାନ୍ତି ସୃଷ୍ଟି କରିବା ତା'ର ଉଦ୍ଦେଶ୍ୟ ଥିଲା ବୋଲି ଏସ୍ଟିଏଫ୍ ଦାବି କରିଛି। ଏହାଛଡ଼ା ହମିମ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ସେ କେଉଁ



ସ୍ଥାନରେ ସୁରକ୍ଷା ବିନା ରହୁଛନ୍ତି, ସେ ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ କୁହାଯାଇଥିଲା। ମୁଖ୍ୟମନ୍ତ୍ରୀ ତାଙ୍କର ଅନ୍ୟତମ ନିଶାଣ ଥିଲେ ବୋଲି ଗୌରବ କହିଛନ୍ତି। ଜେରା ବେଳେ ପଶ୍ଚିମବଙ୍ଗରେ ଜୈସ୍-ଏ-ମହମ୍ମଦର ଅନେକ ପରିଚାଳକଙ୍କ ସହ ହମିମ୍ର ସମ୍ପର୍କ ଥିବା ଜଣାପଡ଼ିଛି। ଅଦାଲତ ତାକୁ ୧୪ ଦିନ ପାଇଁ ଏସ୍ଟିଏଫ୍ ହେପାଜତକୁ ପଠାଇଛନ୍ତି।ହମିମ୍ର ବାନ୍ଧବୀ ଅର୍ପିତା ସରକାରକୁ ମଧ୍ୟ ଶୁକ୍ରବାର ଝାଡ଼ଖଣ୍ଡର ସାହିବଗଞ୍ଜରୁ ଗିରଫ କରାଯାଇଛି। ଉଭୟେ ରାଜ୍ୟମନ୍ତ୍ରୀ ଉମେଶ ରାୟଙ୍କ ପୁଅଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିବା ଏବଂ ତାଙ୍କ ପରିବାରଠାରୁ ଅର୍ଥ ଆଦାୟ ପାଇଁ ଷଡ୍‌ଯନ୍ତ୍ର କରୁଥିଲେ ବୋଲି ପୁଲିସ ଅଭିଯୋଗ କରିଛି। ଅର୍ପିତା ଅନେକ ପ୍ରମୁଖ ବ୍ୟକ୍ତି ଓ ରାଜନେତାଙ୍କୁ ପ୍ରେମଜାଲରେ ଫସାଇ ସେମାନଙ୍କ ସମ୍ପର୍କରେ ସୂଚନା ହମିମ୍କୁ ଦେଉଥିଲା ବୋଲି ଏସ୍ଟିଏଫ୍ କହିଛି। ଅର୍ପିତାର ହ୍ୱାଟ୍ସଆପ୍ ବାର୍ତ୍ତାରୁ ପାକିସ୍ତାନ ସହ ସମ୍ପର୍କର ସୂଚନା ମିଳିଥିଲା। ତା' ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଯାଞ୍ଚ କରିବା ପରେ ଏସ୍ଟିଏଫ୍ ହମିମ୍ ପାଖରେ ପହଞ୍ଚିଥିଲା। ଦୁହେଁ ଇନ୍‌ଷ୍ଟାଗ୍ରାମ୍ରେ ପ୍ରଥମେ ପରିଚିତ ହୋଇଥିଲେ ଏବଂ ଚାରିବର୍ଷ ହେଲା ସମ୍ପର୍କରେ ଥିଲେ। ସେମାନଙ୍କଠାରୁ ବ୍ରିଟେନ୍ ଓ ମେକ୍ସିକୋରେ ଜାରି ହୋଇଥିବା ଅନ୍ତର୍ଜାତୀୟ ସିମ୍ କାର୍ଡ ଜବତ ହୋଇଛି। ଗୁପ୍ତ ଯୋଗାଯୋଗ ପାଇଁ ଏଗୁଡ଼ିକ ବ୍ୟବହାର ହେଉଥିବା ସନ୍ଦେହ କରାଯାଉଛି। ଏସ୍ଟିଏଫ୍ ଏବେ ସମ୍ପୂର୍ଣ୍ଣ ନେଟ୍‌ୱର୍କ, ଏହାର ଅନ୍ୟ ସଦସ୍ୟ ଏବଂ ସୀମାପାର ସମ୍ପର୍କର ତଦନ୍ତ କରୁଛି।

## ସିନ୍ଧୁ ଚୁକ୍ତି ସ୍ଥଗିତ

# ପାକିସ୍ତାନକୁ କଡ଼ା ଜବାବ

ୱାଶିଂଟନ୍,୨।୮: ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ପାଇଁ ଭାରତ ନେଇଥିବା ନିଷ୍ପତ୍ତିକୁ ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ଦୃଢ଼ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ଏହି ଚୁକ୍ତି ସଦ୍ଭାବନା ଓ ବନ୍ଧୁତା ଉପରେ ଆଧାରିତ ଥିଲା, କିନ୍ତୁ ପାକିସ୍ତାନ ନିଜ କାର୍ଯ୍ୟକଳାପ ଦ୍ୱାରା ଦୀର୍ଘ ଦଶନ୍ଧି ଧରି ଏହାକୁ ଉଲ୍ଲଂଘନ କରିସାରିଛି। ଭାରତର ସ୍ଥଗିତାଦେଶ କେବଳ ସେହି ସତ୍ୟକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି। ୧୯୬୦ ଚୁକ୍ତି ଅନୁଯାୟୀ ପାକିସ୍ତାନକୁ ୮୦ ପ୍ରତିଶତ ଜଳ ମିଳୁଥିବା ବେଳେ ଭାରତ ମାତ୍ର ୨୦ ପ୍ରତିଶତ ପାଉଥିଲା। ଏହି ଅସମାନତା ସତ୍ତ୍ୱେ ଭାରତ ଚୁକ୍ତିକୁ ସମ୍ମାନ ଦେଇଆସିଥିଲା, ମାତ୍ର ପାକିସ୍ତାନ ଏହାର ନବୀକରଣ ଓ ଆଧୁନିକୀକରଣରେ କ୍ରମାଗତ ବାଧା ସୃଷ୍ଟି କରିଛି। ପାକିସ୍ତାନର ଜଳସଙ୍କଟ ପାଇଁ ଭାରତ ନୁହେଁ, ବରଂ ସେଠାକାର ଖରାପ ଆଭ୍ୟନ୍ତରୀଣ ଜଳ ପରିଚାଳନା ଦାୟୀ। ପାକିସ୍ତାନ ପାଉଥିବା ଜଳରୁ ୩୦ ପ୍ରତିଶତରୁ ଅଧିକ ଜଳ ବାଟରେ ନଷ୍ଟ ହେଉଥିବା ବେଳେ ( ୯ ପୃଷ୍ଠାରେ)

## ଇତିହାସ

୧୧୦୮- ଲୁଇ ଷଷ୍ଠମ୍ ଫ୍ରାନ୍ସର ସମ୍ରାଟ ହେଲେ ।
୧୮୮୬- ହିନ୍ଦୀର ବିଦ୍ୱାନ୍ ମୈଥିଳୀ ଶରଣ ଗୁପ୍ତଙ୍କ ଜନ୍ମ ।
୧୮୯୦- ଭାରତର ପ୍ରସିଦ୍ଧ କ୍ରାନ୍ତିକାରୀ ଏବଂ ପାକିସ୍ତାନରେ ପ୍ରଥମ ଉଚ୍ଚାୟୁକ୍ତ ଶ୍ରୀପ୍ରକାଶଙ୍କ ଜନ୍ମ ।
୧୯୦୦- ଫାୟାରଷ୍ଟୋନ୍ ଟାୟାର୍ ଆଣ୍ଡ ରବର୍ କମ୍ପାନୀର ସ୍ଥାପନା ।
୧୯୫୬- ମହାତ୍ମା ଗାନ୍ଧୀଙ୍କ ପୁତ୍ର ଏବଂ ପ୍ରସିଦ୍ଧ ପତ୍ରକାର ଦେବଦାସ ଗାନ୍ଧୀଙ୍କ ପରଲୋକ ।
୧୯୬୦- ଫ୍ରାନ୍ସଠାରୁ ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜରକୁ ସ୍ୱାଧୀନତା ମିଳିଲା ।
୧୯୮୫- ଜନସେବା କ୍ଷେତ୍ରରେ ପ୍ରସିଦ୍ଧ ଭାରତୀୟ ସମାଜସେବୀ ବାବା ଆମଟେଙ୍କୁ ରେମନ୍ ମ୍ୟାଗସେସ୍ ପୁରସ୍କାର ।
୧୯୩୩- ମିକି ମାଉସ୍ ୱାଚ୍ ପ୍ରଥମକରି ଜାରି କରାଗଲା ।
୧୯୩୪- ଚାନ୍ସଲର ଓ ରାଷ୍ଟ୍ରପତି ପଦର ମିଶ୍ରଣ କରି ଆଡଲଫ୍ ହିଟଲର୍ ସ୍ୱୟଂଙ୍କୁ ନେତା ଘୋଷଣା କଲେ ।
୧୯୯୩- ପ୍ରସିଦ୍ଧ ଭାରତୀୟ ଆଧ୍ୟାତ୍ମିକ ଚିନ୍ତକ ତଥା ବେଦାନ୍ତ ଦର୍ଶନର ବିଶ୍ୱ ପ୍ରସିଦ୍ଧ ବିଦ୍ୱାନ ସ୍ୱାମୀ ଚିନ୍ମୟାନନ୍ଦଙ୍କ ପରଲୋକ ।

## ସେନା ପରିଶୋଧ କଲା ୮୦ ବର୍ଷର ଋଣ

୮୦ ବର୍ଷ ତଳର ଏକ ପୁରୁଣା ରସିଦ୍ ଯୋଗୁଁ ଗୋଟିଏ ପରିବାରକୁ ପ୍ରାୟ ୮ ଲକ୍ଷ ଟଙ୍କା ମିଳିବାର ଏକ ରୋଚକ ଖବର ସାମ୍ନାକୁ ଆସିଛି । ୧୯୪୭ ମସିହାରେ ଯୁଦ୍ଧ ସମୟରେ ଜଣେ କୃଷକ ନିଜ ଘରେ ଥିବା ପ୍ରାୟ ୮୫୦ କିଲୋ ଅନାଜ ସେନାକୁ ଉଦ୍ଧାର ବା ଋଣ ଆକାରରେ ଦେଇଥିଲେ । ଯାହା ବଦଳରେ ତାଙ୍କୁ ହାତଲେଖା ଏକ ରସିଦ୍ ମିଳିଥିଲା । ୧୯୯୦ ଦଶକରେ ପୁରୁଣା ଘର ଭାଙ୍ଗିବା ସମୟରେ ଇଟା ସନ୍ଧିରୁ ଏହି ରସିଦ୍‌ଟି ମିଳିଥିଲା, ଯାହାକୁ ପରିବାର ଲୋକେ ଏକ ବହୁମୂଲ୍ୟ ସମ୍ପତ୍ତି ଭାବେ ସାଇତି ରଖିଥିଲେ । ନିକଟରେ ଏହି ରସିଦ୍‌ଟି ସ୍ଥାନୀୟ ପ୍ରଶାସନକୁ ହସ୍ତାନ୍ତର କରାଯିବା ପରେ ଯାଞ୍ଚରୁ ଜଣାପଡ଼ିଥିଲା ଯେ ଯୁଦ୍ଧ ସମୟରେ ନିଆଯାଇଥିବା ସେହି ଅନାଜର ଋଣ କେବେ ପରିଶୋଧ କରାଯାଇନଥିଲା । ଏହାପରେ ସରକାର ପ୍ରାୟ ୮ ଲକ୍ଷ ଟଙ୍କା ଦେଇ ଏହି ପୁରୁଣା ଋଣ ସୁଝିଛନ୍ତି । ତେବେ ପରିବାର ଲୋକେ ସେହି ଅର୍ଥରୁ ୨୦ ହଜାର ୟୁଆନ୍ ପୂର୍ବତନ ସୈନିକଙ୍କ ସହାୟତା କରୁଥିବା ଏକ ସଂସ୍ଥାକୁ ଦାନ କରିଦେଇଛନ୍ତି । ସେହି ଐତିହାସିକ ରସିଦ୍‌କୁ ଏବେ ସ୍ଥାନୀୟ ଶହୀଦ ସ୍ମାରକୀରେ ସାଧାରଣ ଲୋକଙ୍କ ଦେଖିବା ପାଇଁ ରଖାଯାଇଛି ।



## କଳା ଚଷମା ପାଇଁ ଟ୍ରୋଲ୍

ଅଭିନେତ୍ରୀ ଭୂମି ପେଡନେକର ଶ୍ରାବଣ ମାସର ଆରମ୍ଭରେ ଏକ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଶିବଲିଙ୍ଗରେ ଜଳାଭିଷେକ କରୁଥିବାର ଭିଡିଓ ଓ ଫଟୋ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ । ତେବେ ଏହାପରେ ତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍‌ର ସାମନା କରିବାକୁ ପଡ଼ିଛି । ବ୍ଲାକ୍ ଟପ୍ ଏବଂ ବ୍ଲୁ ଡେନିମ୍ ଜିନ୍ସ ପିନ୍ଧି ମନ୍ଦିର ଯାଇଥିବା ଭୂମି ପୂଜା କରିବା ସମୟରେ ଆଖିରେ କଳା ଚଷମା ବା ସନ୍‌ଗ୍ଲାସେସ୍ ପିନ୍ଧିଥିବାରୁ ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ ଆପତ୍ତି ଜଣାଇବା ସହ ଭଗବାନଙ୍କୁ ଅନାଦର କରାଯାଉଥିବା କହି କମେଣ୍ଟ ସେକ୍‌ସନ୍‌ରେ ସମାଲୋଚନା କରିଛନ୍ତି । ତେବେ ଏହି ଘଟଣାରେ ଭୂମିଙ୍କର ମତାମତ ମିଳିପାରି ନାହିଁ । ଆଗକୁ ଭୂମିଙ୍କୁ ଚଳଚ୍ଚିତ୍ର 'ଦ ପ୍ରାଇଡ୍ ଅଫ୍ ଭାରତ: ଛତ୍ରପତି ଶିବାଜୀ ମହାରାଜ'ରେ ବେଲାୱାଡ଼ିର ବୀରାଙ୍ଗନା ରାନୀ ବେଲାୱାଡ଼ି ମଲ୍ଲମ୍ମାଙ୍କ ଭୂମିକାରେ ଦେଖିବାକୁ ମିଳିବ । ଯାହାର ନିର୍ଦ୍ଦେଶନା ସନ୍ଦୀପ ସିଂହ କରୁଥିବା ବେଳେ ଏଥିରେ ରିଷଭ ଶେଟ୍ଟୀ, ଅର୍ଜୁନ ରାମପାଲ ଏବଂ ବିବେକ ଓବେରୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି ।



## ସୋସିଆଲ କୋଟ୍ସ



ମୋତେ ଡ୍ୟାନ୍ସ ବହୁତ ଭଲ ଲାଗେ । ଆଗକୁ ଡ୍ୟାନ୍ସ ଡ୍ରାମାରେ ଅଭିନୟ କରିବାକୁ ବହୁତ ଇଚ୍ଛା ଅଛି । ଯଦି ସୁଯୋଗ ମିଳେ ତାହେଲେ ନିଶ୍ଚୟ କରିବି ।
*ମୌନି ରୟ, ଅଭିନେତ୍ରୀ*



ରଶ୍ମିକାଙ୍କର ଭାଇରାଲ ହୋଇଥିବା ଫେକ୍ ଭିଡିଓ ସେତେବେଳେ ମୋତେ ବହୁତ ଅଧିକ ବ୍ୟଥିତ କରିଥିଲା । ଏଭଳି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଥାଏ । ଏହା ଖୁବ ଦୁଃଖଦ ଅନୁଭୂତି ।
*ମୃଣାଳ ଠାକୁର, ଅଭିନେତ୍ରୀ*



ସମସ୍ତେ ଭିଡିଓ ଭାଇରାଲ ଘଟଣାରେ ମୋତେ ସମର୍ଥନ କରିଥିଲେ, ଏହା ମୋତେ ସାହସ ଦେଇଥିଲା । ଏ ପରିସ୍ଥିତିରେ ମୋତେ ଏହାର ବିଶେଷ ଆବଶ୍ୟକତା ଥିଲା ।
*ରଶ୍ମିକା ମନ୍ଦାନା, ଅଭିନେତ୍ରୀ*

## ଡାର୍କସ୍କିନ୍ ଟ୍ରେଣ୍ଡ

ଡାର୍କ ସ୍କିନ୍ ରଙ୍ଗ ପାଇବା ପାଇଁ ସୋସିଆଲ ମିଡିଆରେ ଏବେ 'ଟ୍ୟାନ୍‌ମାକ୍ସିଂ' ନାମକ ଏକ ନୂଆ ଟ୍ରେଣ୍ଡ ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଯେଉଁଥିରେ ଲୋକମାନେ ଖରାରୁ ବଞ୍ଚିବା ପରିବର୍ତ୍ତେ ଜାଣିଶୁଣି ବିନା ସନ୍‌ସ୍କ୍ରିନ୍‌ରେ ଘଣ୍ଟା ଘଣ୍ଟା ଧରି ଟାଣ ଖରାରେ ଛିଡ଼ା ହେଉଛନ୍ତି କିମ୍ବା ଶୋଇ ରହୁଛନ୍ତି । ଅନେକ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର୍ ଏହାକୁ ଏକ ଭଲ ଲୁକ୍ ପାଇବାର ଉପାୟ ବୋଲି କହି ପ୍ରମୋଟ୍ କରୁଛନ୍ତି । ଖରାରେ ଶୋଇବାର ବିଭିନ୍ନ ରୁଟିନ୍ ଭିଡିଓ ମଧ୍ୟ ସେୟାର କରୁଛନ୍ତି । ତେବେ ଚର୍ମ ରୋଗ ବିଶେଷଜ୍ଞ ଏହି ଟ୍ରେଣ୍ଡକୁ ନେଇ ସାବଧାନ କରାଇଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ଯୋଗୁଁ ତ୍ୱଚାରେ କ୍ଷତି ପହଞ୍ଚିବା ଫଳରେ ହିଁ ଟ୍ୟାନିଂ ହୋଇଥାଏ । ତେଣୁ ଦୀର୍ଘ ସମୟ ଧରି ଟାଣ ଖରାରେ ରହିବା ଦ୍ୱାରା ବଢ଼ା ବୟସ ପୂର୍ବରୁ ଢଳ ଦେଖାଯିବା ସହ ସ୍କିନ୍ କ୍ୟାନ୍ସର ରୋଗର ବିପଦ ମଧ୍ୟ ଯଥେଷ୍ଟ ବଢ଼ିଯାଏ । ତେଣୁ ବିନା ସୁରକ୍ଷାରେ ଏହିପରି ଟ୍ରେଣ୍ଡ ଆପଣାଇବାରୁ ଦୂରେଇ ରହିବାକୁ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି ।




## ହାଇଦ୍ରାବାଦୀ ଲୁଖମି

**ସାମଗ୍ରୀ-** ୩୦୦ ଗ୍ରାମ ଛୋଟ କଟା ହୋଇଥିବା ମାଂସ, ୨ କପ ମଇଦା, ଏକ ଚାମଚ ଅଦା ରସୁଣ ପେଷ୍ଟ, ଅଳ୍ପ ବଟର, ଅଳ୍ପ ହଳଦୀ, ଏକ ଚାମଚ ଲଙ୍କା ଗୁଣ୍ଡ, ପିଆଜ କଟା ଏକଟା, ଏକ ଚାମଚ ଗରମ ମସଲା, ଅଧା ଚାମଚ ଧନିଆ ଗୁଣ୍ଡ,୨ରୁ ୩ ଚାମଚ ଲେମ୍ବୁ ରସ, କଞ୍ଚା ଲଙ୍କା ।

**ପ୍ରଣାଳୀ-** ପ୍ରଥମେ ଲୁଖମି ପ୍ରସ୍ତୁତ ପାଇଁ ଗୋଟିଏ ପାତ୍ରରେ ମଇଦାରେ ଲେମ୍ବୁ ରସ, ବଟର, ଲୁଣ ଓ ପାଣି ମିଶାଇ ଚକଟି ନିଅନ୍ତୁ । ଏହାକୁ କିଛି ସମୟ ପାଖରେ ରଖିଦିଅନ୍ତୁ । ପ୍ୟାନରେ ପିଆଜ ପକାଇ ଭାଜନ୍ତୁ । ଏହାପରେ ସେଥିରେ ଅଦା ରସୁଣ ପେଷ୍ଟ ଓ ଲୁଣ ମିଶାନ୍ତୁ । କିଛି ସମୟ ପରେ ଏଥିରେ ଶୁଖିଲା ମସଲା ସବୁ ପକାଇ ଭାଜନ୍ତୁ । ଶେଷରେ ମାଂସ ମିଶାଇ ସିଝିଲା ପର୍ଯ୍ୟନ୍ତ ଭାଜନ୍ତୁ । ସିଝିଗଲା ପରେ ଏହାକୁ ଥଣ୍ଡା କରିବା ପାଇଁ ସାଇଡ୍‌ରେ ରଖନ୍ତୁ । ଏହାପରେ ମଇଦା ମିଶ୍ରଣରୁ ଛୋଟଛୋଟ ଗୁଳା କରନ୍ତୁ । ଏହି ଗୁଳାକୁ ଚାରିକୋଣିଆ ଆକାର କରି ବେଲି ସେଥିରେ ପୁର ଦେଇ ପୁଡ଼ିଆ ଭଳି ପ୍ରସ୍ତୁତ କରନ୍ତୁ । ତାପରେ ଏହି ପୁଡ଼ିଆକୁ ତେଲରେ ଛାଣି ପ୍ରସ୍ତୁତ କରନ୍ତୁ ହାଇଦ୍ରାବାଦୀ ଲୁଖମି ।




## ୨୫୦୦ ବର୍ଷ ପୁରୁଣା ଖପୁରୀ



ଏଲ୍ ସାଲଭାଡୋରର ଅଣ୍ଟିଗୁଓ କୁସ୍କାଟଲାନ୍ ଅଞ୍ଚଳରେ ପ୍ରାୟ ୨୫୦୦ ବର୍ଷ ପୁରୁଣା ଏକ ପ୍ରାଚୀନ କବର ଆବିଷ୍କୃତ ହୋଇଛି, ଯାହା ମେସୋଆମେରିକା ଇତିହାସର ସବୁଠାରୁ ପୁରୁଣା ବୋଲି ଆକଳନ କରାଯାଉଛି । ୟେଲ୍ ୟୁନିଭରସିଟିର ଗବେଷକ କାର୍ଲୋସ୍ ଫ୍ଲୋରେସ୍ ମାନଜାନୋଙ୍କ ନେତୃତ୍ୱରେ ଚାଲିଥିବା ଏହି ଖନନ କାର୍ଯ୍ୟରୁ ଏକ ମାନବ ଖପୁରୀ, ସମୁଦ୍ର କାଉପଟା ଆକୃତିର 'ଉସ୍‌ଲୁଟାନ୍' ମାଟିପାତ୍ର ଏବଂ ଆଗ୍ନେୟଗିରି ପାଉଁଶ ତଳେ ସୁରକ୍ଷିତ ଥିବା କନ୍ଦା ଜାତୀୟ ଗଛର ଡାଳ ମିଳିଛି । ମୁହଁ ତଳକୁ କରି ପୋତାଯାଇଥିବା ଏହି ମୃତଦେହର ପ୍ରକୃତ ବୟସ ଜାଣିବା ପାଇଁ ରେଡିଓକାର୍ବନ୍ ଡେଟିଂ ଏବଂ ଲିଙ୍ଗ ନିରୂପଣ ପାଇଁ ଡିଏନ୍‌ଏ ପରୀକ୍ଷା କରାଯାଉଛି । ଗବେଷକଙ୍କ ଅନୁଯାୟୀ, ଏହି ପ୍ରାଚୀନ ସମାଧିଟି ୧୯୭୦ ଦଶକରେ ଏଲ୍ ସାଲଭାଡୋରର ଚାଲ୍‌ଚୁଆପାରେ ମିଳିଥିବା ୩୩ ଜଣଙ୍କ ସମାଧିଠାରୁ ସହ ସମାନତା ରଖିଛି । ଏହା ମାଧ୍ୟମରେ ପ୍ରାୟ ହଜାର ବର୍ଷରୁ ଅଧିକ ପୁରୁଣା ମାନବ ସଭ୍ୟତା ଓ ସଂସ୍କୃତି ବିଷୟରେ ଅନେକ ନୂଆ ତଥ୍ୟ ସାମ୍ନାକୁ ଆସିପାରିବ ।

## ଛେଳିର ମଦପିଆ

ଆମେରିକାର 'ରିବେଲ୍ ଗୋଟ୍ ରାଞ୍ଚ' ଫାର୍ମରେ ଏକ ଅସୁସ୍ଥ ଛେଳିକୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ପାଇଁ ବିୟର ପିଆଯାଉଥିବାର ଏକ ଆଶ୍ଚର୍ଯ୍ୟଜନକ ଏବଂ ଅଜବ ଘଟଣା ସାମ୍ନାକୁ ଆସିଛି । ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ ଛେଳିଟି ବେଶ୍ ଆନନ୍ଦର ସହ ବିୟର ପିଉଥିବାର ଦେଖିବାକୁ ମିଳିଛି । ଯାହାକୁ ଦେଖି ଅନେକ ଲୋକ ଆଶ୍ଚର୍ଯ୍ୟ ଚକିତ ହେବା ସହ ଜଣେ ପଶୁକୁ ବିୟର କାହିଁକି ପିଆଯାଉଛି ବୋଲି ପ୍ରଶ୍ନ ଉଠାଇଥିଲେ । ଏହି ବିଷୟରେ ସ୍ପଷ୍ଟୀକରଣ ଦେଇ ଫାର୍ମ କର୍ତ୍ତୃପକ୍ଷ ଜଣାଇଛନ୍ତି ଯେ ଛେଳିଟିକୁ ସିଧାସଳଖ କିମ୍ବା ସାଧାରଣ ଭାବେ ବିୟର ଦିଆଯାଏ ନାହିଁ । ପ୍ରଥମେ 'ଡାର୍କ ଷ୍ଟାଉଟ୍' ବିୟରରେ ଥିବା ସମ୍ପୂର୍ଣ୍ଣ ଗ୍ୟାସକୁ ସମ୍ପୂର୍ଣ୍ଣ ବାହାର କରିଦିଆଯାଏ । ତାପରେ ଗ୍ୟାସ-ମୁକ୍ତ ବିୟରକୁ ଅଳ୍ପ ପରିମାଣରେ ତାଙ୍କୁ ପିଇବାକୁ ଦିଆଯାଏ, ଯାହା ତା'ର ପାଚନ ତନ୍ତ୍ର ବା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବାରେ ଏବଂ ଚିକିତ୍ସାରେ ସାହାଯ୍ୟ କରିଥାଏ । ତେବେ ଫାର୍ମ ପକ୍ଷରୁ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଏହା ପ୍ରତ୍ୟେକ ଛେଳି ପାଇଁ କିମ୍ବା କୌଣସି ସାଧାରଣ ରୋଗର ନିୟମିତ ଉପଚାର ନୁହେଁ । କେବଳ ଏହି ନିର୍ଦ୍ଦିଷ୍ଟ ଅସୁସ୍ଥ ଛେଳି ପାଇଁ ଡାକ୍ତରୀ ସୂଚନା ଓ ପରାମର୍ଶ କ୍ରମେ ଏହି ପଦ୍ଧତି ଆପଣାଯାଇଥିଲା । ବିଶେଷଜ୍ଞମାନେ ମଧ୍ୟ ସାଧାରଣ ଲୋକଙ୍କୁ ସାବଧାନ କରିଛନ୍ତି ଯେ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ବି ପଶୁଙ୍କୁ ବିୟର କିମ୍ବା ଏହିପରି କୌଣସି ପଦାର୍ଥ ପିଆଇବା ଆଦୌ କରିବା ଉଚିତ୍ ନୁହେଁ ।





**ମେଷ:** କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥ ଲାଭ, ଦୂର ଯାତ୍ରା, ମାନସିକ ଅଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ଅଯଥା କଷ୍ଟ, ପାରିବାରିକ ସୁଖ। ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ବିଷ୍ଣୁ ଭଗବାନ ।

**ବୃଷ:** ପିଲାଙ୍କ ସୁଖ, ବ୍ୟବସାୟରେ ସାମାନ୍ୟ ଲାଭ, ଗୃହେ ସାହାଯ୍ୟ, ଶତ୍ରୁ ପରାଜିତ, କିଛି ମନସ୍ତାପ, ଦ୍ରବ୍ୟ ଲାଭ, ଆଶା ସଫଳ, ସମ୍ପତ୍ତି ଲାଭ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ହେବା କାର୍ଯ୍ୟରେ ବିଳମ୍ବ, ସ୍ୱଜନ ବିରୋଧ, ଶୁଭ ଖବର, ଗୃହେ ସହାୟତା, ବାଣିଜ୍ୟେ ସ୍ୱଳ୍ପ ଲାଭ, ସନ୍ତାନ ସମସ୍ୟା, ଉଚ୍ଚ ବ୍ୟକ୍ତିଙ୍କ ସାହାଯ୍ୟ, ଧର୍ମ କାର୍ଯ୍ୟରେ ଖୁସି। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ଦ୍ରବ୍ୟ ଲାଭ, ସମ୍ମାନ ପ୍ରାପ୍ତି, ଶୁଭ ଆଲୋଚନା, ବ୍ୟକ୍ତି ସହାୟତା, ଶତ୍ରୁ ପରାଜିତ, କର୍ମକ୍ଷେତ୍ରରେ ଲାଭ, ଦାମ୍ପତ୍ୟ ସୁଖ, ବନ୍ଧୁ ଲାଭ, ଦେବଦର୍ଶନ, ନୂତନ ସମାଚାର। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।

**ସିଂହ:** ଅର୍ଥ ହାନି, ବନ୍ଧୁ ସହଯୋଗ, ଆଶା ସଫଳ, ଦୂର ଯାତ୍ରା, ପାରିବାରିକ ସହଯୋଗ, ନୂତନ କର୍ମ ପ୍ରତି ଆଗ୍ରହ, ଦେବକାର୍ଯ୍ୟରେ ସନ୍ତୋଷ, ସ୍ୱଜନ ବିରୋଧ। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' ସନ୍ତୋଷୀ ।

**କନ୍ୟା:** ବାଣିଜ୍ୟେ ଲାଭ, ବନ୍ଧୁ ସମସ୍ୟା, ସନ୍ତାନ ପ୍ରାପ୍ତି, ଉତ୍ସବକୁ ନେଇ ଶୁଭ ଆଲୋଚନା, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା- ପ୍ରଭୁ ହନୁମାନ ।

**ତୁଳା:** କିଛି କାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟଲାଭ, ପାରିବାରିକ ଖୁସି, ଦାମ୍ପତ୍ୟ ଖୁସି, ଅଯଥା ହଇରାଣ, ସମ୍ପତ୍ତି ଲାଭ, ବନ୍ଧୁ ଲାଭ, ନୂତନ ନିଯୁକ୍ତି, ଦୂର ଯାତ୍ରା ସଫଳ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୧୦, ଆରାଧନା- ବୃଷଭ ମହାରାଜ ।

**ବିଛା:** ଅର୍ଥ ଲାଭ, କର୍ମକ୍ଷେତ୍ରରେ ପରିଶ୍ରମ, ଶୁଭ ଖବର, ଦୂର ଯାତ୍ରାରେ କଷ୍ଟ, ସମସ୍ୟା ସମାଧାନ, ବିଶିଷ୍ଟ କାର୍ଯ୍ୟରେ ଧନଲାଭ, ଗୃହେ ଉତ୍ସବ, ସୁମିଷ୍ଟ ଭୋଜନ ପ୍ରାପ୍ତି। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ଶତ୍ରୁରେ ବିଜୟ, ଅଯଥା ଚିନ୍ତା, ଧନଲାଭ, ଗୃହେ କଳହ, ଶୁଭକାର୍ଯ୍ୟକୁ ନେଇ ବିବାଦ, ଦୂର ଯାତ୍ରା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ନୂତନ ନିଯୁକ୍ତି। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ମକର:** ଦେବକାର୍ଯ୍ୟରେ, ଶୁଭ ଆଲୋଚନା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଦ୍ୟାରେ ସଫଳ, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଶୁଭ କାର୍ଯ୍ୟରେ ଧନବ୍ୟୟ, ସନ୍ଥଦର୍ଶନ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଳି, ସଂଖ୍ୟା-୭, ଆରାଧନା- ମା' କୋଟିଲାଇ ।

**କୁମ୍ଭ:** ସ୍ୱାସ୍ଥ୍ୟ ଚିନ୍ତା, ଧର୍ମକାର୍ଯ୍ୟରେ ଖୁସି, ପରିବାରର ସମସ୍ୟା, ସ୍ୱଳ୍ପ ଲାଭ, ସନ୍ତାନ ଚିନ୍ତା, ବନ୍ଧୁ ଗୃହେ ଯାତ୍ରା, ଶତ୍ରୁ ସମସ୍ୟା, ଶୁଭ ଆଲୋଚନା। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ମୀନ:** ଧନଦ୍ରବ୍ୟ ଲାଭ, ଶୁଭ ଖବର, ପାରିବାରିକ ଶାନ୍ତି, ଦ୍ରବ୍ୟ ଲାଭ, ଦାମ୍ପତ୍ୟ ଖୁସି, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ଦେବଦର୍ଶନ, କ୍ରୟବିକ୍ରୟରେ ଶାନ୍ତି। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ମଙ୍ଗଳା ।

ଶ୍ରାବଣ କୃଷ୍ଣପକ୍ଷ ପଞ୍ଚମୀ
୩.୮.୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୨୭୮୪୩୩୮



ରାଷ୍ଟ୍ରପତିଙ୍କ ଆଗମନ ପାଇଁ କାରକେଡ୍ ରିହଲସଲ୍

## ୭ ବର୍ଷର ଛାତ୍ରୀକୁ ଦୁଷ୍କର୍ମ: ଶିକ୍ଷକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର,(ଜିପ୍ର): ଜଣେ ୭ ବର୍ଷୀୟା ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲାରେ କୋଚିଂ ସେଣ୍ଟରର ଜଣେ ଶିକ୍ଷକଙ୍କୁ କଠୋର ଦଣ୍ଡାଦେଶ ଦେଇଛନ୍ତି ପୋସ୍କୋ ଅଦାଲତ । ଅତିରିକ୍ତ ଜିଲା ଜଜ(ପୋସ୍କୋ) ମୋନାଲିସା ମହାନ୍ତି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି । ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।ସୂଚନା ଅନୁଯାୟୀ, ୨୦୨୫ ଅଗଷ୍ଟ ମାସରେ ହରିଚନ୍ଦନପୁର ଅଞ୍ଚଳରେ କୋଚିଂ ସେଣ୍ଟର ଚଳାଉଥିବା ଗୌତମ ମହାନ୍ତ(୩୮) କୋଚିଂରେ ପଢୁଥିବା ଜଣେ ୭ ବର୍ଷୀୟା ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଘଟଣା ସମ୍ପର୍କରେ ପରିବାର ଲୋକ ଜାଣିବା ପରେ ଗାଁରେ ବୈଠକ ହୋଇଥିଲା । ବୈଠକରେ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଥିବା ବେଳେ ସେ ତାଙ୍କ ଦୋଷ ସ୍ୱୀକାର କରିଥିଲେ । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ମାମଲାର ବିଚାର ବେଳେ ୧୫ଜଣ ସାକ୍ଷୀଙ୍କ ବୟାନ ଓ ଉପସ୍ଥାପିତ ପ୍ରମାଣକୁ ଭିତ୍ତି କରି ଶନିବାର ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।

# ଧାମନଗର ବନ୍ୟାର ଦୁର୍ଦ୍ଦଶା : ଛାତରେ ମଣିଷ, ବନ୍ଧରେ ପଶୁ

ଧାମନଗର/ଅସୁରାଳି,(ସବ୍ୟୁ): ପ୍ରକୃତି ଯେବେ କଠୋର ହୁଏ ସେଠି ସବୁ ସାମର୍ଥ୍ୟ ଅସହାୟ ହୋଇ ପଡେ । ଯାହାର ବଡ଼ ଉଦାହରଣ ବୈତରଣୀ ନଦୀରେ ଆସିଥିବା ଗମ୍ଭୀର ବନ୍ୟା । ଏହି ବନ୍ୟା ପ୍ରାକୃତିକ ବିପର୍ଯ୍ୟୟଗ୍ରସ୍ତ ଭଦ୍ରକ ଜିଲ୍ଲାର ଧାମନଗର ଅଂଚଳକୁ ବିପୁଳ ଭାବେ କ୍ଷତି ପହଂଚାଇଛି ।ଜଳପ୍ରଳୟଯୋଗୁଁ ଦୁର୍ଦ୍ଦଶାର ଅନେକ ଅସହାୟ ଦୃଶ୍ୟ ଦେଖିବାକୁ ମିଳିଛି । ବୈତରଣୀ ଓ ଏହାର ଦୁଇ ଶାଖା କୋଚିଲା ଗେଙ୍ଗୁଟି ସମେତ ରେବ,କପାଳ,ଯଅ,କଣ୍ଡିଆ ଭଳି ସବୁ ନଦୀର ବନଯା ଗତ ୫ ଦିନ ଧରି ଏଠାରେ ନାହିଁନଥିବା ଅବସ୍ଥା ସୃଷ୍ଟି କରିଛି । ସ୍ଥିତି ଏମିତି ହୋଇଛି ଯେ ଘର ଛାଡି ଶହଶହ ଲୋକ ଜୀବନ ଭୟରେ ଛାତ ଉପରକୁ ଉଠି ଯାଇଛନ୍ତି । ଅପରପକ୍ଷରେ ଅନୁରୂପ ହଜାର ହଜାର ପଶୁସମ୍ପଦ ନଈ ବନ୍ଧକୁ ଆଶ୍ରା କରିଛନ୍ତି । ଏଥର ବନ୍ୟା ଆକଳନ ବାହାରକୁ ଚାଲି ଯାଇଥିଲା । ଗୋଟିଏ ରାତି ଭିତରେ ବନ୍ୟା ପାଣି ନଦୀକୂଳିଆ ଅଂଚଳ ଭାବେ ପରିଚିତ ସୋହଡା, ପଧାନି, ଅର୍ଜ୍ଜୁନପୁର, ହସନାବାଦ, ବମକୁରା, ପାଳସାହି,ଦଳାଙ୍ଗ,ନଦୀଗାଁ,ଭଟ୍ଟସାହି ଭଳି ଅଂଚଳରେ ଥିବା ଅନେକ ଗାଁ ଗଣ୍ଡାକୁ ମାଡ଼ି ଯାଇ ବିଚ୍ଛିନ୍ନ କରିବା ପରେ ଅନେକ ଘରେ ପଶି ଯାଇଥିଲା । ଏତେ ପାଣି ଥିଲା ଯେ ଅନେକ କୋଠା ଘର ପ୍ରଥମ ମହଲା ଭିତରେ ୩/୪ଫୁଟ ଉଚ୍ଚତା ଛୁଇଁଥିଲା । ଏଭଳି ସ୍ଥିତିରେ ମାଟି ଘର କଥା ନକହିବା ଭଲ । ଲୋକମାନେ ଜୀବନ ଭୟରେ ପିଲାଛୁଆଙ୍କୁ ଧରି ଛାତ ଉପରକୁ ଉଠି ଯାଇଥିଲେ । ଘର କରଣା ଜିନିଷପତ୍ର ପାଣିରେ ଭାସୁଥିବା ବେଳେ ଛାତ ଉପରେ ବି ମଝିରେ ମଝିରେ ବର୍ଷା ଦାଉ ସାଜିଥିଲା । ଘରେ ଥିବା ପଲିଥିନ ଟାଙ୍ଗି ଦିନଦିନ କିଏ ଅଖିଆ ଅପିଆ ଥିଲା ତ କିଏ ମୁଢ଼ି ଚୂଡ଼ା ବିସ୍କୁଟ ଖାଇଥିଲେ । କେତେକ ଘରେ ପାଳିଥିବା ବିଲେଇ କୁକୁରଙ୍କୁ ନେଇ ଛାତ ଉପରେ ରଖିଥିଲେ । ଅବଶ୍ୟ ପ୍ରଶାସନ ଏହି ସବୁ ଅଂଚଳରେ ତ୍ୱରିତ ପଦକ୍ଷେପ ନେଇ ରନ୍ଧା ଖାଦ୍ୟ ବନ୍ଦୋବସ୍ତ କରିଥିଲେ ମଧ୍ୟ ପ୍ରଖର ସ୍ରୋତ ହେତୁ କେତେକ ସ୍ଥାନରେ ପହଁଚିବା ସମ୍ଭବ ହୋଇନଥିଲା । ଏଭଳି ଅଭାବନୀୟ ପରିସ୍ଥିତିରେ କଲବଲ ହୋଇଥିଲା ଗୋ ସମ୍ପଦ । ପାଣି ଘର ଗୁହାଳରେ ଲହଡ଼ି ମାରିବା ଯୋଗୁଁ ଲୋକେ ସେମାନଙ୍କ ଗାଈ ବଳଦ ଛେଳି ମେ଼ା ଆଦିକୁ ନେଇ କିଏ ନଈ ବନ୍ଧ ତ କିଏ ପୋଲ ଉପରେ ବାନ୍ଧି ରଖିଥିଲା ।



ପଶୁସମ୍ପଦ ମଧ୍ୟ ବର୍ଷା ବନ୍ୟାରେ ଡହଳ ବିକଳ ହୋଇଥିଲେ । ନିଜର ଦୁଃଖ ଓ ଦୁର୍ଦ୍ଦଶାକୁ ମୁହଁ ଖୋଲି କହି ପାରିବାର ଶକ୍ତି ନଥିଲେ ବି ସେମାନଙ୍କ ନିରୀହ ନିରବତା ସବୁ କିଛି ବୁଝାଇ ଦେଉଥିଲା । ଏଥର ବନ୍ୟା ବିଭୀଷିକା ହେତୁ ଧାମନଗର ଅଂଚଳର ୧.୬୦ ହଜାର ଜନସାଧାରଣ ପ୍ରଭାବିତ ହୋଇଥିବା ସ୍ଥଳେ ପାଖାପାଖି ୩୪ ହଜାର ପଶୁସମ୍ପଦ ବିପନ୍ନ ହୋଇଛନ୍ତି । ବନ୍ୟାର ପ୍ରକୋ ଏକପ୍ରକାର ଦୂର ହୋଇଛି । କିନ୍ତୁ ଆଜି ବି ଅନେକଦୁଃଖ କଷ୍ଟ ମଧ୍ୟରେ ଛାତ ଉପରେ ମୁଣ୍ଡ ଗୁଞ୍ଜି ଥିବା ଦେଖିବାକୁ ମିଳିଛି ।



# ନବନିଯୁକ୍ତ ୩୩ ଜଣ ଦେୱାନୀ ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ ସମାରୋହ

କଟକ, (ସବ୍ୟୁ): ୨୦୨୩ ବ୍ୟାଚର ନବନିଯୁକ୍ତ ୩୩ ଜଣ ଦେୱାନୀ ନ୍ୟାୟାଧୀଶଙ୍କ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଓଡିଶା ଉଚ୍ଚ ନ୍ୟାୟାଳୟ ର ମୁଖ୍ୟ ବିଚାରପତି ତଥା ଓଡିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ମାନ୍ୟବର ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିବା ସହିତ, ଏକ ବର୍ଷ ର ପ୍ରଶିକ୍ଷଣ ସମାପ୍ତ କରିଥିବା ୩୩ ଜଣ ଦେୱାନୀ ନ୍ୟାୟାଧୀଶ ମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ମାନ୍ୟବର ମୁଖ୍ୟ ବିଚାରପତି, ଓଡିଶା ନ୍ୟାୟିକ ଏକାଡେମୀ ସମିତିର ମାନ୍ୟବର ଅଧ୍ୟକ୍ଷ ଓ ମାନ୍ୟବର ସଦସ୍ୟ ବୃନ୍ଦ ତଥା ଓଡିଶା ଉଚ୍ଚ ନ୍ୟାୟାଳୟ "ବାର୍ଷିକ ସୂଚନା ପୁସ୍ତକ" ସମିତିର ଅଧ୍ୟକ୍ଷ ଏବଂ ମାନ୍ୟବର ସଦସ୍ୟ ମାନଙ୍କ ଦ୍ୱାରା ଓଡିଶା ଉଚ୍ଚ ନ୍ୟାୟାଳୟ ର ୨୦୨୫ ମସିହା ବାର୍ଷିକ ସୂଚନା ପୁସ୍ତକ ଏବଂ ୨୦୨୬ ମସିହା ର ଓଡିଶା ନ୍ୟାୟିକ ଏକାଡେମୀ ର ପତ୍ରିକା "ବିଦ୍ୟା- ୨୦୨୬" ଉନ୍ମୋଚନ କରାଯାଇଥିଲା ।

ଏହି ଉତ୍ସବ ରେ ଓଡିଶା ଉଚ୍ଚ ନ୍ୟାୟାଳୟ ର ବିଚାରପତି ତଥା ଏକାଡେମୀ ସମିତିର ଅଧ୍ୟକ୍ଷ, ତଥା ଓଡିଶା ଉଚ୍ଚ ନ୍ୟାୟାଳୟ ର ବାର୍ଷିକ ସୂଚନା ପୁସ୍ତକ ସମିତିର ଅଧ୍ୟକ୍ଷ, ମାନ୍ୟବର ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ କୃଷ୍ଣରାମ ମହାପାତ୍ର ମହୋଦୟ ଉପସ୍ଥିତ ସଜ୍ଜନ



ବାର୍ଷିକ ସୂଚନା ପୁସ୍ତକ ସମିତିର ସଦସ୍ୟ ମାନ୍ୟବର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର ମହୋଦୟ ସ୍ୱାଗତ ସମ୍ଭାଷଣ ପାଠ କରିବା ସହିତ ବାର୍ଷିକ ସୂଚନା ପୁସ୍ତକ ବାବଦରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଓଡିଶା ଉଚ୍ଚ ନ୍ୟାୟାଳୟ ର ବିଚାରପତି, ଓଡିଶା ନ୍ୟାୟିକ ମଣ୍ଡଳୀଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିବା ସହିତ ଦେୱାନୀ ନ୍ୟାୟାଧୀଶ ମାନଙ୍କୁ ଶୁଭକାମନା ଜଣାଇଥିଲେ । ଉପରୋକ୍ତ ସମାବେଶ ରେ ମାନ୍ୟବର ମୁଖ୍ୟ ବିଚାରପତି ମହୋଦୟ, ଶିକ୍ଷାନବୀଶ ଦେୱାନୀ ନ୍ୟାୟାଧୀଶ ମାନଙ୍କୁ ଜଣେ ବିଚାରପତିଙ୍କ ଠାରୁ ଆଶା କରାଯାଉଥିବା ଆଚରଣ, ଉଚ୍ଚାରଣ, ଅନୁଶାସନ, ବିଚାରାଳୟର ସୁପରିଚାଳନା, ସାଧୁତା ଏବଂ ନିରପେକ୍ଷ ନ୍ୟାୟ ପ୍ରଦାନ ଉପରେ ଆଲୋକପାତ କରିବା ସହିତ, ସେମାନଙ୍କର ଉତ୍ତୋରତ୍ତର ଉନ୍ନତି ପାଇଁ କାମନା କରିଥିଲେ । ଉଚ୍ଚ ନ୍ୟାୟାଳୟ ର ବିଚାରପତି ତଥା ଓଡିଶା ନ୍ୟାୟିକ ଏକାଡେମୀ ସମିତିର ସଦସ୍ୟ ନ୍ୟାୟମୂର୍ତ୍ତି ସୁଶ୍ରୀ ସାବିତ୍ରୀ ରଥ ମହୋଦୟା ନିଜର ବକ୍ତବ୍ୟ ରଖିବା ସମେତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଓଡିଶା ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ କୁମାର ମିଶ୍ର ଙ୍କ ସମେତ ଏକାଡେମୀ ର ଅନ୍ୟାନ୍ୟ ଅଧିକାରୀଗଣ ଓ କର୍ମଚାରୀମାନେ ସହାୟତା କରିଥିଲେ । ଉଦଘୋଷିକା ରୂପେ ଖଣ୍ଡପଡ଼ାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଅଂଗସ୍ୱରୂପା ଚାଟାର୍ଜୀ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ମୁକ୍ତାକାଶ କାରାଶ୍ରମରୁ କଏଦୀ ଖଲାସ

ବାରଙ୍ଗ , (ସବ୍ୟୁ): ନରହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀକୁ ରବିବାର ଆଜୀବନ ସଜାରୁ ମୁକ୍ତି ମିଳିଛି । କଏଦୀ ଜଣକ ବ୍ୟାସଦେବ ଛତାବର ବୋଲି ସୂଚନା ମିଳିଛି । ବ୍ୟାସଦେବ ୧୭ ବର୍ଷ ପୂର୍ବେ ବଲାଙ୍ଗିର ଜେଲରୁ ଜାମୁଝାରି ସ୍ଥିତ ମୁକ୍ତାକାଶ ଜେଲକୁ ଆସିଥିଲେ ।ଚରିତ୍ର ପରିବର୍ତ୍ତନ ପରେ ରାଜ୍ୟପାଳଙ୍କ ସୁପାରିଶ କ୍ରମେ ଆଜି ତାଙ୍କୁ ଖଲାସ କରିଦିଆଯାଇଛି ।ଜେଲ ବିଭାଗରୁ ଖଲାସ ଆଦେଶ ଆସିବା ପରେ ତାଙ୍କୁ ଅଧିକ୍ଷିକା ସ୍ମିତା ମହାନ୍ତି ମୁକ୍ତ କରିଥିଲେ । ଆସିଷ୍ଟାଣ୍ଟ ଜେଲର ସ୍ୱାଗତ ରଞ୍ଜନ ସାହୁ ଓ କଲ୍ୟାଣ ଅଧିକାରୀ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ସହ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଥିବାରୁ ବ୍ୟାସଦେବଙ୍କୁ ଶୁଭ କାମନା ଜଣାଇଥିଲେ ।ବ୍ୟାସଦେବଙ୍କ ମୁକ୍ତ ପରେ ଏବେ କାରାଶ୍ରମରେ କଏଦୀ ସଂଖ୍ୟା ହ୍ରାସ ପାଇ ୩୯ ରେ ପହଞ୍ଚିଛି ।

### ଆକ୍ସନ୍ ମୋଡରେ ଜଳ ସମ୍ପଦ ବିଭାଗ

# ରାଜ୍ୟବ୍ୟାପୀ ତଦାରଖ, ପୁନରୁଦ୍ଧାର କାର୍ଯ୍ୟ ଜୋରଦାର

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ବନ୍ୟା ପରିସ୍ଥିତି ପରେ ଜଳ ବନ୍ଧ ସଂରଚନାର ସୁରକ୍ଷା ଓ କ୍ଷତିଗ୍ରସ୍ତ ସ୍ଥାନଗୁଡ଼ିକର ଶୀଘ୍ର ପୁନରୁଦ୍ଧାର ପାଇଁ ଜଳ ସମ୍ପଦ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛି । ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରୁଥିବାବେଳେ ଆବଶ୍ୟକ ସ୍ଥାନରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯାଇଛି ।

ଯାଜପୁର ଜିଲ୍ଲାର କାଣି ଡାହାଣ ପାର୍ଶ୍ୱ ବନ୍ଧର ବ୍ରହ୍ମଚାରୀପାଟଣା ଏବଂ ବ୍ରାହ୍ମଣୀ ନଦୀର କିମିରିଆପାଲ ନିକଟରେ ହୋଇଥିବା ଅସ୍ଥାୟୀ ଘାଇର ମରାମତି କରିବା କାର୍ଯ୍ୟ ଆରମ୍ଭ ହୋଇଛି । ଆବଶ୍ୟକ ଯନ୍ତ୍ରପାତି, ସାମଗ୍ରୀ ଏବଂ ଜନଶକ୍ତି ନିୟୋଜିତ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି । କଟକ, ପୁରୀ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ଦେଇ ପ୍ରବାହିତ ଦୟା, ରାଜୁଆ, ମକରା, ଭାର୍ଗବୀ, ମହାନଦୀ, କୁଶଭଦ୍ରା ଓ ଦେବୀ ନଦୀର ସମସ୍ତ ନଦୀବନ୍ଧକୁ ଦିନରାତି ନିରନ୍ତର ନିରୀକ୍ଷଣ କରାଯାଉଛି । ଚିହ୍ନଟ ହୋଇଥିବା ସମସ୍ତ ଗଳିଆକୁ ତୁରନ୍ତ ମରାମତି କରାଯାଇ ସମ୍ଭାବ୍ୟ ଘାଇ ସୃଷ୍ଟି ହେବାର ଆଶଙ୍କାକୁ ସଫଳତାର ସହ ଏଡ଼ାଇ ଦିଆଯାଇଛି ।

ଏହି ପରିପ୍ରେକ୍ଷୀରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଦିଲ୍ଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବନ୍ୟା ସେଲ୍ରେ ଅନ୍ୟ ବରିଷ୍ଠ ମୁଖ୍ୟ ଯନ୍ତ୍ରୀମାନଙ୍କ ସହ ଆଜି ପୁନଃ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବର୍ତ୍ତମାନର ବନ୍ୟା ପରିସ୍ଥିତି, ହୀରାକୁଦ ଜଳଭଣ୍ଡାରର ପରିଚାଳନା, ନଦୀଗୁଡ଼ିକର ଜଳପ୍ରବାହ, ତଳମୁଣ୍ଡ ଅଞ୍ଚଳର ସ୍ଥିତି ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ସମସ୍ତ ଯନ୍ତ୍ରୀ, ବନ୍ୟା ନୋଡାଲ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ । ସୁନ୍ଦରଗଡ଼ ଜଳସେଚନ ଡିଭିଜନ୍ ଅଧୀନ କୋପାସିଂଘା ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ର ମଧ୍ୟ ପରିଦର୍ଶନ କରାଯାଇଥିଲା ।



ଇଞ୍ଜିନିୟରିଂ ଦଳକୁ ସତର୍କ ରହିବା, ୨୪ ଘଣ୍ଟା ନଜର ଜାରି ରଖିବା ଏବଂ ଯେକୌଣସି ସମ୍ଭାବ୍ୟ ଚ୍ୟାଲେଞ୍ଜର ତୁରନ୍ତ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭାଗ ପରିସ୍ଥିତି ଉପରେ ନିରନ୍ତର ନଜର ରଖି ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରୁଛି ।

ଏଥିସହ ଖୋର୍ଦ୍ଧା ଜଳସେଚନ ଡିଭିଜନ୍ ଅଧୀନ ବନ୍ଧ ଏବଂ ଜଳସେଚନ ସଂରଚନାଗୁଡ଼ିକର ପରିଦର୍ଶନ କରିଥିଲେ । ତାଙ୍କ ସହ ସେଣ୍ଟ୍ରାଲ ସର୍କଲର ଅତିରିକ୍ତ ମୁଖ୍ୟ

ଜଳ ସମ୍ପଦ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପ୍ରମୁଖ ବନ୍ଧ, ଜଳଭଣ୍ଡାର, ନଦୀବନ୍ଧ ଓ ଜଳସେଚନ ସଂରଚନା ଉପରେ ନିରବଚ୍ଛିନ୍ନ ତଦାରଖ ଜାରି ରହିଛି । ଯେଉଁଠାରେ କ୍ଷୟକ୍ଷତି ହୋଇଛି, ସେଠାରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି । ବନ୍ୟା ପରିସ୍ଥିତିର ସଫଳ ପରିଚାଳନା ସହିତ ଜନସୁରକ୍ଷା ଏବଂ ଜଳ ସଂରଚନାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ବିଭାଗ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିଛି ।

## ପଞ୍ଚାୟତ ଘରଭଡ଼ାକୁ ନେଇ ଗୋଷ୍ଠୀ ସଂଘର୍ଷ : ୧୦ରୁ ଊର୍ଦ୍ଧ୍ୱ ଆହତ,୨ ଅଟକ

ଆଠଗଡ ,(ସବ୍ୟୁ): ଦୀର୍ଘ ଦିନ ଧରି ଶାନ୍ତ ଥିବା ଦହିସରା ଗାଁ ପୁଣି ଥରେ ଅଶାନ୍ତ ହୋଇପଡିଛି । ପଞ୍ଚାୟତ ଘରଭଡ଼ାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୧୦ ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣ କଟକ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଆଠଗଡ ଥାନା ଅନ୍ତର୍ଗତ ମହାକାଳବସ୍ତ ପଞ୍ଚାୟତ ଦହିସରା ଗ୍ରାମ ର ପଞ୍ଚାୟତ ପକ୍ଷରୁ ତିନୋଟି ଦୋକାନ ଘର ନିର୍ମାଣ କରାଯାଇ ଭଡା ଦିଆ ଯାଇଥିଲା । ପଞ୍ଚାୟତ ପକ୍ଷରୁ ଏହାକୁ ପ୍ରସ୍ତାବ ପାରିତ ସହିତ ଚୁକ୍ତି କରି ଦହିସରା ଗ୍ରାମ ପବିତ୍ର ରାଉତ, ରୋହିଣୀ ରାଉତ, ଏବଂ ବିଚିତ୍ରାନନ୍ଦ ରାଉତ୍ରୁ ଉକ୍ତ ଦୋକାନ ଘର ଗୁଡ଼ିକ ୩୦ ହଜାର ମୁଚାଲିକା ଏବଂ ମାସକୁ ୧ ହଜାର ଟଙ୍କା ଭଡା ଚୁକ୍ତି କରି ଦିଆ ଯାଇଥିବା ବେଳେ ଏ ସମସ୍ତ ବ୍ୟକ୍ତି ଗୋଟିଏ ପରିବାରର ହୋଇ ଥିବାରୁ ବିବାଦ ସୃଷ୍ଟି ହୋଇଥିଲା । ସେହି ଗ୍ରାମର ଅନ୍ୟ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରିବାରୁ ପର ମୁହୂର୍ତ୍ତରେ ବିବାଦ ସୃଷ୍ଟି ହୋଇ ବିଭିନ୍ନ ସମୟରେ ଉଭୟ ପକ୍ଷ ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଉଭୟ ପକ୍ଷରୁ କିଛି ଲୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ପରିସ୍ଥିତି ପ୍ରାୟତଃ ଶାନ୍ତ ପଡିଥିଲା । ଗ୍ରାମ ସଭାରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ଅନୁସାରେ ତିନି ଜଣଙ୍କୁ ଘରଭଡ଼ା ଦିଆଯିବା ଏବଂ ଉକ୍ତ ଭଡାକୁ ଗ୍ରାମର ମନ୍ଦିରର ଉନ୍ନତି କରଣ ପାଇଁ ଖର୍ଚ୍ଚ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କିନ୍ତୁ ଶନିବାରି ରାତିରେ ପୁଣି ପବିତ୍ର ରାଉତଙ୍କୁ ଘରଭଡ଼ା ଦିଆଯାଇଥିବା ଜଣା ପଡ଼ିବା ପରେ ବିବାଦର ସୂତ୍ରପାତ ହୋଇଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ ବଚସା କ୍ରମେ ଉଗ୍ର ରୂପ ନେଇ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା ।

## ଆତ୍ମହତ୍ୟା ଉଦ୍ୟମ ବେଳେ ମହିଳାଙ୍କୁ କାବୁ କଲା ପୋଲିସ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଦୀର ୨ୟ ସେତୁ ଚାଉଁରପୁର ବ୍ରିଜ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ ବେଳେ ସଂପୃକ୍ତ ମହିଳାଙ୍କୁ ପୋଲିସ କାବୁ କରିଛି । ତାଙ୍କୁ ଟାଉନ ଥାନାକୁ ଆଣି ପଚରାଉଚରା କରାଯାଇଛି । ପାରିବାରିକ କଳହ ଯୋଗୁଁ ସେ ଏଭଳି ଚରମ ନିଷ୍ପତି ନେଉଥିଲେ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ସମ୍ବଲପୁର ସହର ମୋତିଝରନ୍ ଅଞ୍ଚଳର ଜଣେ ମହିଳା ମଧ୍ୟପ୍ରଦେଶର ସୁନୀଲ ବର୍ମାଙ୍କୁ ବିବାହ କରିଥିଲେ । କୌଣସି କାରଣ ଯୋଗୁଁ ମହିଳା ଜଣକ ନିଜ ବାପ ଘରକୁ ଆସିଥିବା ବେଳେ ତାଙ୍କୁ ନେବା ପାଇଁ ତାଙ୍କ ସ୍ୱାମୀ ଆସିଥିଲେ । ଏଭଳିସ୍ଥଳେ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ମହିଳା ଜଣକ ବ୍ରିଜରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ନିକଟରେ ତାଙ୍କ ସ୍ୱାମୀ ଛିଡା ହୋଇଥିବା ଜଣାପଡିଛି । ଚାଉଁରପୁର ମହାନଦୀ ବ୍ରିଜ ସୁଇସାଇଡ ଜୋନ୍ ପାଲଟିଛି । ହୀରାକୁଦ ଡ୍ୟାମର ଗେଟ୍ ଖୋଲିଲେ ସମ୍ବଲପୁର ମହାନଦୀରେ ଆତ୍ମହତ୍ୟା ବଢୁଛି । ବର୍ତ୍ତମାନ ହୀରାକୁଦ ଡ୍ୟାମର ୨୨ଟି ଗେଟ୍ ଖୋଲା ରହିଛି ।

## ଅଳିଆ ଟ୍ରକ୍କୁ ଅଟକାଇ ଭଙ୍ଗାରୁଜା, ଡ୍ରାଇଭର ଠାରୁ ନେଇଗଲେ ୧୦ ହଜାର

ଭୁବନେଶ୍ୱର, (ସବ୍ୟୁ) : ଶନିବାର ବିଳମ୍ବିତ ରାତିରେ ମୈତ୍ରୀବିହାର ଥାନା ଅନ୍ତର୍ଗତ ନାଲ୍କୋ ଛକରେ ଅଳିଆ ବୋଝେଇ ହାଇଓ୍ୱାକୁ ଦୁର୍ବୃତ୍ତମାନେ ଅଟକାଇ ଭଙ୍ଗାରୁଜା କରିବା ସହ ଡ୍ରାଇଭରକୁ ମାଡ ମାରି ତା'ପକେଟରୁ ୧୦ ହଜାର ଟଙ୍କା ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି । ଜୟଦେବବିହାର-ନନ୍ଦନକାନନ ମୁଖ୍ୟ ରାସ୍ତାରେ ବିଳମ୍ବିତ ରାତିରେ ସଫେଇ କାର୍ଯ୍ୟ ହୋଇଥାଏ । ସଫେଇ ପରେ ଯେଉଁ ଅଳିଆ ଏକଜୁଟ ହୁଏ, ତାକୁ ଟ୍ରକ୍ରେ ଡମ୍ପିଂୟାର୍ଡକୁ ନିଆଯାଇଥାଏ । ଶନିବାର ରାତିରେ ଅଳିଆ ବୋଝେଇ କରି ହାଇଓ୍ୱା ଗାଡିକୁ ଡ୍ରାଇଭର ଡମ୍ପିଂୟାର୍ଡ ଅଭିମୁଖେ ଯାଉଥିବା ବେଳେ ୪/୫ଜଣ ଦୁର୍ବୃତ୍ତ ଏକ ଧଳା ବାଲେନୋ କାର୍ରେ ଆସି ଗାଡିକୁ ଅଟକାଇଥିଲେ ।

ଟ୍ରକ୍ ସାମ୍ନାରେ ସେମାନେ କାର୍କୁ ରଖିଥିବାରୁ ଡ୍ରାଇଭର ଉପାୟଶୂନ୍ୟ ହୋଇ ଗାଡିରୁ ଓହ୍ଲାଇ କ'ଣ ହେଲା ବୋଲି ପଚାରିଥିଲେ । ସେମାନେ ଗାଡି ଅଟକାଇବାର କାରଣ କହିବା ପରିବର୍ତ୍ତେ ଦୁଇଜଣ ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ । ଆଉ ଦୁଇଜଣ ଟ୍ରକ୍ର ସାମ୍ନାକାଚ ଓ ଡୋର କାଚ ପ୍ରଭୃତି ବାଡେଇ ଭାଙ୍ଗି ଦେଇଥିଲେ । ଏହା ଦେଖି ଡ୍ରାଇଭର ଭୟଭୀତ ହୋଇଯାଇଥିଲା । ତେଲ ପକାଇବାକୁ ରଖିଥିବା ୧୦ ହଜାର ଟଙ୍କା ତା'ଠାରୁ ଛଡାଇ ନେଇଥିବା ସେ ଅଭିଯୋଗ କରିଛି ।

ଖବର ପାଇ ପୋଲିସ ଓ ଟ୍ରକ୍ ମାଲିକ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆକ୍ରମଣକାରୀ ଯୁବକମାନେ ଖସିଯାଇଥିଲେ । କ'ଣ ପାଇଁ ସେମାନେ ଏପରି କଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ହୁଏତ ନିଶା ଖାଇବା ପାଇଁ ଟଙ୍କା ଲୁଟ୍ ଉଦ୍ଦେଶ୍ୟରେ ଡ୍ରାଇଭରକୁ ଆକ୍ରମଣ କରି ଟଙ୍କା ଛଡାଇ ନେଇଥିବା ପୋଲିସ ସୂତ୍ରରୁ ଜଣାପଡିଛି । ପୋଲିସ ସିସି କ୍ୟାମେରା ଆଧାରରେ କାର୍ର ନମ୍ବର ପ୍ରଭୃତି ଯାଞ୍ଚ କରିଛି ।

### ପୁରୀ ଜିଲ୍ଲା ରେ ୧୪ ଟି ପଞ୍ଚାୟତର ୧୯ ଟି ଗ୍ରାମ ବନ୍ୟା ପ୍ରଭାବିତ

# ଜିଲ୍ଲାପାଳଙ୍କ ଜଳ ପ୍ଲାବିତ ଅଞ୍ଚଳ ପରିଦର୍ଶନ, ପ୍ରଭାବିତଙ୍କ ସହ ଆଲୋଚନା

ପୁରୀ, (ସବ୍ୟୁ): ଚଳିତ ବନ୍ୟାରେ ପୁରୀ ଜିଲ୍ଲା ବିଶେଷ ଭାବରେ ପ୍ରଭାବିତ ହୋଇଛି । ବନ୍ୟାରେ ଜିଲ୍ଲାର ନିମାପଡା, ପିପିଲି,ଡେଲାଙ୍ଗ, ପୁରୀ ସଦର ଓ କଣାସ ବ୍ଲକର ମୋଟ ୧୪ ଟି ପଞ୍ଚାୟତ ର ୧୯ ଟି ଗ୍ରାମ ପ୍ରଭାବିତ ହୋଇଛି । ଏଥିରେ ମୋଟ ୧୭, ୨୨୧ ଜଣ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜରୁରୀ ବିଭାଗ ସୂଚନା ଦେଇଛନ୍ତି । ଏଯାବତ ୩୪୫ ଜଣ ଙ୍କୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳୀରେ ରଖାଯାଇଛି ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି ଓ କଣାସ ଦୋକନ୍ଦା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ୩୦୦, ପିପିଲି ବ୍ଲକ କଣ୍ଟି ଆଶ୍ରୟସ୍ଥଳୀରେ ୩୦ ଏବଂ ନିମାପଡା ବ୍ଲକରେ କନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ ଜଣ ଙ୍କୁ ସୁରକ୍ଷିତ ଭାବରେ ରଖାଯାଇଛି ଓ ଏତଦ ବ୍ୟତୀତ ଆଜି କଣାସ ବ୍ଲକରେ ୧୦ ହଜାର ପାଣି ବୋତଲ ବଣ୍ଟନ କରାଯାଇଛି । ଜିଲ୍ଲାପାଳ



ଦିବ୍ୟ ଜ୍ୟୋତି ପରିଡା ରବିବାର ପୂର୍ବାହ୍ନରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନାଙ୍କ ସହ କଣାସର ବନ୍ୟା କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିବା ସହିତ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ଜିଲ୍ଲା ଜରୁରୀ ବିଭାଗର ତଥ୍ୟ ଅନୁସାରେ ନିମାପଡା ବ୍ଲକର ଶଗଡା ପଞ୍ଚାୟତ,ପିପିଲି ବ୍ଲକର ପୁବା ଶାସନ, କଣ୍ଟି,ପୋପରଙ୍ଗା,ଓ ଭାରତୀପୁର ପଞ୍ଚାୟତ,କଣାସ ବ୍ଲକର ବଡାଶ, ଦୋକନ୍ଦା, ପାଣ୍ଡିଆକେରା ଓ ଗଡବଳଭଦ୍ରପୁର ପଞ୍ଚାୟତ ଏବଂ ଡେଲାଙ୍ଗ ବ୍ଲକର ସିଂହବରହମପୁର ପଞ୍ଚାୟତ ଓ ପୁରୀ ସଦର ବ୍ଲକର ଗୋପୀନାଥପୁର, କାସିହରେକୃଷ୍ଣପୁର, ଶାସନଦା ମୋଦରପୁର, କାସିହରିପୁର ଗ୍ରାମ ପଂଚାୟତ ପ୍ରଭାବିତ ହୋଇଛି । ପ୍ରଭାବିତ ମାନଙ୍କ ମଧ୍ୟରେ ୪୬ କ୍ୟୁଣ୍ଟାଲ ଚୁଡା ଓ ୫.୩ କ୍ୟୁଣ୍ଟାଲ ଗୁଡ ବଣ୍ଟନ କରାଯାଇଛି । କୃଷି ବିଭାଗର ପ୍ରାଥମିକ ରିପୋର୍ଟ ଅନୁସାରେ ପ୍ରାୟ ୩୨୯୯ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି ।ଚିକିତ୍ସା ସୁବିଧା ପାଇଁ କଣାସ, ପୁରୀ ସଦର, ପିପିଲି ବ୍ଲକରେ ଗୋଟିଏ ଲେଖାଏଁ ମେଡ଼ିକାଲ ଟିମ ମୁତୟନ କରାଯାଇଛି । ବନ୍ୟାର ମୁକାବିଲା ପାଇଁ ପୂର୍ବରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏକ ଆଭାସୀ ବୈଠକ ମାଧ୍ୟମରେ ସମସ୍ତ ବିଡ଼ିଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଆବଶ୍ୟକ ସ୍ଥଳେ ଖାଲୁଆ ଅଞ୍ଚଳ ରୁ ଲୋକ ମାନଙ୍କୁ ଉଦ୍ଧାର କରି ନିରାପଦ ଆଶ୍ରୟ ସ୍ଥଳରେ ରଖିବା, ଖାଦ୍ୟ,ପାନୀୟ ଜଳ, ଚିକିତ୍ସା ପ୍ରଦାନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥଲେ ।ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରେ ରହିଛି ।ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଓ ବନ୍ୟା ର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେବା ସହ ଅଯଥା ଭୟଭୀତ ନ ହେବାକୁ ଅନୁରୋଧ କରିଛନ୍ତି । ଅପରପକ୍ଷରେ ଜଳସ୍ତର ହ୍ରାସ ପାଉଛି ବୋଲି ଜଳସେଚନ ବିଭାଗ ସୂଚନା ଦେଇଛନ୍ତି ।

ADMISSION OPEN FOR THE SESSION 2026 - 27
NIIS INSTITUTE OF INFORMATION SCIENCE & MANAGEMENT
Permitted by Govt. of Odisha & Affiliated to Utkal University
+3 Science (Hons.) (Physics, Chemistry, Mathematics, Botany, Zoology)
+3 Commerce (Hons.) (Accounting & Management)
+3 Arts (Hons.) (Economics, English ,Poltical Sc., Psychology & Sociology)
B.Sc.(CS) Bachelor in Science (Computer Science)
B.Sc.(ITM) Bachelor in Science (Information Technology & Management)
B.Sc.(BT) Bachelor in Science (Biotechnology)
BBA Bachelor in Business Administration
BCA Bachelor in Computer Application
For more details:
SARADA VIHAR, MADANPUR, BHUBANESWAR - 752054
Visit us: www.niisgroup.org / Email: contactus@niisgroup.org
Mob.: 9778899990 / 9778899991

# ତେଲୁଗୁ ବସ୍ତିରେ ସଂଘର୍ଷ : ୮ ଆହତ, ୧୦ ଅଟକ

ଭୁବନେଶ୍ୱର, (ସବ୍ୟୁ) : ସହିଦନଗର ଥାନା ଅଞ୍ଚଳରେ ଥିବା ତେଲୁଗୁ ବସ୍ତିରେ ଶନିବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ମହିଳାଙ୍କ ସମେତ ୮ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି । ପୋଲିସ ପ୍ରାୟ ୧୦ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ହେଲେ ମୁଖ୍ୟ ଅଭିଯୁକ୍ତମାନେ ଖସିଯାଇଥିବା ବସ୍ତିର ମହିଳାମାନେ ଅଭିଯୋଗ କରିଛନ୍ତି । ରାତି ପ୍ରାୟ ୧୨ଟା ବେଳେ ଦଳେ ଯୁବକ ଖଣ୍ଡା, କଟୁରୀ, ଠେଙ୍ଗା ଧରି ତେଲୁଗୁ ବସ୍ତିରେ ପହଞ୍ଚିଥିଲେ । ସେହି ବିଳମ୍ବିତ ରାତିରେ ଯେଉଁମାନେ ବାହାରିଥିଲେ ସେମାନଙ୍କୁ କଟୁରୀ ଓ ଖଣ୍ଡାରେ ଆକ୍ରମଣ କରିବା ସହ ଠେଙ୍ଗାରେ ମଧ୍ୟ ମାଡ ମାରିଥିଲେ । କଟୁରୀ, ଖଣ୍ଡା ଆକ୍ରମଣରେ ଦୁଇଜଣ ଯୁବକଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଆଉ ୨ଜଣଙ୍କ ହାତକୁ ହାଣି ଦେଇଥିବା ପ୍ରତ୍ୟକ୍ଷଦର୍ଶୀ ଜଣେ ମହିଳା କହିଛନ୍ତି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆକ୍ରମଣକାରୀମାନେ ଖସିଯାଇଥିଲେ । ଯେଉଁମାନେ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ମାଡ ମାରି ଆହତ ହୋଇଥିଲେ, ପୋଲିସ ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା । ଗୁରୁତରମାନେ ପୋଲିସ ହେପାଜତରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ୧୦ଜଣଙ୍କୁ ଥାନାରେ ଅଟକ ରଖାଯାଇଛି । ବସ୍ତି ଲୋକଙ୍କ କହିବା କଥା, ଆହତମାନେ ଡାକ୍ତରୀ ଚିକିତ୍ସା ପରେ ଥାନାରେ ଅଛନ୍ତି । କେଉଁ କାରଣ ପାଇଁ ଆକ୍ରମଣ ପ୍ରତିଆକ୍ରମଣ ହେଲା ତାହା ବସ୍ତି ଲୋକମାନେ ସ୍ପଷ୍ଟ ଭାବେ କହିପାରୁ ନାହାନ୍ତି ।





ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳାଭିଶେକ ପାଇଁ ଗଡଗଡିଆ ଘାଟରୁ ଜଳ ଉଠାଉଛନ୍ତି କାଉଡିଆ

## ଖୋର୍ଦ୍ଧା ବ୍ଲକ୍‌ରେ ବନ୍ୟା ବିଭୀଷିକା

# ୧୨ ଶହ ବନ୍ୟାପୀଡ଼ିତଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ଖୋର୍ଦ୍ଧା, (ସବ୍ୟୁ) : ହୀରାକୁଦର ଜଳ ନିଷ୍କାସନ ହେବା ଫଳରେ ତାହା ମହାନଦୀ ଦେଇ ଶାଖା ନଦୀ ଦୟାନଦୀ ମଧ୍ୟକୁ ବନ୍ୟା ଆଶିବା ଦ୍ୱାରା ଦୟାର ଶାଖାନଦୀ ରାଜୁଆକୁ ଉକ୍ତ ବନ୍ୟା ଜଳ ପ୍ରବେଶ କରିଛି । ଖୋର୍ଦ୍ଧା ବ୍ଲକର ବିଭିନ୍ନ ନିମ୍ନାଂଚଳ ଗ୍ରାମରେ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକ୍ରମ ଜୋରଦାର କରାଯାଇଛି । ବିଶେଷକରି ଖୋର୍ଦ୍ଧା ବ୍ଲକର ନରଣଗଡ଼ ଓ ଓରବରସିଂହ ଗ୍ରାମ ପଂଚାୟତର ବନ୍ୟା ପ୍ରଭାବିତ ଅଂଚଳ ଗୁଡ଼ିକରେ ପ୍ରାୟ ୧୧୯୪ ଜଣ ବନ୍ୟାପୀଡ଼ିତ ଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଥିବା ବେଳେ ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ନଜର ରଖିଛି । ଖୋର୍ଦ୍ଧା ବ୍ଲକ ପ୍ରଶାସନ ସୂଚନା ଅନୁଯାୟୀ, ଲଗାତାର ବର୍ଷା ଫଳରେ ବହୁ ସ୍ଥାନରେ ରାସ୍ତାଘାଟ, ଚାଷଜମି ଓ ବସତି ଜଳମଗ୍ନ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ଶିଶୁ, ବୃଦ୍ଧ, ମହିଳା ଏବଂ ଦୈନିକ ମଜୁରିଆଙ୍କୁ ପ୍ରାଥମିକତା ଦେଇ ଖାଦ୍ୟ ଓ ଆବଶ୍ୟକ ସହାୟତା ପହଁଚାଇବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି । ରିଲିଫ କାର୍ଯ୍ୟକ୍ରମ ଅନ୍ତର୍ଗତ ନରଣଗଡ଼ ପଂଚାୟତର ଓରମି ଗ୍ରାମରେ ୩୨୦ ଜଣ (୨୨୦ ଜଣ ବୟସ୍କ ଓ ୧୦୦ ଜଣ ଶିଶୁ)ଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ସେହିପରି ମାନପୁର ଗ୍ରାମରେ ୧୫୦ ଜଣ, ଧବଳପୁର ସରକାରୀ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ରିଲିଫ୍ କେନ୍ଦ୍ରରେ ଆଶ୍ରୟ ନେଇଥିବା ୧୫୦ ଜଣ ବନ୍ୟାପୀଡ଼ିତଙ୍କୁ ମଧ୍ୟ ଖାଦ୍ୟ ଯୋଗାଇ ଦିଆଯାଇଛି ।

ଅନ୍ୟପଟେ ଓରବରସିଂହ ପଂଚାୟତର ହିରିମୂଳ ଗ୍ରାମରେ ୧୭୪ ଜଣ ଏବଂ ଦୁର୍ଗାପୁର ଓ ଡିହଖଳା ଗ୍ରାମର ୪୦୦ଜଣ ବନ୍ୟାପୀଡ଼ିତଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ଏହାକୁ ମିଶାଇ ଗୋଟିଏ ଦିନରେ ମୋଟ ୧୧୯୪ ଜଣ ଲୋକ ପ୍ରଶାସନ ପକ୍ଷରୁ ଖାଦ୍ୟ ସହାୟତା ପାଇଛନ୍ତି । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ ରିଲିଫ୍ କାର୍ଯ୍ୟ ଚାଲିଥିବା ବେଳେ ରାଜସ୍ୱ, ପଂଚାୟତିରାଜ ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ପ୍ରଭାବିତ ଅଂଚଳରେ ନିୟୋଜିତ କରାଯାଇଛି । ପ୍ରତ୍ୟେକ ଗ୍ରାମର ସ୍ଥିତି ସମୀକ୍ଷା କରି ବିପନ୍ନ ପରିବାର ଚିହ୍ନଟ ସହ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରାଯାଉଛି ।

ପ୍ରଶାସନ ପକ୍ଷରୁ ଜଳସ୍ତର ଉପରେ ୨୪ ଘଂଟିଆ ନଜର ରଖିବା ସହ ଯେକୌଣସି ନୂତନ ଜଳାବଦ୍ଧତା କିମ୍ବା ନଦୀବନ୍ଧ କ୍ଷୟ ସମ୍ପର୍କିତ ସୂଚନା ତୁରନ୍ତ ପହଁଚାଇବାକୁ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ପଟିଆ ଷ୍ଟାରସିଟି ଏବେ ଅସାମାଜିକ ଯୁବକଙ୍କ ଆଡ୍ଡା

ଭୁବନେଶ୍ୱର (ସବ୍ୟୁ): ପଟିଆସ୍ଥିତ ଷ୍ଟାରସିଟି ଏଇ କେତେମାସ ହେଲା ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । କିଛି ଯୁବକ ଯୁବତୀ ନିକଟସ୍ଥ ବସ୍ତି ଅଞ୍ଚଳରୁ ଆସି ଏକ ପରିତ୍ୟକ୍ତ ପୁରାତନ ହଷ୍ଟେଲ ବିଲ୍ଡିଂରେ ପଶି ମଦ୍ୟ, ଗଞ୍ଜେଇ ଓ ବ୍ରାଉନ ସୁଗାର ସେବନ କରି ନିକଟସ୍ଥ ଘରମାନଙ୍କରୁ ଦିନ ଦ୍ୱିପହରରେ ଜୋର ଜବରଦସ୍ତ ଚୋରି କରୁଛନ୍ତି ଓ ସେମାନଙ୍କୁ ପ୍ରତିରୋଧ କଲେ ଧମକଚମକ ଦେଉଛନ୍ତି । ନିକଟସ୍ଥ ଥାନାରୁ ଅନେକଥର ପିସିଆର ଭ୍ୟାନ୍ ଅଭିଯୋଗ ପାଇ ଆସୁଛନ୍ତି ।କିନ୍ତୁ ସେମାନେ ଆସିବା ଦେଖି ଅସାମାଜିକ ଯୁବକମାନେ ଲୁଚି ଯାଉଛନ୍ତି । ଏ ସମ୍ପର୍କରେ ଖୁବ ଶୀଘ୍ର ଷ୍ଟାରସିଟି ମଙ୍ଗଳ ସମିତି ପକ୍ଷରୁ ଏକ ସ୍ମାରକପତ୍ର ପୋଲିସ ବିଭାଗକୁ ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସମିତିର ସମ୍ପାଦକ ବରିଷ୍ଠ ନାଗରିକ ଶ୍ରୀ ଭୁବନ ମୋହନ ଦାଶ ପ୍ରକାଶ କରିଛନ୍ତି ।

# ଜୈବିକ ଚାଷ, କନ୍ଧମାଳ ଏକ ନମ୍ବର

ଭୁବନେଶ୍ୱର,(ତଥ୍ୟ) ନିଜର ଜୈବିକ ଅଦା ଓ ହଳଦୀ ପାଇଁ ଦେଶ ବିଦେଶରେ ବେଶ୍ ପରିଚିତ କନ୍ଧମାଳ ଜିଲ୍ଲା ଜୈବିକ ଚାଷ କ୍ଷେତ୍ରରେ ମଧ୍ୟ ଏକ ନମ୍ବର । ଏହି ଜିଲ୍ଲାରେ ଚାଷୀମାନେ ପାଖପାଖି ୧୦ହଜାର ହେକ୍ଟର ଜମିରେ ଜୈବିକ ଚାଷ କରୁଛନ୍ତି । ରାଜ୍ୟରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବାପାଇଁ ଏକାଧିକ ଯେଜାନା କାର୍ଯ୍ୟକାରୀ ହେଉଛି । ୧୮ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାଗୁଡିକ ହେଲା ପରମ୍ପରାଗତ କୃଷି ବିକାଶ ଯୋଜନା, ଜାତୀୟ ପ୍ରାକୃତିକ କୃଷି ମିଶନ ଏବଂ ବଳଭଦ୍ର ଜୈବିକ ଚାଷ ମିଶନ । ଏହି ମିଶନ ଜରିଆରେ ଅମୃତ ଅନ୍ନ ଯୋଜନା ଓ ଜୈବିକ ସାରର ପ୍ରସାର ଆଦି ରହିଛି ।

ପରମ୍ପରାଗତ କୃଷି ବିକାଶ ଯୋଜନା ଚାରିଟି ଜିଲ୍ଲା ଯଥା କନ୍ଧମାଳ, କେନ୍ଦୁଝର କୋରାପୁଟ ଓ ମୟୁରଭଞ୍ଜ ଜିଲ୍ଲାରେ କାର୍ଯ୍ୟାକାରୀ ହେଉଛି । କନ୍ଧମାଳ ଓ ମୟୁରଭଞ୍ଜରେ ସର୍ବାଧିକ ୨ହଜାର ହେକ୍ଟରରେ ଏହା ହେଉଥିବାବେଳେ କୋରାପୁଟରେ ୧୫୦୦ ଓ କେନ୍ଦୁଝର ଜିଲ୍ଲାରେ ୧୦୦୦ ହେକ୍ଟରରେ ଜୈବିକ ଚାଷ କରାଯାଉଛି । ସେହିଭଳି ପ୍ରାକୃତିକ କୃଷି ମିଶନ ଯୋଜନା ୧୦ଟି ଜିଲ୍ଲାରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଉଛି । ଏହିସବୁ ଜିଲ୍ଲାଗୁଡିକ ମଧ୍ୟରେ ରହିଛି ଅନୁଗୁଳ, ବଲାଙ୍ଗିର, ବରଗଡ, ଦେବଗଡ, ଢେଙ୍କାନାଳ, ଝାରସୁଗୁଡା, କଳାହାଣ୍ଡି, ନବରଙ୍ଗପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ । ଏହିସବୁ ଜିଲ୍ଲାରେ ୨୪ହଜାର ହେକ୍ଟରରୁ ଅଧିକ ଜମିରେ ଜୈବିକ ଚାଷ କରାଯାଉଛି । ୨୭୦ ହେକ୍ଟର ଜମିରେ ଅମୃତ ଅନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଚାରିଟି ଜିଲ୍ଲା ଯଥା ବରଗଡ, କଟକ, ଖୋର୍ଦ୍ଧା ଓ କୋରାପୁଟ ଜିଲ୍ଲାରେ ଏହା ସୀମିତ ରହିଛି । ବରଗଡ ଜିଲ୍ଲାରେ ସର୍ବାଧିକ ୯୦ ହେକ୍ଟର ଜମିରେ ଅମୃତ ଅନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ କଟକ ଓ କୋରାପୁଟ ଏହା ୮୦ହେକ୍ଟର କରି ରହିଛି । ଖୋର୍ଦ୍ଧା ଜିଲ୍ଲାରେ ଏହାର ପରିମାଣ ମାତ୍ର ୨୦ ହେକ୍ଟର ରହିଛି ।

ତେବେ ବଳଭଦ୍ର ଜୈବିକ ଚାଷ ମିଶନ ଜରିଆରେ ଚାଲିଥିବା ଜୈବିକ ସାରର ପ୍ରସାର ଯୋଜନାରେ ରାଜ୍ୟରେ ୧୬ହଜାର ହେକ୍ଟରରୁ ଅଧିକ ଜମି ସାମିଲ ରହିଛି । ଏଥି ମଧ୍ୟରେ କନ୍ଧମାଳ ଜିଲ୍ଲାରେ ସର୍ବାଧିକ ୭୪୫୩ ହେକ୍ଟର ଜମି ଥିବାବେଳେ ମାଲକାନଗିରି ଜିଲ୍ଲାରେ ଏହାର ପରିମାଣ ୫୫୪୭ ହେକ୍ଟର, ମୟୁରଭଞ୍ଜରେ ୨୬୦୦ ହେକ୍ଟର, କୋରାପୁଟରେ ୨୧୮୦ ହେକ୍ଟର ରହିଛି । ଜୈବିକ ପଦ୍ଧତିରେ ଚାଷ କରିବାପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି । ସେମାନଙ୍କର ଆୟ ବୃଦ୍ଧି ପାଇଁ ଜୈବିକ ଉତ୍ପାଦଗୁଡିକର ପ୍ରାଥମିକ ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ କରାଯାଉଛି । ତେବେ ଜୈବିକ ପଦ୍ଧତିରେ ହେଉଥିବା ଫସଲ ମଧ୍ୟରେ ରହିଛି ଦେଶୀ ବାସନା ଧାନ, ମୁଗ, ବିରି, ହରଡ, ଝୁଡଙ୍ଗ, ରାଶି, ସୋରିଷ, ଅଳସି, ଅଦା, ହଳଦୀ ଓ ଅନ୍ୟାନ୍ୟ ପନିପରିବା । ଉଭୟ ଜାତୀୟ ଓ ଅର୍ନ୍ତଜାତୀୟ ବଜାରରେ ଜୈବିକ ପଦ୍ଧତିରେ ହେଉଥିବା ଫସଲର ବେଶ୍ ଚାହିଦା ଥିବାରୁ ବିଭିନ୍ନ ଜିଲ୍ଲାରେ ଚାଷୀମାନେ ଏହି ଚାଷ ପଦ୍ଧତିକୁ ଆପଣେଇବା ସହିତ ରପ୍ତାନି ସୁଯୋଗର ଲାଭ ଉଠାଉଛନ୍ତି । ତେବେ ଧାନ କ୍ଷେତରେ ଜୈବିକ ଚାଷପାଇଁ ଆବଶ୍ୟକ ହେଉଥିବା ଧନିଚା ଭଳି ସବୁଜ ସାରର ଅହେତୁକ ଦରବୃଦ୍ଧି ଓ ଠିକଣା ସମୟରେ ଉପଲବ୍ଧ ହେଉନଥିବାରୁ ଚାଷୀମାନେ ଚାହିଁଲେ ମଧ୍ୟ ଜୈବିକ ଚାଷର ଲାଭ ଉଠାଇ ପାରୁନଥିବା ଲକ୍ଷ୍ୟ କରାଯାଉଛି ।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ର ସଂକଳ୍ପ ସମାବେଶ

# ସରକାର ଯୁବ ଓ ଛାତ୍ର ସମାଜ ବିରୋଧୀ : ବିନୋଦ ଜାଖର

ଭୁବନେଶ୍ୱର, (ସବ୍ୟୁ) : ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଛାତ୍ର ସଂକଳ୍ପ ସମାବେଶ ଆୟୋଜିତ ହୋଇଥିଲା । ଏଠାରେ ନବନିଯୁକ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୁତିଭୂଷଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ ସହ ଛାତ୍ର କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ପାଇଁ ସଂକଳ୍ପ ନିଆଯାଇଥିଲା । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାପାଇଁ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ବିନୋଦ ଜାଖରଙ୍କୁ ଏୟାରପୋର୍ଟ ଠାରୁ ଏକ ବିଶାଳ ବାଇକ୍ ରାଲିରେ ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଅଣାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜାଖର କହିଥିଲେ ଯେ କେନ୍ଦ୍ର ସରକାର ଯୁବ ଓ ଛାତ୍ର ସମାଜ ବିରୋଧି । ଯନ୍ତର ମନ୍ତରରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପ୍ରତିବାଦରେ ଆନ୍ଦୋଳନ କରୁଥିବା ଛାତ୍ର ସମାଜକୁ ସରକାର ଯେଉଁ ଆଚରଣ ପ୍ରଦର୍ଶନ କଲା ଏହା ଦୁର୍ଭାଗ୍ୟଜନକ । ସାରା ଦେଶର ବିଭିନ୍ନ ରାଜ୍ୟରେ ଛାତ୍ର ସମାଜ ଭୁଷୁଡ଼ି ଯାଇଥିବା ଶିକ୍ଷାବ୍ୟବସ୍ଥା ବିରୋଧରେ ଲଢ଼େଇ କରୁଛନ୍ତି । ଶିକ୍ଷା ନାମରେ ବ୍ୟବସାୟ ଚାଲିଛି । ନିଟ ପେପର ଲିକ ଘଟଣା ମୋଦି ସରକାରର ଅସଲ ଚେହେରାକୁ



ପଦାରେ ପକାଇଛି । ମୋଦି ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛନ୍ତି । ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପାଇଁ ଦେଶର ୨୨ ରୁ ଅଧିକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ଯନ୍ତରମନ୍ତରରେ ଛାତ୍ରଙ୍କ ଉପରେ ଅମାନବୀୟ ଲାଠିଚାର୍ଜ, ଟିୟର ଗ୍ୟାସ ପ୍ରୟୋଗ ଏବଂ ପଥରମାଡ଼ ଘଟଣା ଏ ଦେଶରେ ଚାଲିଥିବା ହିଟଲରୀ ରାଜକୁ ପଦାରେ ପକାଇଛି । ବିହାରରେ ନିର୍ଦ୍ଦୋଶ ଛାତ୍ରଙ୍କ ଉପରେ ଗୁଳିମାଡ ସରକାରର ଫାଶୀବାଦୀ ମାନସିକତାକୁ ପଦାରେ ପକାଇଛି । ଦେଶର ଗୃହମନ୍ତ୍ରୀଙ୍କ ପ୍ରତି ଛାତ୍ର କଂଗ୍ରେସ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଯନ୍ତରମନ୍ତର ହେଉ, ବିହାର ଓ ଅନ୍ୟ ରାଜ୍ୟରେ ନ୍ୟାୟ ମାଗୁଥିବା ଛାତ୍ରମାନଙ୍କୁ ଅକଥନୀୟ ଅତ୍ୟାଚାର କରିବାକୁ ସରକାରଙ୍କର ଗୁପ୍ତ ନିର୍ଦ୍ଦେଶ ରହିଛି ।

କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ ଯେ ଓଡ଼ିଶାର ଛାତ୍ରଛାତ୍ରୀ ରାଜରାସ୍ତାରେ ଛିଡ଼ା ହେଉନଥିବାରୁ କଲେଜ ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନ ହେଉନାହିଁ । ଛାତ୍ରମାନଙ୍କ ପ୍ରତି ବାରମ୍ବାର ଅନ୍ୟାୟ ହେଉଛି । ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଶିକ୍ଷା ବ୍ୟବସ୍ଥାର ମା ବାପା କେହି ନାହାନ୍ତି । ସ୍କୁଲ କଲେଜ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ୫୦ ପ୍ରତିଶତ ଶିକ୍ଷକ, ଅଧ୍ୟାପକ ଏବଂ ଅନ୍ୟାନ୍ୟ ଷ୍ଟାଫ ନାହାନ୍ତି । ଛାତ୍ରଙ୍କ ଭବିଷ୍ୟତ ସହିତ ସରକାର ଖେଳୁଛନ୍ତି । ଦେଶରେ ପେପର ଲିକ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ମୁଣ୍ଡ ନୁଆଇବା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପରେ ମଧ୍ୟ ଓଡ଼ିଶାରେ ମେଡିକାଲ ପିଜି ପ୍ରଶ୍ନପତ୍ର ଲିକ ହୋଇଯିବା ଦୁର୍ଭାଗ୍ୟଜନକ । ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଓଡ଼ିଶାର ଗଣଶିକ୍ଷା ବିଭାଗ ଓଡ଼ିଶାର ଛାତ୍ରଛାତ୍ରୀ ମାନଙ୍କୁ ନିମୁଡ଼ା ନୃତ୍ୟ କରିବାପାଇଁ ବ୍ୟବସ୍ଥା କରିଦେଇଛନ୍ତି । ସରକାରୀ ପାଠ୍ୟପୁସ୍ତକରେ ୨୦୦୦ ରୁ ଉର୍ଦ୍ଧ୍ୱର୍ ତ୍ରୁଟି । କର୍ଣ୍ଣଟକର ବିଧାନସଭାକୁ ଓଡ଼ିଶାର ବିଧାନସଭା ବୋଲି ଦର୍ଶାଯାଇଛି । ଛାତ୍ରଶକ୍ତି ଜାଗ୍ରତ ହେଲେ ଓଡ଼ିଶା ଜାଗିବ । ନବନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର କହିଲେ ଯେ ପ୍ରତି କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର କଂଗ୍ରେସ ସଂଗଠନକୁ ମଜବୁତ କରାଯିବ । ଛାତ୍ର କଂଗ୍ରେସ ଏ ସରକାରକୁ ହଟାଇବ । ଓଡ଼ିଶାର ଶିକ୍ଷାବ୍ୟବସ୍ଥାର ସୁଧାର ପାଇଁ ଏବଂ ଓଡ଼ିଶାର ଛାତ୍ର ସମାଜର ସ୍ୱାର୍ଥ ପାଇଁ ଛାତ୍ର କଂଗ୍ରେସ ଅବିଶ୍ରାନ୍ତ ଲଢ଼େଇ କରିବ । ଛାତ୍ର କଂଗ୍ରେସ ହେଉଛି ଓଡ଼ିଶାର ଛାତ୍ର ମାନଙ୍କର ସ୍ୱର । ଛାତ୍ରବିରୋଧି ବିଜେପି ସରକାର ବିରୋଧରେ ଛାତ୍ର କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ ।

**ସରକାରୀ ଶିକ୍ଷା ବିଭାଗର ମା ବାପା ନାହାନ୍ତି: ଭକ୍ତ**

# ଆକ୍ୱାପଲ୍ସର ଅଭିଷେକ ଦ୍ୱିବେଦୀଙ୍କୁ 'ସିଇଓ କନକ୍ଲେଭ୍ ଏକ୍ସଲେନ୍ସ ଆୱାର୍ଡ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ଭିତ୍ତିକ 'ପୋଖରୀରୁ ବନ୍ଦର' ଚିଙ୍ଗୁଡ଼ି କମ୍ପାନୀର ସହ-ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ୨ୟ ଜାତୀୟ ସିଇଓ କନକ୍ଲେଭ୍‌ରେ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ପାଇଁ ସ୍ୱୀକୃତିପ୍ରାପ୍ତ କ୍ଷ ଓଡ଼ିଶା-ଭିତ୍ତିକ ସମନ୍ୱିତ ଜଳକୃଷି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି କମ୍ପାନୀ ଆକ୍ୱାପଲ୍ସର ସହ-ପ୍ରତିଷ୍ଠାତା, ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅଭିଷେକ ଦ୍ୱିବେଦୀ 'ସିଇଓ କନକ୍ଲେଭ୍ ଏକ୍ସଲେନ୍ସ ଆୱାର୍ଡ ୨୦୨୬'ରେ 'ବର୍ଷର ଶ୍ରେଷ୍ଠ ସିଇଓ' ଭାବେ ସମ୍ମାନିତ ହୋଇଛନ୍ତି । ଏହି ପୁରସ୍କାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ୨ୟ ଜାତୀୟ ସିଇଓ କନକ୍ଲେଭ୍‌ରେ ପ୍ରଦାନ କରାଯାଇଥିଲା, ଯାହା 'ଇନସ୍ପାୟାରିଂ ଦି ନେସନ୍' ପ୍ରସଙ୍ଗରେ ଆୟୋଜିତ ହୋଇଥିଲା । ଏହି ସ୍ୱୀକୃତି ପୂର୍ବ ଭାରତର ଅନ୍ୟତମ ଦ୍ରୁତ ବର୍ଦ୍ଧିଷ୍ଣୁ ଜଳକୃଷି ଉଦ୍ୟୋଗ ଗଠନରେ ଦ୍ୱିବେଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିଛି । ଦ୍ୱିବେଦୀଙ୍କ ନେତୃତ୍ୱରେ



ଆକ୍ୱାପଲ୍ସ ଏକ 'ପୋଖରୀରୁ ବନ୍ଦର' ମଡେଲର ପଥ ପ୍ରଦର୍ଶନ କରିଛି ଏକ ସମନ୍ୱିତ ବ୍ୟବସ୍ଥା ଯାହା ଉପକୂଳ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର କ୍ଷୁଦ୍ର ଚିଙ୍ଗୁଡ଼ି ଚାଷୀମାନଙ୍କୁ ବିଶ୍ୱ ସାମୁଦ୍ରିକ ଖାଦ୍ୟ ବଜାର ସହ ଯୋଡିଛି ଏବଂ ଏହା ଏକ ସ୍ୱତନ୍ତ୍ର ପ୍ରଯୁକ୍ତି ଓ ପଥ-ନିର୍ଣ୍ଣୟ (ଟ୍ରେସେବିଲିଟି) ବ୍ୟବସ୍ଥା ଉପରେ ଆଧାରିତ । ପ୍ରଯୁକ୍ତି-ଚାଳିତ, ଚାଷୀ-କେନ୍ଦ୍ରିକ ଉଦ୍ୟୋଗ ପାଇଁ ତାଙ୍କ ଦୂରଦୃଷ୍ଟି ଏହି ଅଞ୍ଚଳକୁ ଜାତୀୟ ନୀଳ ଅର୍ଥନୀତି ମାନଚିତ୍ରରେ ସ୍ଥାନିତ କରିଛି ଏବଂ ତାଙ୍କୁ ଦେଶର ଉଦୀୟମାନ ବ୍ୟବସାୟ ନେତାମାନଙ୍କ ମଧ୍ୟରେ ସ୍ୱୀକୃତି ଦେଇଛି ।

## ଯୁବପିଢୀଙ୍କୁ ନିଶାମୁକ୍ତ ପାଇଁ ଯୁବଶକ୍ତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

# ପ୍ରଧାନମନ୍ତ୍ରୀଙ୍କ ଆଭାସୀ କାର୍ଯ୍ୟକ୍ରମରେ ଯୋଡ଼ିହେଲେ ଟେଟ୍ରାହେଡ୍ରନର ଅଧ୍ୟକ୍ଷ

କଟକ,(ସବ୍ୟୁ): ମାଇଁ ଭାରତ କଟକ ଓ ଟେଟ୍ରାହେଡ୍ରନ ଗ୍ରୃପ ଅଫ ଇନଷ୍ଟିଚ୍ୟୁସନର ମିଳିତ ଆନୁକୁଲ୍ୟରେ ବିକଶିତ ଭାରତ ପାଇଁ ଯୁବଶକ୍ତିକୁ ପ୍ରଧାନମନ୍ତ୍ରୀଙ୍କ ଆଭାଷି ମାଧ୍ୟମରେ ପରାମର୍ଶ କାର୍ଯ୍ୟକ୍ରମ ଟେଟ୍ରାହେଡ୍ରନ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି । ମାଇଁ ଭାରତ ଜିଲ୍ଲା ଯୁବ ଅଧିକାରୀ ରୋଶନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ ଓ ଯୁବ ସଂଗଠକ ବିଶ୍ୱଜିତ ଆଞ୍ଚଲ ପ୍ରମୁଖ ଯୋଗଦେଇ ନିଶାମୁକ୍ତ ପାଇଁ ଯୁବଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ବନ୍ଦେ ମାତରଂ ସଂଗୀତ ଗାନ କରାଯାଇ ଶପଥ ପାଠ କରାଯାଇଥିଲା । ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାଷି ମାଧ୍ୟମରେ ଯୋଡି ହୋଇ ବର୍ତ୍ତମାନର ଯୁବ ଗୋଷ୍ଠୀ ନିଶାଗ୍ରସ୍ତ ହୋଇ ଅବାଟରେ ଯିବା ସହ ରୋଗଗ୍ରସ୍ତ ଅବସ୍ଥାରେ ବିଭିନ୍ନ ନକରାତ୍ମକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ।ସେମାନଙ୍କୁ ଏଭଳି କୁପଥରୁ ନିବର୍ତ୍ତେଇବାକୁ ପଡ଼ିବ । ବିକଶିତ ଭାରତ ନିମିତ୍ତ ଯୁବକ ମାନଙ୍କୁ ନିଶାମୁକ୍ତ କରାଇବାରେ ଯୁବଶକ୍ତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଭାଷି ମାଧ୍ୟମରେ ଭାରତର ଯୁବକ ମାନଙ୍କୁ




ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ନିଶାମୁକ୍ତ ସଚେତନତା ପୋଷ୍ଟର ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରନର କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ଜଙ୍ଗଲରୁ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗାଁରେଇ ଓ କଟାଡୁଙ୍ଗୁରୀ ଗ୍ରାମ ମଝିରେ ଥିବା ଜାମୁ ଜଙ୍ଗଲର ଏକ ଗଛରୁ ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି । ଏହା ହତ୍ୟା ନା ଆତ୍ମହତ୍ୟା ବର୍ତ୍ତମାନ ସୁଦ୍ଧା କାରଣ ଅସ୍ପଷ୍ଟ ରହିଛି । ଖବର ଲେଖା ସୁଦ୍ଧା ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିନାହିଁ । ସ୍ଥାନୀୟ କିଛି ଗ୍ରାମବାସୀମାନେ ଦାନ୍ତକାଠି ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଏହି ଝୁଲନ୍ତା ମୃତଦେହକୁ ଦେଖି ମୁରିବାହାଲ ଥାନା ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା । ମୃତ ବ୍ୟକ୍ତିଙ୍କ ଆନୁମାନିକ ବୟସ ୪୫ ରୁ ୫୦ବର୍ଷ ମଧ୍ୟରେ ହେଉଥିବା ବେଳେ ସାମାନ୍ୟ ମାନସିକ ବିକୃତି ଯୋଗୁଁ ସେ ଦୀର୍ଘ ଦିନରୁ ଆଖପାଖ ଅଞ୍ଚଳରେ ଭିକ୍ଷା ବୃତ୍ତି କରୁଥିବା ବେଳେ ତାଙ୍କର ପ୍ରକୃତ ପରିଚୟ କେହି ଜାଣିନଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ମୃତ ବ୍ୟକ୍ତିଜଣଙ୍କ ଏକ ଗାମୁଛା ଓ ବେନିୟନ ପିନ୍ଧି ଥିବା ବେଳେ ଆଉ ଏକ ଗାମୁଛାରେ ଗଛରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । କିନ୍ତୁ ମୃତକଙ୍କ ଉଭୟ ଆଣ୍ଠୁ ମାଟିତଳେ ଲାଗିଥିବାରୁ ପ୍ରକୃତରେ ଏହା ଆତ୍ମହତ୍ୟା ନା ତାଙ୍କୁ କେହି ବାହାରେ କେଉଁଠି ହତ୍ୟା କରି ଆଣି ଆତ୍ମହତ୍ୟାର ରୂପ ଦେଇଛି । ପୁଲିସର ଅଧିକ ତଦନ୍ତ ପରେ ସ୍ପଷ୍ଟ ଜଣାପଡିବ । ମୁରିବାହାଲ ଥାନା ଆଇଆଇସି ବୁଲୁ ମୁଣ୍ଡା ଓ ସବଇନ୍ସପେକଟର ପ୍ରମୋଦ କୁମାର ପଧାନଙ୍କ ସହ ପୁଲିସ କର୍ମଚାରୀ ପହଞ୍ଚି ଅଧିକ ତଦନ୍ତ ପରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଇଥିଲେ । ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ଜଣାପଡ଼ିନଥିବାରୁ ଚିହ୍ନଟ ପାଇଁ ମୃତଦେହକୁ ମେଡିକାଲ୍ ଫ୍ରିଜରରେ ୭୨ଘଣ୍ଟା ପାଇଁ ରଖାଯିବ ଓ ଚିହ୍ନଟ ନ ହେଲେ ଏହା ପରେ ଦାହ କରିଦିଆଯିବ ବୋଲି ତଦନ୍ତକାରୀ ଏସଆଇ ଶ୍ରୀ ପଧାନ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଥାନାରେ ଅପମୃତ୍ୟୁ କେଶ ନମ୍ବର ୦୭/୨୬ ରୁଜ୍ଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ବୁଲୁ ମୁଣ୍ଡା ପ୍ରକାଶ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ

ଭୁବନେଶବର,(ସବ୍ୟୁ): ସଭା ପରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଭାପତି, ପିସିସି ସଭାପତି ଓ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଏକ ବିଶାଳ ବିକ୍ଷୋଭ ରାଲି ମାଷ୍ଟରକ୍ୟାଂଟିନ ଛକରୁ ବାହାରି ଅଯୋଗ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ପାଇଁ ଯାଇଥିଲା । ଲୋୟର ପିଏମଜି ଠାରେ ପୋଲିସ ସହ ଏକଘା କାଳ ଧସ୍ତାଧସ୍ତି ହୋଇଥିଲା । ଛାତ୍ର କଂଗ୍ରେସ କର୍ମକର୍ତ୍ତା ତିନୋଟି ପୋଲିସ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବା ବେଳେ ସୋମାନଙ୍କୁ ପୋଲିସ ଭ୍ୟାନଯୋଗେ ଉଠାଇ ନେଇଥିଲା । ଘଟଣାସ୍ଥଳରୁ ପିସିସି ସଭାପତିଙ୍କୁ ମଧ୍ୟ ପୋଲିସ ଗାଡ଼ି ଯୋଗେ ଉଠାଇ ନିଆଯାଇଥିଲା । ପୂର୍ବତନ ଛାତ୍ର କଂଗ୍ରେସ ସଭାପତିୟାସିର ନଓ୍ୱାଜ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ସଭାରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର କର୍ମକର୍ତ୍ତା କବୀର ଅହମ୍ମଦ, ନିରଜ ରାୟ, ପୂର୍ବତନ ଛାତ୍ର କଂଗ୍ରେସ ଦେବାଶିଷ ପଟ୍ଟନାୟକ, ମିଳନ ପଟ୍ଟନାୟକ, ଅଭିଳାଶ ମାଣିଆ, କୃଷ୍ଣ ମହାନ୍ତି, ଗଣେଶ ସାହୁ, ଜ୍ଞାନେନ୍ଦ୍ର ଦାସ, ହରିଶଙ୍କର ରାଉତ, ସ୍ୱନ୍ଦନ ସ୍ୱାଇଁ, ଅଜୟ ସାହୁ, ସନ୍ଦୀପ ରାଉତରାୟ, ବଟକୃଷ୍ଣ ରାଉତରାୟ, ସାହାରୁଖ ଖାନ, ଚିରଞ୍ଜୀବ ନାୟକ, ରତିକାନ୍ତ କାନୁନଗୋ, ହଳଧର ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଅର୍ଥ ଦେଣନେଣକୁ ନେଇ ଆକ୍ରମଣ : ଜଣେ ଗିରଫ

ବୁଗୁଡା ,(ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ନିମପଦର ଗ୍ରାମରେ ଅର୍ଥ ଦେଣନେଣକୁ ନେଇ ଆକ୍ରମଣ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି । ଗିରଫ ଯୁବକ ଜଣକ ହେଲେ ନିମପଦର ଗାଁର ରବି ଓରଫ ପପି ଦଳେଇ (୩୫) ।ଏ ନେଇ ଥାନାରେ କେସ ନଂ ୩୭୧/୨୬ ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଅର୍ଥ ଦେଣନେଣକୁ ନେଇ ରବି ଦଳେଇ ଓ କାର୍ତ୍ତିକ ବେହେରାଙ୍କ ମଧ୍ୟରେ ଗତ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତ୍ତେଜିତ ହୋଇ ରବି ଏକ ଧାରୁଆ ଅସ୍ତ୍ରରେ କାର୍ତ୍ତିକକୁ ଆକ୍ରମଣ କରିଥିଲା । ଆକ୍ରମଣରେ କାର୍ତ୍ତିକର ମୁଣ୍ଡ, ବାମ ହାତ ଓ ଗୋଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ଆକ୍ରମଣରେ କାର୍ତ୍ତିକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁରକୁ ପଠାଯାଇଥିଲା । ଏ ନେଇ କାର୍ତ୍ତିକଙ୍କ ପନ୍ନୀ ଚନ୍ଦ୍ରକାନ୍ତି ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ରବିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ଯୁବକଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଗୋଶାଣିନୂଆଗାଁ ପୋଲିସ ଅଭିଯୁକ୍ତଙ୍କୁ ବାନ୍ଧିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଉକ୍ତ ଥାନା ଅନ୍ତର୍ଗତ ଲାଞ୍ଜିପଲି ଢିପ ସାହିର ସନ୍ତୋଷ ଶବର (୪୭) । ପୂର୍ବଶତ୍ରୁତାରୁ ସୂର୍ଯ୍ୟଙ୍କୁ ଅଭିଯୁକ୍ତ ଜଣଙ୍କ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି ।ଘଟଣାରେ ବ୍ୟବହୃତ କୁରାଢ଼ୀ ପୋଲିସ ଜବତ କରିଛି ।ମାମଲା ନଂ ୨୯୬/୨୬ ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଶନିବାର ରାତି ପ୍ରାୟ ୯ଟା ସମୟରେ ଲାଞ୍ଜିପଲ୍ଲୀ ଢିପା ସାହିର ସୂର୍ଯ୍ୟ ନାୟକ (୨୩) ନିଜ ଘର ବାରଣ୍ଡାରେ ବସିଥିବା ବେଳେ ସନ୍ତୋଷ ଶବର ସେଠାକୁ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ସୂର୍ଯ୍ୟ ଏହାର ପ୍ରତିବାଦ କରିବାରୁ ସେ ପରେ ଏକ କୁରାଢ଼ିରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ । ପରେ ସୂର୍ଯ୍ୟ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସନ୍ତୋଷ ସବରଙ୍କୁ ଗିରଫ କରିଥିଲା ।

# ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

ବ୍ରହ୍ମପୁର, (ସବ୍ୟୁ): ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତକୁ ସୁରକ୍ଷିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ରବିବାର ଦିନ ବ୍ରହ୍ମପୁରସ୍ଥିତ ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୁରକ୍ଷା ବ୍ୟବସ୍ଥାର ଏକ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣା ବିବେକ ଏମଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ପୁଲିସ, ପ୍ରଶାସନ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସୁରକ୍ଷା ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ସୂଚନା ଯୋଗ୍ୟ ଯେ, ୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ ସମୟରେ ମାନ୍ୟବର ରାଷ୍ଟ୍ରପତି ବ୍ରହ୍ମପୁର ରେଳ ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମ କିମ୍ବା ପରିସ୍ଥିତି ଅନୁଯାୟୀ ୩ ନମ୍ବର ପ୍ଲାଟଫର୍ମରେ ପହଞ୍ଚିବେ । ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ତାଙ୍କୁ ସଓ୍ଵାଗତ ଜଣାଇବା ସହ ସ୍ୱଳ୍ପ ସମୟର ରହଣି କାଳରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ରାଷ୍ଟ୍ରପତିଙ୍କ ବ୍ରହ୍ମପୁରରୁ




ତପ୍ତପାଣି ଗସ୍ତ ଏବଂ ସେହି ମାର୍ଗରେ ପ୍ରତ୍ୟାବର୍ତ୍ତନକୁ ଦୃଷ୍ଟିରେ ରଖି କାରକେଡ଼ ରିହାର୍ସାଲ, ରୁଟ୍ର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ, ଟ୍ରାଫିକ ପରିଚାଳନା, ଟ୍ରାଫିକ ଆଡଭାଇଜରୀ ଜାରି, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବାକୁ ସଜାଗ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।ରାଷ୍ଟ୍ରପତି ଗନ୍ତବ୍ୟ ସ୍ଥଳକୁ ଯିବା ବାଟରେ ଜନସାଧାରଣଙ୍କ ସହ ସାକ୍ଷୀ ଓ ମତବିନିମୟ କରିବାର ସମ୍ଭାବନାକୁ ନଜରରେ ରଖି ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ବ୍ୟାରିକେଡ଼ ବ୍ୟବସ୍ଥା, ଅତିରିକ୍ତ ପୁଲିସ ମୁତୟନ, ଆକାଶପଥକୁ "ନୋ-ଫ୍ଲାଇ ଜୋନ' ଘୋଷଣା ଏବଂ ସର୍ବୋଚ୍ଚ ସ୍ତରର ସୁରକ୍ଷା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।ତପ୍ତପାଣିସ୍ଥିତ ମନ୍ଦିର ପରିଦର୍ଶନ ସମୟରେ ସୁରକ୍ଷା, ଗାଡ଼ି ପାର୍କିଂ, ଟ୍ରାଫିକ ପରିଚାଳନା ଓ କାରକେଡ଼ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ଆବଶ୍ୟକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି କାର୍ ପାସ, ଭିଭିଆଇପି ପାସ ଓ ପରିଚୟପତ୍ର ପ୍ରଦାନକୁ ସୁରକ୍ଷା ଦୃଷ୍ଟିରୁ ଯଥାସମ୍ଭବ ସୀମିତ ରଖିବାକୁ ସ୍ଥିର କରାଯାଇଥିଲା । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୫୦ ପ୍ଲାଟୁନ ପୁଲିସ ବଳ ମୁତୟନ କରାଯାଇଛି । ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ଆର୍ମି ଏଡି କଲେଜରେ ରାତ୍ରି ରହଣି ଓ ସମ୍ପୃକ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିବାରୁ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା ।

# ମହିଳାଙ୍କୁ ଦୁର୍ବ୍ୟବହାର : ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ ଅଭିଯୋଗରେ ଗୋଶାଣିନୂଆଗାଁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣଙ୍କ ଲାଞ୍ଜିପଲି ଢିପ ସାହିର ସୂର୍ଯ୍ୟ ନାୟକ (୨୩) । ମାମଲା ନଂ ୨୯୭/ ୨୬ ରେ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଶନିବାର ରାତ୍ର ଲାଞ୍ଜିପଲ୍ଲୀ ଢିପା ସାହିର ସନ୍ତୋଷ ସବର କୌଣସି ବିଷୟରେ କଥାବାର୍ତ୍ତା ପାଇଁ ସୂର୍ଯ୍ୟ ନାୟକଙ୍କ ଘରକୁ ଯାଇଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ସେହି ସମୟରେ ସନ୍ତୋଷଙ୍କ ସ୍ତ୍ରୀ ବିନି ଶବର ପହଞ୍ଚି ସ୍ୱାମୀଙ୍କ ସହ ଅଯଥାରେ କାହିଁକି ଝଗଡା କରୁଛ ବୋଲି ସୂର୍ଯ୍ୟଙ୍କୁ ପଚାରିବା ସହ ଏହାର ପ୍ରତିବାଦ କରିଥିଲେ । ସୂର୍ଯ୍ୟ ନାୟକ ଉକ୍ତ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ଏକ ଲୁହା ରଡ୍ରେ ଉକ୍ତ ଦମ୍ପତ୍ତିଙ୍କୁ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ । ଏପରିକି ସୂର୍ଯ୍ୟ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି ।ଏହି ଅଭିଯୋଗ ଆଧାରରେ ଗୋଶାଣିନୂଆଗାଁ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ପରେ ସୂର୍ଯ୍ୟଙ୍କୁ ଗିରଫ କରିଥିଲା ବୋଲି କହିଛି ।

# ପ୍ରେମିକର ମୃତ୍ୟୁ ଖବର ଶୁଣି ପ୍ରେମିକାର ଆତ୍ମହତ୍ୟା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ କୋଚିଲାଡିହା ପଞ୍ଚାୟତ ଡିମଗଡ଼ିଆରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଠାରେ ପ୍ରେମିକର ମୃତ୍ୟୁ ଶୁଣି ଜଣେ ଯୁବତୀ ଝୁଲିପଡ଼ିଥିବା ଜଣାଯାଇଛି । ସୂଚନା ଅନୁଯାୟୀ, ଅନୁଗୁଳର ନାଲକୋରେ କାମ କରୁଥିବା ପିଣ୍ଟୁଙ୍କୁ ପ୍ରେମ କରୁଥିଲେ ମହେଶ୍ୱର ସିଂଙ୍କ ଝିଅ ଦେବୀ ସିଂ ପିଣ୍ଟୁ ସାପ କାମୁଡ଼ାରେ ମୃତ୍ୟୁ ବରଣ ଖବର ପାଇବା ପରେ ଦେବୀ ସିଂ ମାନସିକ ଭାରସାମ୍ୟ ହରାଇ ବାଡ଼ି ପଛପଟେ ବେକରେ ଦଉଡ଼ି ଦେଇ ଝୁଲିପଡ଼ିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତେବେ ପ୍ରେମ ପାଇଁ ଦେବୀ ଏଭଳି ଏକ ନିଷ୍ପତ୍ତି ନେଇଥିବାବେଳେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି ।

# ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ବାଣୀ ବିଭାଗର ବୈଠକ

ବାରିପଦା, (ସବ୍ୟୁ) : ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ଓଡିଶା ପ୍ରାନ୍ତ, ବାଣୀ ବିଭାଗର ଦୁଇଦିନ ବ୍ୟାପୀ ଚୌମାସିକ ବୈଠକ ବାରିପଦା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବାଣୀ ବିଭାଗ ଅନ୍ତର୍ଭୁକ୍ତ ଭୁବନେଶ୍ୱର, କୁଶୁପୁର, କଟକ, ବାଲେଶ୍ୱର, ବାରିପଦା, କେନ୍ଦୁଝର ପ୍ରଭୃତି ନଗରସ୍ଥାନର ଦାୟିତ୍ୱବାନ କାର୍ଯ୍ୟକର୍ତ୍ତାବୃନ୍ଦ ଯୋଗଦାନ କରି ଚର୍ଚ୍ଚା କରିଥିଲେ। ଆଗାମୀ କାର୍ଯ୍ୟକ୍ରମଗୁଡିକ ସମ୍ବନ୍ଧରେ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ଯୋଗାସନ, ପ୍ରାଣାୟାମ, ଖେଳ, ସ୍ୱାଧ୍ୟାୟ ପ୍ରଭୃତିକୁ ନେଇ କେନ୍ଦ୍ର ବର୍ଗ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ଉତ୍ସବରେ ବାଣୀ ବିଭାଗ ପ୍ରମୁଖ ସନ୍ତାପ କୁମାର ଜେନାଙ୍କ ସଂଯୋଜନାରେ ବାରିପଦା ଶାଖାର ନଗର ସଂଚାଳକ ସନ୍ଦୀପ କୁମାର ଚାନ୍ଦ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଓଡିଶା ପ୍ରାନ୍ତ ପ୍ରମୁଖ ଅନୀଲ କୁମାର କର ମୁଖ୍ୟଅତିଥି ଭାବେ ବିବେକାନନ୍ଦ କେନ୍ଦ୍ର ଦୃଷ୍ଟିକୋଣରୁ ଗୁରୁ ପୂର୍ଣ୍ଣିମାର ଗୁରୁତ୍ୱ ଓ



କାର୍ଯ୍ୟକର୍ତ୍ତାମାନଙ୍କର ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଓଡିଶା ପ୍ରାନ୍ତର ସଂଗଠକ ରବି ନାଇଡୁ କାର୍ଯ୍ୟକର୍ତ୍ତାମାନଙ୍କୁ ବିବେକାନନ୍ଦ କେନ୍ଦ୍ରର ଆଦର୍ଶକୁ ଭିତ୍ତି କରି ମାର୍ଗ ଦର୍ଶନ କରିଥିଲେ । ବାଣୀ ବିଭାଗ ସଂଗଠିକା ନିଲାକ୍ଷୀ ଦିଦି ଓ ବାରିପଦା ଶାଖାର ନଗର ପ୍ରମୁଖ ଶିବଶଙ୍କର ଗିରିଙ୍କ ମାର୍ଗଦର୍ଶନରେ ଡ଼ଃ ସିଦ୍ଧେଶ୍ୱର ପଣ୍ଡା, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, କ୍ଷଣପ୍ରଭା ପଟ୍ଟନାୟକ, ସଂଯୁକ୍ତା ଚାନ୍ଦ, ଡ଼ଃ ଅଞ୍ଜଳି ପଣ୍ଡା, ରବୀନ୍ଦ୍ରନାଥ ମହାପାତ୍ର, ଡ଼ଃ ସନ୍ଦୀପ ପଟ୍ଟନାୟକ, ସତ୍ୟବ୍ରତ ମହାନ୍ତି, ମାନସ ନାୟକ ଓ ଦୀପାଳି କର ପ୍ରଭୃତି ଦାୟିତ୍ୱବାନ କାର୍ଯ୍ୟକର୍ତ୍ତା ମାନେ ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଏବିଭିପିର ଦ୍ୱିଦିବସୀୟ ଜିଲ୍ଲା ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ

ବୁଗୁଡ଼ା,(ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ,ଘୁମୁସର ଜିଲ୍ଲା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଦ୍ୱିଦିବସୀୟ ଜିଲ୍ଲା ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ପିପୁଲ୍ସ କଲେଜ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପାଳ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ର ସଂଗଠନ ଏବଂ ଯୁବସମାଜର ଭୂମିକା ସମ୍ପର୍କେ ଆଲୋକପାତ କରିଥିଲେ । ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ, ଜିଲ୍ଲା ପ୍ରମୁଖ ସୁଜି କୁମାର ସ୍ୱାଇଁ ଏବଂ ଜିଲ୍ଲା ସଂଯୋଜକ ସଂଗ୍ରାମ ଦାସ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ଏହି ଦ୍ୱିଦିବସୀୟ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମରେ ଓଡିଶା ପୂର୍ବ-ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଯୋଗ ଦେଇ ପ୍ରାନ୍ତୀୟ ଏବଂ ଜିଲ୍ଲା ସ୍ତରୀୟ ସଙ୍ଗଠନାତ୍ମକ ବିଷୟବସ୍ତୁ ଉପସ୍ଥାପନ ପୂର୍ବକ କାର୍ଯ୍ୟକର୍ତ୍ତାଗଣଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଅଗଷ୍ଟ ପହିଲାରୁ ଆୟୋଜିତ ଏହି ଦୁଇ ଦିନିଆ ଅଭ୍ୟାସ ବର୍ଗରେ ଘୁମୁସର ଜିଲ୍ଲାର ବିଭିନ୍ନ ସ୍ଥାନରୁ ୭୦ ଜଣ ପ୍ରମୁଖ ଛାତ୍ରଛାତ୍ରୀ ତଥା କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲା ବେଳେ ଆଗାମୀ ଦିନରେ ଛାତ୍ର ସମସ୍ୟାର ସମାଧାନ ,ଗଠନମୂଳକ କାର୍ଯ୍ୟର ବିସ୍ତାର ଏବଂ ସଂଗଠନର ସୁଦୃଢ଼ୀକରଣ ନେଇ ଏହି ବର୍ଗରେ ସଂକଳ୍ପ ଗ୍ରହଣ କରାଯାଇଥିଲା ।

# ଶାନ୍ତି ଶକ୍ତି ଭବନରେ 'ନଶାମୁକ୍ତ ଭାରତବିକଶିତ ଭାରତ' ଅଭିଯାନ

ଆ ସି କା , ( ସ ବୁ ୟ) : ବ୍ରହ୍ମାକୁମାରୀଜ ମୁଖ୍ୟାଳୟ, ମାଉଣ୍ଟ ଆବୁ ପକ୍ଷରୁ ରବିବାର ଦିନ ଆଭାସୀ ମାଧ୍ୟମରେ ସର୍ବଭାରତୀୟ ସ୍ତରରେ "ନଶାମୁକ୍ତ ଭାରତବିକଶିତ ଭାରତ' ଅଭିଯାନର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଆସିକା ସ୍ଥିତ ଶାନ୍ତି ଶକ୍ତି ଭବନ ସେବା କେନ୍ଦ୍ରରେ ଏକ ଭବ୍ୟ ଉ"ାଟନୀ ସମାରୋହ ଆୟୋଜିତ ହୋଇଥିଲା । ଶାନ୍ତିଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ପଣ୍ଡା, ଦୁର୍ଗାଚରଣ ପଟ୍ଟନାୟକ, ବିଜୟ ସ୍ୱାଇଁ ଏବଂ ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଯୁବସମାଜକୁ ନିଶାମୁକ୍ତ ଜୀବନଶୈଳୀ ଆପଣେଇବା ପାଇଁ ମତପ୍ରକାଶ କରିଥିଲେ ।ସେବା କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ନିଜ




ବକ୍ତବ୍ୟରେ ନିଶାମୁକ୍ତ ଭାରତ ଗଠନ ଓ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ନେଇ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ମିଶନ ସ୍ପନ୍ଦନର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କହିଥିଲେ ।ଆସନ୍ତା ୫ ରୁ ୨୦ ଅଗଷ୍ଟ ମଧ୍ୟରେ ଆସିକା, କବିସୂର୍ଯ୍ୟନଗର, ଧରାକୋଟ, ଶେରଗଡ ଓ ପାଟପୁର ବ୍ଲକର ଶତାଧିକ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ, ଆଧ୍ୟାତ୍ମିକ ସଂଗଠନ, କୋର୍ଟ କଚେରୀ ଏପରିକି ସାଧାରଣ ବ୍ୟକ୍ତି ବିଶେଷଙ୍କୁ ଏହି ଅଭିଯାନରେ ସାମିଲ କରିବା ଲକ୍ଷ୍ୟ ରହିଥିବା ସୂଚନା ଦେଇଥିଲେ ।

# ଅବସରକାଳୀନ ସମ୍ବର୍ଦ୍ଧନା

ଛତ୍ରପୁର,(ସବ୍ୟୁ): ଗଞ୍ଜାମ ଜିଲା ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନବିସି ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅବସର ଉପଲକ୍ଷେ ଛତ୍ରପୁର ସ୍ଥିତ ତାମ୍ପରା ନିକଟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନାକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏକ ନିଆର ରହିଥିଲା । ଏଠି ତିନି ପିଢିର ଅପୂର୍ବ ସଙ୍ଗମ ଦେଖିବାକୁ ମିଳିଥିଲା ।ଛାତ୍ର, ଛାତ୍ରଙ୍କ ଗୁରୁ ଏବଂ ଗୁରୁଙ୍କ ଗୁରୁ ଉପସ୍ଥିତ ରହିବା । ବିଷୋୟୀ ସାରଙ୍କ ନିଜର ଦୁଇ




ଶିକ୍ଷାଗୁରୁ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ଓ ପ୍ରଫେସର ଅମୀୟ ପରିଚ୍ଛା ଉପସ୍ଥିତି । ସମ୍ବର୍ଦ୍ଧନା । ସଭାରେ ବିଭିନ୍ନ ବ୍ୟାଚର ପୁରାତନ ଛାତ୍ର/ଛାତ୍ରୀ, ବିଶ୍ୱବିଦ୍ୟାଳୟ ଓ ଜେଏନୟୁ ପଢିବା ସମୟର ବନ୍ଧୁ, କଲେଜରେ ପଢାଇବା ସମୟରେ ବନ୍ଧୁ ଓ ଶିକ୍ଷକ ଏକ ବିଶାଳ ସମାଗମ ଦେଖିବାକୁ ମିଳିଥିଲା । ଏହି ଅବସରରେ ଆୟୋଜିତ ଆଲୋଚନା ସଭାରେ ଅତିଥି ଏବଂ ପ୍ରାକ୍ତନ ଛାତ୍ର/ଛାତ୍ରୀମାନେ ସାରଙ୍କ ବ୍ୟକ୍ତିତ୍ୱ,ଶିକ୍ଷାଦାନ ଶୈଳୀ ବକ୍ତବ୍ୟ ପ୍ରଦାନ କରିଥିଲେ ଶେଷରେ ବିଷୋୟୀ ସାର ନିଜ ପ୍ରତିକ୍ରିୟାରେ ସମସ୍ତ ଗୁରୁଜନ ଏବଂ ପ୍ରାକ୍ତନ ଛାତ୍ର/ଛାତୀଙ୍କୁ ଏହି ଅଭୁଲା ସଂଧ୍ୟା ପାଇଁ କୃତଜ୍ଞତା ଜଣାଇବା ସହ ଅଶ୍ରୁପୂର୍ଣ୍ଣ ନୟନରେ ସମସ୍ତଙ୍କୁ ଆର୍ଶୀବାଦ ପ୍ରଦାନ କରିଥିଲେ । ସେ ଜଣେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ ଗଞ୍ଜାମ ଜିଲ୍ଲାରେ ବେଶ ପରିଚିତ ଥିଲେ । ଅମର ପ୍ରସାଦ ବିଷୋୟୀ ଗଞ୍ଜାମ ମହାବିଦ୍ୟାଳୟରୁ ଚାକାରି ଜୀବନ ଆରମ୍ଭ କରି କେନ୍ଦୁପଦରସ୍ଥିତ ଏନବିସି ମହାବିଦ୍ୟାଳୟରେ ଅଧକ୍ଷ ହୋଇ ୩୧ ଜୁଲାଇ ୨୦୨୬ ରେ ଅବସର ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅମର ବିଷୋୟୀଙ୍କ ବଡ ଝିଅ ସୁଶ୍ରୀ ସୁଲଗ୍ନା ମଂଚ ପରିଚାଳନା କରିଥିଲେ ।

# ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ, ସହର ଜଗିବେ ୩୦ ପ୍ଲାଟୁନ ଫୋର୍ସ

ବ୍ରହ୍ମପୁର,(ସବ୍ୟୁ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଗସ୍ତ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରବିବାର ଦିନ ଏନେଇ ବ୍ରହ୍ମପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଲୋକଙ୍କ ମଧ୍ୟରେ ସମସ୍ୟା ନୁପୁଜିବ ସେନେଇ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏସପି ସର୍ବନା ବିବେକ ଏମ ସୂଚନା ଦେଇଛନ୍ତି । ଏହା ସହ ଗସ୍ତ ସମୟରେ ସହରର ବିଭିନ୍ନ ରାସ୍ତାକୁ ଅଳ୍ପ ସମୟ ପାଇଁ ପ୍ରବେଶ ବାରଣ କରାଯାଇଛି । ଫାଷ୍ଟ ଗେଟ ଠାରୁ ଆରମ୍ଭ କରି ହଳଦିଆ ପଦର୍ ରାସ୍ତାରେ କିଛି ସମୟ ପାଇଁ ରୋକ ଲାଗିଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ୩୦ ପ୍ଲାଟୁନ ଫୋର୍ସ ସହରକୁ ଜଗିବେ । ରାଷ୍ଟ୍ରପତିଙ୍କୁ ଦେଖିବକୁ ଆସୁଥିବାର ଜନସାଧାରଣଙ୍କୁ ଟ୍ରାଫିକ ସମସ୍ୟା ସୃଷ୍ଟି ନକରି ଶୃଙ୍ଖଳା ରକ୍ଷା କରିବାକୁ ପ୍ରଶାସନ ପକ୍ଷ୍ୟରୁ ଅନୁରୋଧ କରାଯାଇଛି ।

# ମହିଳାଙ୍କୁ ମନିପର୍ସ ଫେରାଇଲେ ମୁଖ୍ୟମନ୍ତ୍ରୀ ବସ ସେବା କର୍ମଚାରୀ

ଭାପୁର, (ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଧୀନ ବାଦଭୂଇଁ ଗ୍ରାମର ଜଣେ ମହିଳା ମୁଖ୍ୟମନ୍ତ୍ରୀ ବସ ଯୋଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ବେଳେ ଅସାବଧାନତା ବଶତଃ ଏକ ମନିପର୍ସ ବସ ସିଟରେ ଛାଡିଦେବା ପରେ ତାକୁ ବସରେ ଯାତ୍ରା କରୁଥିବା ଅନ୍ୟ ଜଣେ ମହିଳା ଯାତ୍ରୀ ନେଇ ଯାଇଥିଲେ । ତେବେ ଏ ସଂର୍ପକରେ ମୁଖ୍ୟମନ୍ତ୍ରୀ ବସ ସେବା କର୍ମଚାରୀମାନେ ଅବଗତ ହେବା ପରେ ଉକ୍ତ ବସରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲେ ।ସିସିଟିଭି ଫୁଟେଜକୁ ଆଧାର କରି



ବସ ସିଟରୁ ମନିପର୍ସ ନେଇଥିବା ମହିଳାଙ୍କ ସଂର୍ପକରେ ସବିଶେଷ ସୂଚନା ମିଳିଥିଲା ।ପରେ ଭାପୁର ବ୍ଲକ ମୁଖ୍ୟମନ୍ତ୍ରୀ ବସ ସେବା ସୁପରଭାଇଜର ପ୍ରଭାତ କୁମାର ସ୍ୱାଇଁ ବସ ସିଟରେ ମନିପର୍ସ ଛାଡିଥିବା ମହିଳାଙ୍କୁ ଭେଟି ମନିପର୍ସ ସହ ଟଙ୍କା ତାଙ୍କୁ ଫେରାଇ ଦେଇଥିବା ଜଣାପଡିଛି । ବସ ଯାତ୍ରା ସମୟର ହରାଇଥିବା ମନିପର୍ସ ଫେରି ପାଇବା ପରେ ସଂପୃକ୍ତ ମହିଳା ଜଣକ ମୁଖ୍ୟମନ୍ତ୍ରୀ ବସ ସେବାର ସମସ୍ତ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

# ଦୟା ନଦୀ ଘଳିଆ ସ୍ଥାନ ପରିଦର୍ଶନ କଲେ ବିଧାୟକ

ଡେଲାଙ୍ଗ,(ସବ୍ୟ): ଲଘୁ ଚାପ ଜନିତ ଲଗାଣ ବର୍ଷା ପାଇଁ ଦୟା ଓ ଭାର୍ଗବୀ ନଦୀରେ ବନ୍ୟା ଜଳ ନିଷ୍କାସନ ହେଉଛି । ଡେଲାଙ୍ଗ ବ୍ଲକର ଘୋରଡିଆ ଠାରେ ଦୟା ନଦୀ ବିପଦ ସଙ୍କେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ଦୟାନଦୀର ବାମ ପାର୍ଶ୍ୱରେ ବାଲିହୁଙ୍କା, ଶିଶୁଆପଡା, ନୁଆହାଟ ,ତ୍ରିଲୋଚନପୁର ଆଦି ସ୍ଥାନରେ ଛୋଟ ଛୋଟ ଘଳିଆ ସୃଷ୍ଟି ହୋଇଥିଲା । ସେଗୁଡିକ ଜଳସେଚନ ବିଭାଗ ଦ୍ୱାରା ଜରୁରୀ କାଳିନ ପରିସ୍ଥିତିରେ ବାଲି ବସ୍ତା ଦିଆଯାଇ ମରାମତୀ କାର୍ଯ୍ୟ ଚାଲୁ ରହିଛି । ଶନିବାର ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଜଳସେଚନ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀ ବୈକୁ=ନାଥ ଦଳାଇ, ଜଳସେଚନ ବିଭାଗ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ,ଜଳ ସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଣାକର ଲେଙ୍କା ,ସହକାରୀ ଯନ୍ତ୍ରୀ ଜ୍ଞାନରଞ୍ଜନ ଗୁରୁ ପ୍ରମୁଖ ସେହି ସ୍ଥାନକୁ ଯାଇ ସେଠାର ସ୍ଥିତି ଅନୁଧ୍ୟାନ କରିଥିଲେ । ନଦୀ ବନ୍ଧ ଉପରେ ତିକ୍ଷଣ ନଜର ରଖାଯାଇଛି । ଏବଂ ଘଳିଆ ପଡିଥିବା ସ୍ଥାନ ଗୁଡିକ ଯୁଦ୍ଧ କାଳୀନ ଭିତରେ ମରାମତି କାର୍ଯ୍ୟ ଜାରି ରହିଛି । ନଦୀ ବନ୍ଧ ସମେତ ସେହି ସ୍ଥାନ ଗୁଡିକ ସୁରକ୍ଷିତ ରହିଥିବା ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀଲେଙ୍କା ସୂଚନା ଦେଇଛନ୍ତି ।

# ଜଗମୋହନ ସ୍କୁଲରେ ଅଘଟଣ : ଭାଙ୍ଗିଲା ଛାତ୍ରଙ୍କ ହାତ

ଧରାକୋଟ , (ସବ୍ୟୁ): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଜଗମୋହନ ହାଇସ୍କୁଲରେ ଏକ ଅଘଟଣ ଘଟିଛି । ଶନିବାର ଦିନ ମଧ୍ୟାହ୍ନ ଭୋଜନ ଖାଉଥିବାବେଳେ ସ୍କୁଲର ଆୟୁସ ପଣ୍ଡା ନାମକ ଜଣେ ଛାତ୍ର ତଳେ ପଡି ଯିବାରୁ ତାର ବାମ ହତଟି ଭାଙ୍ଗି ଯାଇଥିଲା । ସ୍କୁଲ କର୍ତ୍ତୃପକ୍ଷ ଏହାର ପ୍ରକିକାର ନକରି ଆୟୁସକୁ ତାର ନିଜ ଘରକୁ ପଠାଇ ଦେଇଥିଲେ । ଘରଲୋକେ ଘର ଲୋକେ ପ୍ରଥମେ ଆସିକା ମେଡିକାଲକୁ ନେଇଥିଲେ । ସେଠାରେ ଗଣମାଧ୍ୟମ ପ୍ରତିନିଧି ପଞ୍ଚିବା ପରେ ପ୍ରଧାନ ଶିକ୍ଷକ ଅଜିତ କୁମାର ନାୟକ ପହଞ୍ଚିଲେ । ବିଦ୍ୟାଳୟ ପରିସର ମଧ୍ୟରେ ବିଦ୍ୟାଳୟ ଚାଲିଥିବା ସମୟରେ



ଏହି ଘଟଣା ପାଇଁ ଦାୟୀ କିଏ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଯିବି ମହଲରେ ଦାବୀ ଜୋର ଧରିଛି ।

# ଦେଶୀମଦ କାରବାର : ବାପ , ପୁଅ ଗିରଫ

ଖଣ୍ଡପଡ଼ା,୧୮ (ନି.ପ୍ର) କୌଣସି ବିଶେଷ ସୂତ୍ରରୁ ଖବରପାଇ ଖଣ୍ଡପଡ଼ା ପୁଲିସ ସିଂଘାପଡା ପଞ୍ଚାୟତ ଅଧୀନ କନ୍ଧ ନୂଆଗାଁରେ ଅଚାନକ ଚଢାଉ କରି ୧୯ ଲିଟର ଦେଶୀ ମଦ ଓ ୨ ଟି ହାତ ତିଆରି ବନ୍ଧୁକ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ପୁଲିସ ରଘୁନାଥ ପ୍ରଧାନ ଓ ତାର ପୁଅ ସୁକାନ୍ତଙ୍କୁ ଗିରଫ କରି ଶନିବାର ଅଦାଲତ ଚାଲାଣ କରିଥିବା ଜଣାପଡିଛି ।ଦିର୍ଘ ଦିନ ଧରି ବାପ ଓ ପୁଅ ଉଭୟେ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରି ଘରେ ଦେଶୀମଦ ପ୍ରସ୍ତୁତ କରି ବିକ୍ରୀ କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା ।ଆଖପାଖ ଅଞ୍ଚଳର ବାସିନ୍ଦା ପୁଲିସର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଥିବା ବେଳେ ଏ ସଂର୍ପକରେ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ଠାରୁ ପ୍ରକାଶ ।ଅଭିଯୁକ୍ତ ୨ ଜଣଙ୍କୁ ପୁଲିସ ଅଦାଲତ ଚାଲାଣ କରିବା ପରେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆ ଯାଇଥିବା ଜଣାପଡିଛି ।ଉପରୋକ୍ତ ଘଟଣା ସଂର୍ପକରେ ଖଣ୍ଡପଡା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସରୋଜ କୁମାର ସାହୁ ସବିଶେଷ ସୂଚନା ପ୍ରଦାନ କରିଥିଲେ ।

# ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ଟ୍ରାଫିକ କଟକଣା ଲାଗୁ

ବ୍ରହ୍ମପୁର ,(ସବ୍ୟୁ): ଆସନ୍ତା ମାସ ୪ ଓ ୫ ତାରିଖରେ ବ୍ରହ୍ମପୁର ଏବଂ ତପ୍ତପାଣି ଗସ୍ତ କରିବା କାର୍ଯ୍ୟକ୍ରମ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ରହି ଥିବା ଅବସରରେ ପୋଲିସ ପକ୍ଷରୁ ସାଧାରଣ ଜନତା ଏବଂ ଯାତ୍ରୀ ମାନଙ୍କୁ ସୂଚିତ ନିମନ୍ତେ ଟ୍ରାଫିକ କଟକଣା ଜାରି କରାଯାଇଛି । ବ୍ରହ୍ମପୁର ସହର ଏବଂ ଏହାର ଆଖପାଖରେ ମହାମାନ୍ୟ ବ୍ୟକ୍ତିଙ୍କ ସୁରକ୍ଷା ସହିତ ଉତ୍ତମ ଟ୍ରାଫିକ ନିୟନ୍ତ୍ରଣ ଏବଂ ଯାନବାହାନର ସୁଗମ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନିମ୍ନଲିଖିତ ଟ୍ରାଫିକ କଟକଣା ଲାଗୁ କରାଯାଇଛି ।୪ ତାରିଖ ସକାଳେ ଦୁଇ ଚକିଆ ଅଟୋ କାର ଓ ଭାରୀ ଯାନକୁ ସକାଳ ୧୦ଟାରୁ ପ୍ରାୟ ୧୧ଟା୪୫ ପର୍ଯ୍ୟନ୍ତ ଅନ୍ଧପସରା ଛକରୁ ଫାଷ୍ଟ ଗେଟ ଯିବା ଆସିବା ବନ୍ଦ ରହିବ । ସମସ୍ତ ଅଟୋ କାର ସ୍କୁଲ ବସ୍କୁ ଲାଞ୍ଜିପାଲି ବାଇପାସ ଦେଇ ବ୍ରହ୍ମପୁର ସହରରେ ପ୍ରବେଶ କରିବେ ।

ସେହିପରି ଅପରାହ୍ନ ୩ ଘଣ୍ଟା ଠାରୁ ପ୍ରାୟ ସାଢ଼େ ପାଞ୍ଚଟା ପର୍ଯ୍ୟନ୍ତ ଦୁଇ ଚକିଆ ଅଟୋ କାର ଓ ଭାରୀ ଯାନ ଫାଷ୍ଟ ଗେଟରୁ ହଳଦିଆପଦର ଅଭିମୁଖେ ଚଳାଚଳ କରିପାରିବ ନାହିଁ । ସମସ୍ତ ସ୍କୁଲ ବସ କର୍ପୋରେସନ ଛକ ଦେଇ ବ୍ରହ୍ମପୁର ସହରରେ ପ୍ରବେଶ କରିପାରିବେ । ସେହିପରି କୌଣସି ଭାରୀ ଯାନବାହନ ସନ୍ଧ୍ୟା ପ୍ରାୟ ୪ ରି ଟାରୁ ସାଢ଼େ ପାଞ୍ଚଟା ପର୍ଯ୍ୟନ୍ତ ହଳଦିଆପଦର ରୁ ଏନ ଏଚ -୧୬ ରେ ଛତ୍ରପୁର ଆଡକୁ ଚଳାଚଳ କରିପାରିବ ନାହିଁ ।ସେହିପରି ୫ ତାରିଖ ସକାଳେ କୌଣସି ଦୁଇ ଚକିଆ କାର ଅଟୋ ଭାରୀ ଯାନ ବାହନ ସକାଳ ୯ ଘଣ୍ଟା ଠାରୁ ପ୍ରାୟ ସାଢେ ୧୦ ଟା ପର୍ଯ୍ୟନ୍ତ ଗୋପାଳପୁର ଛକ ଠାରୁ ଗୋଳନ୍ଥରା ଅଭିମୁଖେ ଚଳାଚଳ କରିବା କୁ ବାରଣ କରାଯାଇଛି । ଉପୋରକ୍ତ କଟକଣା ଗୁଡିକ ଜରୁରୀ କାଳୀନ ସେବାରେ ନିୟୋଜିତ ଅଗ୍ନିଶମ ଓ ଆମ୍ବୁଲାନ୍ସ ଚଳାଚଳ ନିମନ୍ତେ ଲାଗୁ ହେବ ନାହିଁ । ଉପରୋକ୍ତ ରାସ୍ତା ରେ ନଯାଇ ଅନ୍ୟ ରାସ୍ତା ଦେଇ ଯାତାୟାତ କରିବା ନିମନ୍ତେ ଏବଂ ମହାମହିମ ରାଷ୍ଟ୍ରପତିଙ୍କର କାର୍ଯ୍ୟକ୍ରମ ସୂଚାରୁ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ।

# ଆରଏମ୍‌ସିରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାରିପଦା, (ସବ୍ୟୁ): ବାରିପଦା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ପକ୍ଷରୁ ଅବସର ଗ୍ରହଣ କରିଥିବା ତିନିଜଣ କର୍ମଚାରୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଆରଏମ୍‌ସିର ବରିଷ୍ଠ ଆକାଉଣ୍ଟାଣ୍ଟ ଶଶାଙ୍କ ଶେଖର ବେହେରା ଏବଂୟାର୍ଡମ୍ୟାନ ନିଖିଲ ରଞ୍ଜନ ଦାସ ଓ କାର୍ତ୍ତିକ ବାରିକ ଦୀର୍ଘ କର୍ମଜୀବନ ପରେ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଆରଏମ୍‌ସି କର୍ମଚାରୀବୃନ୍ଦଙ୍କ ପକ୍ଷରୁ ଏକ ଭାବଗମ୍ଭୀର ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଆରଏମ୍‌ସି ବାରିପଦାର ସମ୍ପାଦକ ବିଜୟ ହେମ୍ବ୍ରମଙ୍କ ସଭାପତିତ୍ୱରେ



ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆରଏମ୍‌ସିର ଉପାଧ୍ୟକ୍ଷ ମଳୟ କୁମାର ଜେନା ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଦୀର୍ଘଦିନର ନିଷ୍ଠାପର, ସଚ୍ଚୋଟ ଏବଂ କର୍ତ୍ତବ୍ୟନିଷ୍ଠ ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ ସେମାନଙ୍କୁ ଉତ୍ତରୀୟ ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରିଥିଲେ । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଅବସରପ୍ରାପ୍ତ କର୍ମଚାରୀମାନଙ୍କର କର୍ମନିଷ୍ଠା, ସଚ୍ଚୋଟତା ଓ ଅନୁଷ୍ଠାନ ପ୍ରତି ସମର୍ପଣ ଭାବ ଆରଏମ୍‌ସିର ଅନ୍ୟ କର୍ମଚାରୀଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ । ସଭାପତି ବିଜୟ ହେମ୍ବ୍ରମ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅବଦାନକୁ ସ୍ମରଣ କରି ସେମାନଙ୍କ ସୁସ୍ଥ, ନିରାମୟ ଓ ସୁଖମୟ ଅବସର ଜୀବନ କାମନା କରିଥିଲେ । ଶେଷରେ ଉପସ୍ଥିତ କର୍ମଚାରୀମାନେ ଅବସରପ୍ରାପ୍ତ ସହକର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ରାଉରକେଲାରୁ ସାଇବର ଲୁଟେରା ଗିରଫ



ବଅଁରପାଳ,(ସବ୍ୟୁ) : ଅନୁଗୋଳ ସାଇବର ପୋଲିସକୁ ମିଳିଛି ବଡ଼ ସଫଳତା। ଡିଲରସିପ ଦେବାକୁ କହି ୪ ଲକ୍ଷ ଟଙ୍କା ଠକି ନେଇଥିବା ସାଇବର ଠକ ରାଉରକେଲାର ମହମ୍ମଦ ଚାନ୍ଦ ଆଲାମ(୨୫)କୁ ଗିରଫ କରିଛି ଅନୁଗୋଳ ସାଇବର ଥାନା ପୋଲିସ । ତା ନିକଟରୁ ଗୋଟିଏ ଲାପ୍‌ଟପ, ମୋବାଇଲ ଫୋନ, କ୍ରେଡିଟ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ସୂଚନା ଅନୁଯାୟୀଗତ ଜାନୁଆରି ମାସରେ ଜଣେ ବ୍ୟକ୍ତି ଏକ ଘରୋଇ କଂପାନିର ଡିଲରସିପ ନେବାକୁ ଚାହୁଁଥିଲେ । ଏଥିପାଇଁ ସେ ଅନ୍‌ଲାଇନ୍‌ରୁ ନମ୍ବର ଆଣି ଯୋଗାଯୋଗ କରିଥିଲେ । କିନ୍ତୁ ଠକଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ।ସାଇବର ଠକ ତାଙ୍କଠାରୁ ପର୍ଯ୍ୟାୟ କ୍ରମେ ୪ ଲକ୍ଷ ୫ ହଜାର ୫ଶହ ଟଙ୍କା ଠକି ନେଇଥିଲେ। ଏନେଇ ସେ ଅନୁଗୋଳ ସାଇବର ଥାନାରେ ଏତଲା ଦବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ବ୍ୟାଙ୍କ କାରବାର ଯାଞ୍ଚ କରିଥିଲା । ଆଉ ତଦନ୍ତ କରି ଅଭିଯୁକ୍ତ ପାଖରେ ପହଞ୍ଚି ପାରିଥିଲା । ଅଭିଯୁକ୍ତକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ସାଇବର ଠକେଇ : ୮୪ ଲକ୍ଷ ଲୁଟି ମ୍ୟାନେଜର ଗିରଫ

ଅନୁଗୋଳ,(ସବ୍ୟୁ) :ତାଳଚେରର ଜଣେ ବ୍ୟାଙ୍କ ମ୍ୟାନେଜରକୁ ଲୁଟି ନେଇଥିଲେ ଲକ୍ଷ ଲକ୍ଷ ଟଙ୍କା ।ଏନେଇ ବ୍ୟାଙ୍କ ପକ୍ଷରୁ ଅନୁଗୋଳ ସାଇବର ଥାନାରେ ଗତ ୨୯ ତାରିଖରେ ଅଭିଯୋଗ ହୋଇଥିଲା । ପୁଲିସ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ଗିରଫ କରିଛି ।ତାଳଚେର ଆଇସିଆଇସିଆଇ ବ୍ୟଙ୍କର ରିଲେସନସିପ ମ୍ୟାନେଜର ଅଭିମନ୍ୟୁ ସାହୁ (୨୯) ନିଜ ପଦର ଅପବ୍ୟବହାର କରି ୨ ଗ୍ରାହକଙ୍କ ଆକାଉଣ୍ଟରୁ ୮୩ଲକ୍ଷ ୯୯ ହଜାର ୨୦୧ ଟଙ୍କାନେଇଥିଲେ । ୨୯ ବର୍ଷୀୟ ଅଭିମନ୍ୟୁଙ୍କ ଘର ଅନୁଗୋଳ ଜିଲ୍ଲା ଖମାରଥାନା ଅଧୀନ ଛାଞ୍ଚୁଣିଆ ଗାଁରେ । ଜୁଲାଇ ୨୯ ତାରିଖରେ ବ୍ୟାଙ୍କ ପକ୍ଷରୁମାମଲା ଦାୟର ହେବା ପରେ ଅନୁଗୋଳ ସାଇବର ଥାନା ପୁଲି ଥାନା ପୁଲିସ ତାଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ପୁଲିସ ୩ଟି ଦାମୀ ମୋବାଇଲ ଫୋନ ସହ ଏକ





ଆଇସିଆଇସିଆଇ ବ୍ୟାଙ୍କ ପାସ୍‌ବୁକ ଓ ୫ଟି ଏଟିଏମ କାର୍ଡ ଜବତ କରିଛି । ବ୍ୟାଙ୍କର ୨ ଜଣ ଗ୍ରାହକ ମହେଶ୍ୱର ଖୁଣ୍ଟି ଓ ଜମି ଖୁଣ୍ଟିଙ୍କ ପଞ୍ଜୀକୃତ ମୋବାଇଲ ନମ୍ବର ବଦଳାଇ ନିଜର ଦୁଇଟି ମୋବାଇଲ ନମ୍ବର ସେ ଯୋଡ଼ିଦେଇଥିଲେ । ଏପରିକି ଗ୍ରାହକଙ୍କ ଅଜାଣତରେ ସେମାନଙ୍କ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା ଆକ୍ଟିଭେଟ କରାଇ ସେମାନଙ୍କ ୭ଟି ସ୍ଥାୟୀ ଜମା ଓ ସଞ୍ଚୟ ଆକାଉଣ୍ଟର ଅର୍ଥ ଅନ୍ୟତ୍ର ଟ୍ରାନ୍ସଫର କରି ନିଜେ ଖର୍ଚ୍ଚ କରିଦେଇଥିଲେ । ଏପରିକି ସେ ଜଣେ ଗ୍ରାହକଙ୍କ ଅଜାଣତରେ ତାଙ୍କ ନାମରେ ବ୍ୟକ୍ତିଗତ ଋଣ ମଧ ଉଠାଇଛନ୍ତି । ୨୦୨୪ ମାର୍ଚ୍ଚରୁ ୨୦୨୫ ଅକ୍ଟୋବର ମଧ୍ୟରେ ଅଭିମନ୍ୟୁ ଏହି ଦୁଇ ଗ୍ରାହକଙ୍କ ଆକାଉଣ୍ଟରୁ ପ୍ରାୟ ୮୪ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ସାଇବର ଥାନା ପୁଲିସ ବ୍ୟାଙ୍କ ତଥ୍ୟର ବିଶ୍ଳେଷଣ, ଡିଜିଟାଲ ପ୍ରମାଣ ଓ ମୋବାଇଲ ତଥ୍ୟ ଆଧାରରେ ଅଭିଯୁକ୍ତ ଅଭିମନ୍ୟୁଙ୍କୁ ଗିରଫ କରିଛି ପୁଲିସ ।

## ଏ-୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଶିକ୍ଷାଦାନ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସନ୍ନିକଟ କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ ତଥା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତଯକ୍ଷ ତତ୍ତ୍ୱାବଧାନରେରେ ୨୦୨୬- ୨୭ ଶିକ୍ଷା ବର୍ଷପାଇଁ ଏ-୧ ଗ୍ରେଡ ଆକାଂକ୍ଷୀ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସ୍ୱତନ୍ତ୍ର ଶିକ୍ଷାଦାନର ଶୁଭାରମ୍ଭ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି ମୁଖଯ ଅତିଥି ଓ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିତା ଦେହୁରୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ବ୍ଲକ ନୋଡାଲ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନଯବାଦ ଦେଇଥିଲେ । ଜିଲ୍ଲାରେ ପୂର୍ବବର୍ଷ ମାନଙ୍କର ଏ୧ ଗ୍ରେଡ ସଂଖଯାକୁ ତର୍ଜମାକରି ଚଳିତ ବର୍ଷ ପୁନର୍ବାର ମାଟ୍ରିକ ବୋର୍ଡ ପରୀକ୍ଷାରେ କିପରି ଅଧିକରୁ ଅଧିକ ସଫଳତା ହାସଲ କରାଯାଇ ପାରିବ ସେଥିପାଇଁ ଏପରି କାର୍ଯଯକ୍ରମର ଆୟୋଜନ କାରା ଯାଇଛି । ପ୍ରକାଶଥାଉକି ୨୦୨୬ ବୋର୍ଡ ପରିକ୍ଷାରେ ଜିଲ୍ଲାରେ ମୋଟ ୭୭ଜଣ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏହି କେନ୍ଦ୍ରରେ ୨୭ ଜଣ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିଲେ । କାମାକ୍ଷା ନଗର ବ୍ଲକ୍‌ରେ ଆଲୁଅ ଝରଣ ଉଚ୍ଚ ବିଦ୍ୟାଳୟରେ ୩୦ଜଣ ଓ ଉକ୍ତ ବିଦ୍ୟାଳରେ ୭ଟି ବିଦ୍ୟାଳୟରୁ ୫୯ ଜଣ ଏହି କାର୍ଯଯକ୍ରମରେ ଶିକ୍ଷା ଲାଭ କରୁଛନ୍ତି । ଏହି କାର୍ଯଯକ୍ରମ ପ୍ରତ୍ୟେକ ସପ୍ତାହର ଶନିବାର ସକାଳ ୭.୩୦ ଟାରୁ ଅପରାହ୍ନ ୧.୩୦ଟା ପର୍ଯଯନ୍ତ ନିୟମିତ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି । ଏଥିରେ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ବିଷୟରେ ସଫଳତାର କୌଶଳ ଉପରେ ଶିକ୍ଷା ପ୍ରଦାନ କରାଯିବ । ପ୍ରଶିକ୍ଷକ ଭାବେ ପ୍ରଧାନ ଶିକ୍ଷକ ଶିବାନନ୍ଦ ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ ସୁଜାତା ସାସମଲ , ମିଲି ପ୍ରଧାନ ଓ ଶିକ୍ଷକ କାଳନ୍ଦୀ ମୁଣ୍ଡା ଯୋଗ ଦେଇଥିଲେ ।ଉଦଘାଟନୀ କାର୍ଯଯକ୍ରମରେବିଦ୍ୟାଳୟର ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ,ଧ୍ରୁବଚରଣ ସୁନ୍ଦରାୟ , ଚନ୍ଦ୍ରମଣି ଲେଙ୍କା , ରୁଦ୍ରନାରାୟଣ ପରିଡ଼ା ,ବାନାର୍ଜୀ ମହାନ୍ତି ନିରଞ୍ଜନ ସାହୁ ,କବିତା ରାଉତ ଶିକ୍ଷା କର୍ମଚାରୀ ରବିନାରାୟଣ ରାଉତ ,ଶାନ୍ତନୁ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ

## ବାଇକ୍ ଚୋରି

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ଥାନା ଅଞ୍ଚଳ ଓ ଗ୍ରାମର କ୍ଷୀରୋଦ ଦେହୁରୀ ଙ୍କ ଏକ ୧୨୫ ନମ୍ବର ଓଡ଼ି ୧୫ବି୭୧୧୯ ଚୋରୀ ହୋଇଥିବା ଆଠମଲ୍ଲିକ ଥାନା ରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ରାତିରେ ନିଜ ବାସ ଭବନ ସ୍ଥିତ ଘର ଅଗଣାରେ ବାଇକଟି ରହିଥିବା ବେଳେ ସକାଳୁ ଉଠି ବାଇକ ନଥିବାର ଜାଣିବାକୁ ପାଇଥିଲେ ।ଏ ବାବଦରେ ଥାନାରେ ଅଭିଯୋଗ କରିଥିଲେ ମଧ ଦୁଇ ଦିନ ମଧରେ ସନ୍ଧାନ ମିଳି ନଥିବା ଜଣା ପଡିଛି ।ସେହିପରି ଆଠମଲ୍ଲିକ ଧଳପୁର ସେତୁ ରାସ୍ତା ପାର୍ଶ୍ୱରେ ଥିବା ଏକ ଗ୍ୟାରେଜ ରୁ କିଛି ଦିନ ପୂର୍ବରୁ ବ୍ୟାଟେରୀ, କମ୍ପ୍ରେସର ଏବଂ ଅନ୍ୟ ସାମଗ୍ରୀ ଚୋରୀ ହୋଇଥିବା ଅଭିଯୋଗ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ସନ୍ଧାନ ମିଳିନାହିଁ । ବାରମ୍ବାର ଆଠମଲ୍ଲିକ ଅଞ୍ଚଳରେ ଛୋଟମୋଟ ଚୋରୀ ହଉଥିବାରୁ ରାତିରେ ପାଟ୍ରୋଲିଙ୍ଗ ବ୍ୟବସ୍ଥା କରିବାକୁ ସାଧାରଣ ରେ ଦାବୀ ହେଉଛି ।

## ୨୦ ହଜାର ସଦସ୍ୟତା କରିବ ଏବିଭିପି ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି

ଅନୁଗୋଳ ,(ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅନୁଗୋଳ ଜିଲ୍ଲାର ଜିଲ୍ଲା ସଦସ୍ୟତା କାର୍ଯ୍ୟଶାଳା ସ୍ଥାନୀୟ ଗାନ୍ଧିମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥର ୨୦୨୬-୨୭ ଶିକ୍ଷା ବର୍ଷରେ ୨୦ ହଜାର ସଦସ୍ୟତାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ଏବଂ ୩୦ ଟି କ୍ୟାମ୍ପସ ୟୁନିଟ ୮ ଟି ନଗର୍ ୟୁନିଟ ଘୋଷଣା କରିବାର ନିଷ୍ପତି ନିଆଯାଇଛି ଏବଂ ଏବିଭିପି ର ପୋଷ୍ଟର ଉନ୍ମୋଚନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ପାଖାପାଖି ୩୦ ରୁ ଅଧିକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ସଦସ୍ୟତା କାର୍ଯ୍ୟଶାଳାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶ୍ରୀମାନ ବୁଦ୍ଧଦେବ ବାଘ, ଢ଼େଙ୍କାନାଳ ବିଭାଗ ସଙ୍ଗଠନ ମନ୍ତ୍ରୀ ଶ୍ରୀମାନ ବିରଞ୍ଚି ନାରାୟଣ ତ୍ରିପାଠୀ,ଏବିଭିପିର ଓଡିଶା ପୂର୍ ପ୍ରାନ୍ତର ଛାତ୍ର ସନ୍ଦେଶ ସହ ସମ୍ପାଦକ ଅଧ୍ୟାପକ ଅବିନାଶ ଦୁବେ, ଏବିଭିପି ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସହ ସମ୍ପାଦକ ଶ୍ରୀମାନ ଆଶିଷ କୁମାର ବେହେରା, ଏବିଭିପି ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସହ ସମ୍ପାଦକ ଓ ଅନୁଗୋଳ ନଗର ବିସ୍ତାରକ ଅଭିଳାଷ ତ୍ରିପାଠୀ ଏବଂ ଅନୁଗୋଳ ନଗର ସଭାପତି ଅଧ୍ୟାପକ ରଞ୍ଜନ କୁମାର ଭୂୟାଁ ଯୋଗଦେଇ ପରିଷଦର ସଦସ୍ୟତା ତଥା ଆଗାମୀ କାର୍ଯ୍ୟକ୍ରମ ଏବଂ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ ଶେଷରେ ଜିଲ୍ଲା ସଂଯୋଜକ ଶ୍ରୀମାନ ଉମେଶ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ବୃଦ୍ଧ ମୃତ

ତାଳଚେର, (ସବ୍ୟୁ) : ତାଳଚେର ଟାଉନ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୪୯ ବାଙ୍କଧରା ଛକ ନିକଟରେ ଚରଣ ସାହୁ ସ୍କୁଟିକୁ ରଖି ତାଙ୍କର ବନ୍ଧୁକୁ ଅପେକ୍ଷା କରିଥିଲେ। ଅଚାନକ ଏକ ଦ୍ରୁତଗାମୀ କୋଇଲା ବୋଝେଇ ଓଡ଼ି୩୫ ବି – ୨୩୧୨ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଚରଣ ସାହୁଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ଦୁର୍ଘଟଣା ସ୍ଥଳରେ ବୃଦ୍ଧଙ୍କ ପରିବାର ସହିତ ବହୁ ଲୋକ ରୁଣ୍ଡ ହୋଇ ସେଠାରେ ଚାପା ଉଜେନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ସ୍ଥଳରେ ପୋଲିସ୍ ପଂହଚି ତଦନ୍ତ କରିବା ସହ ଶବକୁ ଜବତ କରି ତାଳଚେର ସରକାରୀ ମଣ୍ଡାପାଳ ଡ଼ାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ୧୪୯ନମ୍ବର ଜାତୀୟ ରାଜପଥ ମରଣଯନ୍ତା ସାଜିଥିବା ବେଳେ ବର୍ଷା ଯୋଗୁଁ ରାସ୍ତାଟି କର୍ଦ୍ଦମା ଓ ଖାଲଖମାରେ ଭର୍ତି ହୋଇଛି। ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟକ ଭାରୀଯାନ ଚଳାଚଳ କରିଥାଏ। ଫଳରେ ରାସ୍ତା ସଙ୍କୁଚିତ ହେବାସହ ଖାଲଖମଣା ଯୋଗୁଁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟି ଜନଜୀବନ ଚାଲିଯାଉଥିବା ଅନେକ ଦୃଷ୍ଟାନ୍ତମାନ ରହିଛି। ଏପରିକି, ପ୍ରାୟ ଟ୍ରକ ଗୁଡ଼ିକରେ ହେଲପର ରହୁନଥିବାରୁ ଚାଳକ ରାସ୍ତାର ଉଭୟପାର୍ଶ୍ୱକୁ ଦୃଷ୍ଟି ନପକାଇବାରୁ ଏପରି କାଣ୍ଡ ଘଟୁଥିବା ଚୁହାଯାଉଥିବା ବେଳେ ସ୍ଥାନୀୟ ପରିବହନ ବିଭାଗ ଓ ଜିଲ୍ଲାପାଳଙ୍କ କିପରି ଭାବେ ଏହି ଘଟଣା ଦୃଷ୍ଟିକୁ ଆସିପାରୁନାହିଁ ତାକୁ ନେଇ ମଧ ଚର୍ଚ୍ଚା ଯୋରଧରିଛି।

## ନିଟ୍ ପ୍ରଶ୍ନପତ୍ର ଲିକ ଘଟଣାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ପକ୍ଷରୁ ଦୀପଦାନ

ଆଠମଲ୍ଲିକ ,(ସବ୍ୟୁ) :ନିଟ ପ୍ରଶ୍ନପତ୍ର ଲିକ ଘଟଣା ରେ ମର୍ମାହତ ହୋଇ ଆତ୍ମ ହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ଅମରଆତ୍ମାର ସଦଗତି ନିମନ୍ତେ କଂଗ୍ରେସ ପକ୍ଷରୁ ଦୀପଦାନ କରାଯାଇଥିଲା । ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା ମାହେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ନଗର କଂଗ୍ରେସ ସଭାପତି ଇଂ କମଳାକାନ୍ତ ପ୍ରଧାନଙ୍କ ନେତୃତ୍ୱ ରେ ବହୁ କଂଗ୍ରେସ ନେତା ଓ ସମର୍ଥକ ଏକତ୍ରିତ ହୋଇ ଦୀପଦାନ ଓ ନିରବ ପ୍ରାର୍ଥନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ଗତ ସାଧାରଣ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଚାଉଳିଆ, ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସ ସାଧାରଣ ସମ୍ପାଦକ ଟିକନ ବେହେରା, ଆଠମଲ୍ଲିକ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସଂାହୁ, କିଶୋରନଗର ବ୍ଲକ କଂଗ୍ରେସ ସଭାପତି ଆଲୋକ ପ୍ରଧାନ, କଂଗ୍ରେସ ନେତା ଅନାମ ଚରଣ ସୱାଇଁ,ରାମାନନ୍ଦ ପାଣିଗ୍ରାହୀ,ସରୋଜ ମହାକୁଡ଼, ପ୍ରଦୀପ କୁମାର ପ୍ରଧାନ, କୁନା ଚରଣ ରଥ,ସ୍ୱଦେଶ ରଥ,ଆଇନଜୀବୀ ଅଜିତ କୁମାର ମହାନ୍ତି, ସୁନୀଲ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ, ଜୋନ ସଭାପତି ଉପସ୍ଥିତ ଥିଲେ ।

## ଅଣ୍ଡରପାସରେ ବର୍ଷାଜଳ ନିଷ୍କାସନ ହେଉନାହି, ଯାତାୟାତରେ ବ୍ୟାଘାତ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ଥିବା ଫ୍ଲାଏ ଓଭର ବ୍ରିଜ ଠାରେ ଥିବା ଦୁଇଟି ଅଣ୍ଡରପାସରେ ବର୍ଷା ଜଳ ଜମି ରହୁଛି । ବର୍ଷା ଜଳ ନିଷ୍କାସନ ହେଉନଥିବା ଯୋଗୁଁ ଲୋକେ ଯାତାୟାତ ରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ବଇଣ୍ଡା ଠାରେ ମା ମଙ୍ଗଳା ସାହି ନିକଟ ଓ ମେଡିକାଲ ଠାରେ ଦୁଇଟି ଅଣ୍ଡର ପାସ ନିର୍ମାଣ ହୋଇଛି । ହେଲେ ଉକ୍ତ ଅଣ୍ଡରପାସ ଗୁଡିକ ସଠିକ ଭାବରେ ହୋଇ ନଥିବା ଯୋଗୁଁ ପାଣି ଗୁଡିକ ଗଚ୍ଛିତ ହୋଇ ରହୁଛି । ସାମାନ୍ୟ ବର୍ଷା ହେଲେ ପାଣି ଭର୍ତ୍ତି ହୋଇ ଯାଉଛି । ଯାହାକି ଏହି ଅଣ୍ଡର ପାସ ଦେଇ ଲୋକେ ଯାଉଥିବା ବେଳେ ପାଣି ଭର୍ତ୍ତି ଯୋଗୁଁ ଅନ୍ୟତ୍ର ବୁଲି କି ଯାତାୟାତ କରୁଛନ୍ତି । ଛାତ୍ରୀ ଛାତ୍ର ମାନେ ମଧ ସମସ୍ୟା ଭୋଗ କରୁଛନ୍ତି । ତୁରନ୍ତ ଉକ୍ତ ଅଣ୍ଡର ପାସ କୁ ମରାମତି କରିବା ପାଇଁ ସାଧାରଣ ରେ ଦାବି ହୋଇଛି ।

## ଲକ୍ଷ୍ମୀ ବସ ଅଚଳ, ଛାତ୍ରଛାତ୍ରୀ ହଇରାଣ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କୁ ଯୋଗାଇ ଦିଆଯାଇଥିବା ୩ ଟି ଲକ୍ଷ୍ମୀ ବସ ମଧ୍ୟରୁ ଗୋଟିଏ ବସ କିଛି ଦିନ ହେବ ଅଚଳ ହୋଇ ପଡିରହିଛି । ଫଳରେ ଏହି ବସ ଉପରେ ନିର୍ଭର କରୁଥିବା ଛାତ୍ର ଛାତ୍ରୀମାନେ ହଇରାଣ ହେଉଛନ୍ତି । କିଶୋରନଗର ବ୍ଲକ ସଦର ମହକୁମା ଠାରୁ ଆମ୍ବପାଳ ଦେଇ କଣ୍ଟେଇକୋଳିଆ ପଞ୍ଚାୟତ କୁ ସଂଯୋଗ କରୁଥିବା ଲକ୍ଷ୍ମୀ ବସଟି ଅଚଳ ହୋଇପଡିଛି । ଏହି ବସରେ ୧୫ ରୁ ଉର୍ଦ୍ଧ ପଞ୍ଚାୟତର ଯାତ୍ରୀ ଙ୍କ ସହ ବଇଣ୍ଡା , କିଶୋରନଗର କଲେଜ କୁ ଯାଉଥିବା ଛାତ୍ର ଛାତ୍ରୀମାନେ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏ ପରିକି ଅଫହଞ୍ଚ ଇଲାକାରୁ ଆସୁଥିବା ଛାତ୍ର ଛାତ୍ରୀ ବସ ଅଚଳ ଯୋଗୁଁ ପାଠ ପଢିବା ପାଇଁ କଲେଜକୁ ଆସି ପାରୁ ନାହାନ୍ତି । ଫଳରେ ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି । ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହୋଇଛି ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଉଁଶ ପୋଖରୀ ପଞ୍ଚାୟତ ଡିହସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିମ୍ବାଧର ସାହୁ ଆଜି ଶିକ୍ଷକତା ବୃତ୍ତିରୁ ଅବସରଗ୍ରହଣ କରିଥିବାରୁ ଏହି ଉପଲକ୍ଷେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗ୍ରାମ୍ୟ କମିଟି ଓ ପୂର୍ବତନ ଛାତ୍ର ଛାତ୍ରୀଙ୍କ ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପଦେଷ୍ଟା ସୁରେନ୍ଦ୍ର କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟରେ ବହୁ ଘାତ ପ୍ରତିଘାତ ମଧ୍ୟରେ ୩୨ ବର୍ଷ ଧରି ଶିକ୍ଷକତା ଶାରି ଆଜି ଅବସରଗ୍ରହଣ କରିଥିବାରୁ ଗ୍ରାମବାସିଙ୍କ ସମେତ ଉପସ୍ଥିତ ବହୁ ପୁରାତନ ଛାତ୍ର ଛାତ୍ରୀ ଓ ବର୍ତ୍ତମାନ ଶିକ୍ଷା ଲାଭ କରୁଥିବା ଛାତ୍ର ଛାତ୍ରୀଙ୍କ ଆଖିରୁ ଆପେ ଆପେ ଲୁହ ବହିଥିଲା। ବହୁ ପୁରାତନ ଛାତ୍ର ଛାତ୍ରୀ ସମ୍ବର୍ଦ୍ଧନା ସଭାରେ ନିଜର ପ୍ରିୟ ବିଦାୟୀ ପ୍ରଧାନଶିକ୍ଷକଙ୍କ ଉଦ୍ଦେଶ୍ୟରେ କିଛି କହୁ କହୁ ଭାବ ପ୍ରବଣ ହୋଇ ଉଠିଥିଲେ। ନିଜ କର୍ମମୟ ଜୀବନର ଦୀର୍ଘ ବର୍ଷ ଡିହସାହି ବିଦ୍ୟାଳୟରେ କଟି ଥିବାରୁ ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଆଜିର ଦିବସଟିକୁ ସ୍ମରଣୀୟ କରିବା ପାଇଁ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ବିଦାୟୀ ସଙ୍ଗୀତ ଗାନ କରାଯାଇଥିଲା। ନିଜର ପ୍ରିୟ ଶିକ୍ଷକଙ୍କୁ ସମସ୍ତେ ମିଳିମିଶି ଉପଢୌକନ ଗୀତା, ଭାଗବତ, ଫୁଲମାଳ ଓ ନାନା ପ୍ରକାର ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ ସମସ୍ତଙ୍କ ଗହଣରେ ପ୍ରଧାନ ଶିକ୍ଷକଙ୍କୁ ବାଜା ,ବାଣ ଓ ନାମ ସଂକୀର୍ତ୍ତନରେ ଗ୍ରାମ ପରିକ୍ରମା କରା ଯାଇ ଥିଲା। ଗ୍ରାମ ପରିକ୍ରମା ବେଳେ ଗାଁ ର ମହିଳା ମାନେ ଅକ୍ଷତ (ଅରୁଆ ଚାଉଳ) , ପୁଷ୍ପ, ଧୂପ, ଦୀପରେ ତାଙ୍କୁ ବନ୍ଦାପନା କରିଥିଲେ। ଏଥିରେ ପଞ୍ଚାୟତ ସରପଞ୍ଚ ରଣଜି ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ଧ୍ରୁବ ଚରଣ ବେହେରା, ସମ୍ପାଦକ ପ୍ରତାପ ବେହେରାଙ୍କ ସମେତ ବହୁ ମାନ୍ୟ ଗନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମନ୍ଦିର ସଫେଇ





ରେଙ୍ଗାଳି ,(ସବ୍ୟୁ):ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳରେ ଗଢିଉଠିଥିବା ରେଙ୍ଗାଳି ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରିଥାନ୍ତି ।ସେହିଭଳି ଭାବେ କାଉଡିଆଙ୍କ ଜଳାଭିଷେକ ପୂର୍ବରୁ ଶ୍ରଦ୍ଧାଳୁଙ୍କ ଗହଳି କୁ ଦୃଷ୍ଟିରେ ରଖି ଆଜି ସକାଳୁ ଟ୍ରଷ୍ଟ ପକ୍ଷରୁ ଦେନାଳି ସ୍ଥିତ ରାମେଶ୍ୱର ମନ୍ଦିର ଚତୁର୍ପାଶ୍ୱକୁ ସମ୍ପୂର୍ଣ ଝାଡୁ ସହିତ ବ୍ଲିଚିଙ୍ଗ ପାଉଡର ପକେଇ ସଫା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ନିରଞ୍ଜନ ଗଡ଼ନାଏକ, ଉପ ସଭାପତି ଅଶୋକ ସେଠି,ସମ୍ପାଦକ ବିରେଶ ପତି,ସହସମ୍ପାଦକ ନିର୍ମଳ କୁମାର ବସନ୍ତରା, କୋଷାଧକ୍ଷ କୌଶିକ ଗଡ଼ନାଏକ, ସାଙ୍ଗଠନିକ ସମ୍ପାଦକ ସୁଧାକର ସାମଲ, ଧ୍ରୁବ ଚରଣ ଧୀର, ପ୍ରିୟରଞ୍ଜନ ମହାନ୍ତି, ଐଶ୍ୱର୍ଯ୍ୟ ରଞ୍ଜନ ପ୍ରଧାନ ଓ ଟ୍ରଷ୍ଟ ର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## ବ୍ରାହ୍ମଣୀ ନଦୀରେ ବୁଡ଼ି : ଜଣେ ଉଦ୍ଧାର, ଜଣେ ନିଖୋଜ

ତାଳଚେର ,(ସବ୍ୟୁ) : ଆଜି ତାଳଚେର ବ୍ଲକ କଙ୍କିଳି ପଂଚାୟତ କାକୁଡ଼ି ଗ୍ରାମର ପଛପାର୍ଶ୍ୱରେ ରହିଥିବା ବ୍ରାହ୍ମଣୀନଦୀକୁ ୩ଜଣ ଯୁବକ ଗାଧୋଇବାକୁ ଯାଇଥିଲେ। ସେଥିମଧ୍ୟରୁ ଜଣେ ଯୁବକ କୂଳରେ ଥିବାବେଳେ ଆଉ ଦୁଇଜଣ ନଦୀ ଭିତରକୁ ଗାଧୋଇବାକୁ ଯାଇଥିଲେ। ସେଥିମଧ୍ୟରୁ ୧ନଂ ୱାର୍ଡ଼ର ରଞ୍ଜନ ଦାସଙ୍କ ପୁତ୍ର ରାହୁଲ ଦାସକୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ସିକ୍ୟୁରିଟି ଉଦ୍ଧାର କରି ସ୍ଥାନୀୟ ମଣ୍ଡାପାଳ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତି କରିଛନ୍ତି। ଆଉ ଜଣେ ଯୁବକ ଅଂଶୁମାନ ପଟ୍ଟନାୟକ ନଦୀର ଗଭୀର ଭିତରକୁ ଚାଲିଯାଇଥିଲେ। ସୂଚନା ମୁତାବକ ତାଳଚେର ଥାନା ଅଧିକାରୀ ବିଭୂଦତ ରାଉତରାଏ ଓ ତାଳଚେର ଓଡ୍ରାଫ ଟିମ ଘଟଣା ସ୍ଥଳରେ ପଂହଚି ଖୋଜା ଖୋଜି ଚଳାଇଥିଲେ ମଧ ଏଯାଏଁ ଅଂଶୁମାନଙ୍କର କୌଣସି ପତା ମିଳିପାରି ନାହିଁ ଏହି ଘଟଣାକୁ ନେଇ ସେଠାରେ ଏକ ଅଶାନ୍ତିର ବାତାବରଣ ଦେଖା ସହିତ ଦୁଃଖରଛାୟା ଖେଳାଇ ଦେଇଥିଲା। ତେବେ ବର୍ତ୍ତମାନ ବ୍ରାହ୍ମଣୀନଦୀ ଦୁଇକୂଳ ଖାଉଥିବାରୁ ଅନ୍ୟ ଜଣଙ୍କୁ ଖୋଜିବାରେ କଷ୍ଟକର ସାବ୍ୟସ୍ତ ହୋଇପଡ଼ିଛି। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ବାସୀନ୍ଦା ସେଠାରେ ଜମା ହୋଇ ଯାଇଥିଲେ।

## ନଦୀକୁ ଶୌଚ ହେବାକୁ ଯାଇ ନିଖୋଜ ମହିଳାଙ୍କ ମୃତଦେହ ମିଳିଲା

ରାସୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ କୋଉମ ଗ୍ରାମର ଅଧିକାରୀ ଛତାରଙ୍କ ସ୍ତ୍ରୀ ନିଶାମଣି ଛତାର ୩୧ ତାରିଖ ସନ୍ଧ୍ୟାରେ ଘର ପାଖ ସାପୁଆ ନଈକୁ ଶୌଚ ହେବାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ଖବରପାଇ ରାସୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି ପରେ କୌଣସି ସନ୍ଧାନ ପାଇ ନଥିଲା। ନିଶାମଣି ସାପୁଆ ନଦୀ ର ପ୍ରଖର ସ୍ରୋତ ରେ ଭାସି ଯାଇ ଥିବାର ସନ୍ଦେହ କରାଯାଉଥିଲା।ନଈ ପଠାରେ ନିଶାମଣି ଙ୍କ ମୃତ ଶରୀର ବାଲିରେ ପୋତି ହୋଇ ପଡିଥିବାର ଆଜି ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ। ସ୍ଥାନୀୟ ଲୋକେ ଭାପୁର ଫାଣ୍ଡିକୁ ଜଣାଇଥିଲେ।ସଦର ଥାନା ଏବଂ ଭାପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳବାହିନୀ ସହାୟତାରେ ଶବକୁ ଉଦ୍ଧାର କରିବାପରେ ପୋଲିସ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ତାଳଚେର/ସାଉଥ୍‌ବଲଣ୍ଡା ,(ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମଙ୍ଗୁଲୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳମଛୁଇଁ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିରାକାର ବାରିକ, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ମଙ୍ଗୁଲୁ ସାହୁ ବିଜ୍ଞାନ ମେଳାର ତାପତର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ୧୪୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚତୁର୍ଭୁଜ ସାହୁ, ରବିନ୍ ବରାଳ, ପ୍ରକାଶ ପ୍ରଧାନ ଓ କମଳ ଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ । ପ୍ରକଳ୍ପଗୁଡିକ ମଧ୍ୟରୁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯଯକ୍ରମକୁ ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ପରିଚାଳନା କରିଥିବା ବେଳେ ମଳୟ ଦାସ ଧନଯବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଆଚାର୍ଯ୍ୟ ସଞ୍ଜୟ ସାଲିମା, ଭଗବାନ ବେହେରା, ସୁକନ୍ୟା ମାଝୀ, ଲିନାଲିନ୍ ବିଶ୍ୱାଳ, ସ୍ନେହଲତା ସ୍ୱାଇଁ ପ୍ରମୁଖଙ୍କ ସହ ସମସ୍ତ ଗୁରୁଜୀ,ଗୁରୁମା ସକ୍ରିୟ ସହଯୋଗ କରିଥିଲେ ।

### ସର୍ବଭାରତୀୟ ରିଅଲିଟି ସୋ 'ଷ୍ଟ୍ରିଟ୍ ଡ୍ୟାନ୍ସ ଇଣ୍ଡିଆ'

## ଦ୍ୱିତୀୟ ରନର୍ସଅପ୍ ହେଲେ ସୌର୍ଯ୍ୟଦୀପ

ଢେଙ୍କାନାଳ,(ସବ୍ୟୁ): ବୟସ ମାତ୍ର ୯ ବର୍ଷ। ଢେଙ୍କାନାଳ କାହିଁକି ସେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। କୁନି ନୃତ୍ୟଶିଳ୍ପୀ ସୌର୍ଯ୍ୟଦୀପ ତ୍ରିପାଠୀଙ୍କ ଜାତୀୟ ସ୍ତରରେ ଐତିହାସିକ ସଫଳତା ଆଜି ସବୁଠି ଚର୍ଚ୍ଚା ପାଲଟିଛି। ହରିୟାଣାର ଅମ୍ବାଲାଠାରେ ପ୍ରିନସ୍ ମେହେରା ପ୍ରଡ଼କ୍ସନ ହାଉସ ଦ୍ୱାରା ଆୟୋଜିତ ସର୍ବଭାରତୀୟ ରିଅଲିଟୀ ସୋ 'ଷ୍ଟ୍ରିଟ୍ ଡ୍ୟାନସ ଇଣ୍ଡିଆ'ରେ ବିଚାରକ ଥିବା ଗୌ ପଲ୍ ମାର୍ଶାଲ ସୌର୍ଯ୍ୟଦୀପଙ୍କ ନୃତ୍ୟରେ ବିମୋହିତ ହେବା ସହ ସେ ମଞ୍ଚକୁ ଚାଲିଆସି ଆଲିଙ୍ଗନ କରିଥିଲେ। ଆୟୋଜକଙ୍କ ସୂଚନା ଅନୁଯାୟୀ ଏହି ରିଏଲିଟି ଶୋ ୯ ଏକ୍ସଏମ୍ ଗାଓ ଈଶ୍ୱର ଚ୍ୟାନେଲରେ ପ୍ରସାରଣ କରାଯିବ। ଯାହା ମାଧ୍ୟମରେ ସୌର୍ଯ୍ୟଦୀପଙ୍କ ଅସାଧାରଣ ପ୍ରତିଭାକୁ ସାରା ଦେଶ ଦେଖିବାର ସୁଯୋଗ ପାଇବ। ଶ୍ରୀଚୈତନ୍ୟ ଟେକନୋ ସ୍କୁଲର ୪ର୍ଥ ଶ୍ରେଣୀର ଛାତ୍ର ସୌର୍ଯ୍ୟଦୀପ ଶିବାୟ ଡ୍ୟାନସ୍ ଏକାଡ଼େମୀରେ ନୃତ୍ୟ ଶିକ୍ଷା କରୁଛନ୍ତି। ନୃତ୍ୟଗୁରୁ ଶିବରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ସେ ନୃତ୍ୟ ଶିକ୍ଷା କରିବା ସହିତ ଜିଲ୍ଲା ଓ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରଛନ୍ତି। ସୌର୍ଯ୍ୟଦୀପ ଏବେ ଡ୍ୟାନସ୍ ଇଣ୍ଡିଆ ଡ୍ୟାନସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି। ସୌର୍ଯ୍ୟଦୀପ ହେଉଛନ୍ତି ଢ଼େଙ୍କାନାଳ ଷ୍ଟେସନ ବଜାର, ତାରିଣୀ ନଗରର ଉଦିତ ନାରାୟଣ ତ୍ରିପାଠୀ ଓ ସର୍ମିଷ୍ଠା ଦାଶଙ୍କ ସୁଯୋଗ୍ୟ ପୁତ୍ର ଏବଂ ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ନାତି। ସୌର୍ଯ୍ୟଦୀପଙ୍କ ଏହି ସଫଳତା ପାଇଁ ଢେଙ୍କାନାଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



# ଅରୁଣ ଦେ ଥିଲେ ଗୋଟିଏ ଚଳନ୍ତି ଅନୁଷ୍ଠାନ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱରର ବିଶିଷ୍ଟ ଜନନେତା ସ୍ୱର୍ଗତଃ ଅରୁଣ ଦେ କେବଳ ଜଣେ ନେତା ନଥିଲେ ସିଏ ଗୋଟିଏ ଚଳନ୍ତି ଅନୁଷ୍ଠାନ ଥିଲେ । ସାଧାରଣ ମେହନତୀ ମଣିଷଙ୍କ ଠାରୁ ଆରମ୍ଭ କରି ସମାଜର ସବୁସ୍ତରର ଲୋକଙ୍କର ସେ ସାହା ଭରଷା ଥିଲେ । ସେଭଳି ଦୁଃସାହସିକ ନେତା ଆଜି ବିରଳ । ବିଧାନସଭା ଭିତରେ ମୁଖ୍ୟମନ୍ତ୍ରୀଙ୍କୁ ସାହସର ସହିତ ପ୍ରଶ୍ନ ପଚାରୁଥିଲେ ଏବଂ ସମାଧାନର ବାଟ ବାହାର କରୁଥିଲେ ବୋଲି ରବିବାର ଦିନ ସ୍ଥାନୀୟ ସିଦ୍ଧିକଲ୍ୟାଣ ମଣ୍ଡପ-୨ ଠାରେ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଦେଙ୍କ ୫ମ ଶ୍ରାଦ୍ଧବାର୍ଷିକୀରେ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅରୁଣ ଦେ ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ରଂଜନ ବାଗ ଅଧ୍ୟକ୍ଷତା କରି ସ୍ୱର୍ଗତଃ ଦେଙ୍କ ଜୀବନ ଚର୍ଯ୍ୟା ଓ ସଂଗ୍ରାମୀ ମନୋଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଡ. ଲେଖାଶ୍ରୀ ସାମନ୍ତ ସିଂହାର,ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ପ୍ରଦୀପ୍ତ ପଣ୍ଡା, ବାଲେଶ୍ୱର ପ୍ରାକ୍ତନ ବିଧାୟକ ସ୍ୱରୂପ ଦାସ, ପୂର୍ବତନ ନଗରପାଳ ତପନ ଚକ୍ରବର୍ତୀ, ଉପନଗରପାଳ କୈଳାଶ ସେଠୀ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ସଂଜୟ କୁମାର ଦାସ, ସଂଗ୍ରାମ କୁମାର ଦାସ, ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ପେଟ୍ରୋଲପମ୍ପ ମାଲିକ ସଂଘର ସମ୍ପାଦକ ପ୍ରଦୀପ ଦାସ, ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ଅରୁଣ ଜେନା , ରେମୁଣା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଗୋପିନାଥ ସେନାପତି, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱର୍ଗତଃ ଅରୁଣ ଦେଙ୍କ ସ୍ମୃତିଚାରଣ କରିବା ସଂଗେ ସଂଗେ ତାଙ୍କ ଭଳି ସାହସିକତାର ସହିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ରବିବାର ପୂର୍ବାହ୍ନରେ ସ୍ୱର୍ଗତଃ ଦେଙ୍କ ମଲ୍ଲିକାଶପୁରସ୍ଥିତ ବାସଭବନରେ ଥିବା ତାଙ୍କ ପ୍ରତିମୂର୍ତ୍ତି ଏବଂ ତାଙ୍କ ପିତା ଗଡ଼ଜାତ ଆନ୍ଦୋଳନର ନେତା ସ୍ୱର୍ଗତଃ ଗୋଲକନାଥ ଦେଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ଓଟିରୋଡ଼ ପାର୍ଶ୍ୱରେ ଥିବା ଦେଙ୍କ ପୂର୍ଣ୍ଣଅବୟାବ ପ୍ରତିମୂର୍ତ୍ତିରେ ବହୁବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରି ସ୍ୱର୍ଗତଃ ଦେଙ୍କ ପ୍ରତି ଶ୍ରଦ୍ଧାସୁମନ ଜଣାଇଥିଲେ ।

# ଖଣି ଲିଜ ଅଞ୍ଚଳରେ ଚୋରି ହେଲେ ଉତ୍ତରଦାୟୀ ହେବେ ଲିଜଧାରୀ

କେନ୍ଦୁଝର ,(ଜିପ୍ର): ଯୋଡ଼ା ଖଣି ଅଞ୍ଚଳରେ ଥିବା କିଛି ଲିଜ ନାରୀଙ୍କୁ ଚିଠି କରିଛି ଖଣି ବିଭାଗ। ଲିଜ ନିକଟବର୍ତ୍ତୀ ଅଞ୍ଚଳରେ ଖଣିଜ ଚୋରି ହେଲେ ଲିଜ ଧାରୀ ଏଥିପାଇଁ ଉତ୍ତରଦାୟୀ ରହିବେ ବୋଲି ଉକ୍ତ ଚିଠିରେ ଦର୍ଶାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ୨/୦୬/୨୦୨୬ ତାରିଖରେ ଯୋଡ଼ା ଖଣି ମଣ୍ଡଳର ସମସ୍ତ ଲିଜ ଧାରୀଙ୍କୁ ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟ ଦ୍ୱାରା ଅବଗତ କରାଯାଇଛି , ଲିଜ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ପରିତ୍ୟକ୍ତ ପୂରାତନ କ୍ୱାରି ଏବଂ ସଦ ଆ ଖନନ କ୍ୱାରି , ବେଆଇନ ଷ୍ଟୋରେଜ, ବେଆଇନ ପରିବହନ ଏବଂ ବେଆଇନ ଉତ୍ତୋଳନ ନେଇ ଲିଜ ନାରୀଙ୍କୁ ନଜରକୁ ଆସିଲେ ତୁରନ୍ତ ଖଣି ବିଭାଗ, ଜିଲ୍ଲା ପୋଲିସ ଏବଂ ବନବିଭାଗକୁ ସୂଚନା ଦେବେ । ଅନ୍ୟଥା ଚୋରା ଖନନ ହେଉଥିବା କ୍ୱାରୀ ନିକଟବର୍ତ୍ତୀ ଖଣି ଲିଜ ଧାରୀ ଏଥିପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶ ଯୋଗ୍ୟ, ଖଣି ଖନନ ହେଉଥିବା ଲିଜ ନିକଟବର୍ତ୍ତୀ ପରିତ୍ୟକ୍ତ ଜଙ୍ଗଲରେ ଖଣିଜ ଚୋରମାନେ ଚୋରାରେ ଅନାୟାସରେ ଖଣିଜ ଉତ୍ତୋଳନ କରି ପଡୋଶୀ ରାଜ୍ୟ ଝାଡଖଣ୍ଡ, ପଶ୍ଚିମବଙ୍ଗ ଏ ଛତିଶଗଡ଼କୁ ଚୋରା ଚାଲାଣ କରୁଥିଲେ। ପାର୍ଶରେ ଖଣି ଲିଜଧାରୀମାନେ ଖଣିଜ ଉତ୍ତୋଳନ କରିଥିଲେ ହେଁ ଖଣିରେ ନିୟୋଜିତ ସୁରକ୍ଷା କର୍ମୀ କିମ୍ବା ଖଣିର ପଦାଧିକାରୀ ଏ ନେଇ କୌଣସି ସୂଚନା ଖଣି ବିଭାଗ, ବନବିଭାଗ କିମ୍ବା ଜିଲ୍ଲା ପୋଲିସକୁ ଦେଉନଥିଲେ । ଫଳରେ ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିଲା। ଏହି ଖଣିଜ ଚୋରିକୁ ରୋକିବା ପାଇଁ ବନବିଭାଗର ଏହିପରି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏହା ସହିତ ଖଣିଜ ଚୋରି ଉପରେ ଖଣି ବିଭାଗର ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଯୋଡ଼ା ଖଣି ମଣ୍ଡଳରେ ଏହି ଖଣିଜ ଚୋରି ଯୋଗୁଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୪୦୦କୋଟି ଟଙ୍କାର ରାଜସ୍ୱ ହରାଉଥିବା ସୂଚନା ରହିଛି। ଏ ସଂକ୍ରାନ୍ତୀୟ ଚିଠି ଖଣି ବିଭାଗ ଖଣି ଲିଜ ଧାରୀଙ୍କୁ ଦେବା ସହିତ ବନ ବିଭାଗ ଏବଂ ଜିଲ୍ଲା ପୋଲିସକୁ ମଧ୍ୟ ମାଧ୍ୟମରେ ଜଣାଇଛି । ମିଳିଥିବା ସୂଚନା ଅନୁଯାୟୀ, ଉପ ନିର୍ଦ୍ଦେଶକଙ୍କ ଏହି ନିର୍ଦ୍ଦେଶ ମିଳିବା ପରେ ତିରିଁପାହାଡ ଅଞ୍ଚଳରେ ଖଣିଜ ଚୋରି ହେଉଥିବା ନେଇ ଏକ ବୃହତ ଖଣି ଲିଜ ଧାରୀ ଖଣି ବିଭାଗକୁ ଏବଂ ପୋଲିସକୁ ଅବଗତ କରାଇଛି । ପୋଲିସ ଏବଂ ଖଣି ବିଭାଗ ଏ ସମ୍ପର୍କିତ ଖବର ପାଇବା ପରେ ଧରି ପଇଡ଼ ଅଭିଯାନକୁ ଜୋରଦାର କରିଛନ୍ତି। କିଛି ଅସାଧୁ ଲିଜ ଧାରୀ ପରିତ୍ୟକ୍ତ ଜଙ୍ଗଲ ମଧ୍ୟରେ ଖଣିଜ ଖନନ କରି ଉତ୍ତୋଳିତ ଚୋରା ଖଣିଜକୁ ଲିଜ ଅଞ୍ଚଳରୁ ଉତ୍ତୋଳନ ହୋଇଥିବା ଦର୍ଶାଇ ସରକାରୀ ଅନୁମୋଦନ ଲାଭ କରି ଉକ୍ତ ଖଣିକୁ ବାହାର ରାଜ୍ୟକୁ ଚୋରା ପରିବହନ କରୁଥିଲେ। ଖଣି ବିଭାଗର ଏହି ନିୟମ ପରେ କିଛିକାଂଶରେ ଚୋରିକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଯୋଡା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ପରିବେଶବିତ୍ ଉଦୟ ଶଙ୍କର ଆଚାର୍ଯ୍ୟ ମତ ପ୍ରକାଶ କରିଛନ୍ତି।

# ଦୁଇ ଶିକାରୀ ଗିରଫ : ବନ୍ୟପ୍ରାଣୀ ଅବଶେଷ, ସରଞ୍ଜାମ ଜବତ

ନୀଳଗିରି, (ସବ୍ୟୁ):ଗତ ୩୧ତାରିଖ ଶୁକ୍ରବାର ଦିନ କୁଲଡିହା ବନ୍ୟଜୀବ ରେଞ୍ଜର ଏକ ମିଳିତ ପ୍ରବର୍ତ୍ତନ ଦଳ ମୟୁରଭଞ୍ଜ ଜିଲ୍ଲା, କପ୍ତିପଦା ଥାନା ଅନ୍ତର୍ଗତ ଶାଳଘାଟି ଗ୍ରାମରେ ଜୈନିକ ଶିକାରୀମାନେ କୁଲଡିହା ବନ୍ୟଜୀବ ଅଭୟାରଣ୍ୟ ମଧ୍ୟରେ ଆଇନ ବିରୁଦ୍ଧ ଶିକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବା ବ୍ୟକ୍ତିମାନଙ୍କ ଉପରେ ଚଢ଼ାଉ କରିଥିଲେ। ଦୁଇ ଅଭିଯୁକ୍ତ ହେଲେ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଧିନ ଶାଳଘାଟି ନିକଟ କାଲାଡାହି ଗ୍ରାମର ସ୍ୱର୍ଗତ ସମାଏ ହାଁସଦାଙ୍କ ପୁଅ ଜିତୁ ହାଁସଦା (୬୫) ଏବଂ ଉକ୍ତ ଗ୍ରାମର ସ୍ୱର୍ଗତ ଗୁରା ସିଂ ଙ୍କ ପୁଅ ଦୁର୍ଗା ସିଂ (୪୮)। ଘରେ ଖାନତଲାସୀ ସମୟରେ ଦୁଇଟି ଦେଶୀ ନଳ ବନ୍ଧୁକ, ୭ ଗୋଟି ଫାଶ ଜାଲ ବାଣ୍ଡୁଲି ୩୦ ଗୋଟି ଝିଙ୍କ କଣ୍ଟା ,ଗୋଟିଏ ଦେଶୀ ବନ୍ଧୁକର ନଳ, ଗୋଟିଏ ବିଲ୍ ହୁକ୍ ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଜବତ କରାଯାଇ କୁଲଡିହା ବନ କାର୍ଯ୍ୟାଳୟକୁ ଅଣାଯାଇଥିଲା। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ର ସମ୍ପୃକ୍ତ ଧାରା ଅନୁଯାୟୀ ଅସ୍ତ୍ରଶସ୍ତ୍ର, ବନ୍ୟଜୀବ ସାମଗ୍ରୀ, ଶିକାର ଉପକରଣର ଆଇନ ବିରୁଦ୍ଧ ଅଧିକାର ଏବଂ କୁଲଡିହା ବନ୍ୟଜୀବ ଅଭୟାରଣ୍ୟରେ ଅନଧିକୃତ ପ୍ରବେଶ ପାଇଁ ଓ ଆର୦୫କେ, ୨୦୨୬-୨୭ରେ ଏକ ବନ୍ୟଜୀବ ଅପରାଧ ମାମଲା ରୁଜୁ କରାଯାଇ ବେଲ ନାମଂଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିବା ସୂଚନା ମିଳିଛି ।

# ବନ କର୍ମଚାରୀଙ୍କୁ ଆକ୍ରମଣ : ଦୁଇ ଗିରଫ



କେନ୍ଦୁଝର,(ଜିପ୍ର) : କେନ୍ଦୁଝର ଜିଲା ପାଟଣା ଓ ସଦର ରେଞ୍ଜ ସୀମାନ୍ତ ପଦ୍ମପୁର ସଂରକ୍ଷିତ ଜଙ୍ଗଲର ଜାମୁନାଳିଆ ଗାଁ ନିକଟରେ ଏକ ୨୦ ଟିକିଆ ହାତୀପଲ ଡେରା ପକାଇଥିବା ସମୟରେ କିଛି ଅମାନିଆ ଯୁବକ ହାତୀପଲଙ୍କୁ ବିଚଳିତ କରୁଥିଲେ। ବନ କର୍ମଚାରୀମାନେ ସେମାନଙ୍କୁ ଏଭଳି କରିବାରୁ ବାରଣ କରିବାରୁ କିଛି ଯୁବକ ଉକ୍ଷିପ୍ତ ହୋଇ ବନ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରି ସେମାନଙ୍କୁ ଆକ୍ରମଣ କରିଥିଲେ, ଯେଉଁଥିରେ ବନ କର୍ମଚାରୀ ଆହତ ହୋଇଥିଲେ।ଏହି ଘଟଣା ନେଇ ବନ ବିଭାଗ ପକ୍ଷରୁ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ଏକ ମାମଲା (ନମ୍ବର ୨୦୪/୨୬) ରୁଜୁ କରିଛି। ଏହାର ତଦନ୍ତ ଦାୟିତ୍ୱ ଏ.ଏସ.ଆଇ. ସୁଜାତା ମହାନ୍ତ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ, ହାତୀପଲଙ୍କୁ ବିଚଳିତ ଓ ଚିଡ଼ାଇଥିବା ଅଭିଯୋଗରେ ବନ ବିଭାଗ ଦୁଇଜଣ ଯୁବକଙ୍କୁ ଉଠାଇ ଆଣି ତଦନ୍ତ କରିବା ପରେ ଶନିବାର ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଗିରଫ ହୋଇଥିବା ଯୁବକଦ୍ୱୟ ହେଲେ ଚମ୍ପୁଆ ଥାନା ପାଞ୍ଚପୋଖରିଆ ଗ୍ରାମର ମିହିର କୁମାର ନାଏକ (୨୧) ଏବଂ ଯୋଡ଼ା ଥାନା କୁଦାପି ଗ୍ରାମର ବିଜୟ ମହାନ୍ତ (୨୨) ବୋଲି ସଦର ବନପାଳ ଯତୀନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଶୀଘ୍ର ଗିରଫ କରାଯିବ ବୋଲି ଜଣାପଡ଼ିଛି।

# ବନ୍ୟା ଜଳଘେରରେ ୭ରୁ ଉର୍ଦ୍ଧ୍ୱ ଗାଁ ରାସ୍ତା ଉପରେ ଛାତିଏ ପାଣି

ଧୂଷୁରୀ.(ସବ୍ୟୁ): ଧାମନଗର ବ୍ଲକ୍ ଅନ୍ତର୍ଗତ ରଇପୁର ପଞ୍ଚାୟତରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଭୟାବହ ରୂପ ଧାରଣ କରିଛି। ମୌଦପୁର ଗ୍ରାମଠାରୁ କାଠମୁଣ୍ଡା ରାସ୍ତା ଉପରେ ବନ୍ୟାଜଳର ପ୍ରବଳ ଢେଉ ଖେଳୁଥିବାବେଳେ ଗତ ୪ଦିନ ହେଲାଣି ମୌଦପୁର,ପାଳପୁର ତଳପ୍ରଧାନ ସାହି ଏବଂ କାଠମୁଣ୍ଡା ଗ୍ରାମର ଆବାଳବୃଦ୍ଧବନିତା ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି। ସେହିପରି ମୌଦପୁର ଗ୍ରାମଠାରୁ ବାଙ୍କସାହି ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ଉପରେ ଛାତିଏରୁ ବେକେ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେଉଛି। ଫଳରେ ମଠସାହି, ମାଲସାହି, ଘୁଡ଼ାସାହି,କଣ୍ଟିକା,ନିନ୍ଧିବିନ୍ଧା ଏବଂ ବାଙ୍କସାହି ଆଦି ଗ୍ରାମର ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବାହ୍ୟ ଜଗତରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ଏହିସବୁ ଗ୍ରାମଗୁଡ଼ିକରେ ଧନଜୀବନ ଗମ୍ଭୀର ବିପଦ ମଧ୍ୟକୁ ଠେଲି ହୋଇଯାଇଛି।

# ପାଣି ନାଳରେ ପଡି ଚାଷୀ ମୃତ

ଖଇରା,(ସବ୍ୟୁ): ।ଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧିନ ଶରତ ଗ୍ରାମର ରବିନ୍ଦ୍ର ପରିଡାଙ୍କ ପୁଅ ଅନ୍ତର୍ଯ୍ୟାମୀ(୪୦) ବିଲ କାମସାରି ଘରକୁ ଫେରୁଥିବା ବେଳେ ପାଣିନାଳରେ ଖସିପଡି ମୃତ୍ୟୁ ବରଣ କରିଛନ୍ତି । ସେ ଚାଷଜମିକୁ କାମ କରିବାକୁ ଯାଇ ମଧ୍ୟାହ୍ନ ବେଳେ କାମ ସାରି ଘରକୁ ଫେରୁଥିଲେ । ଫେରିବା ରାସ୍ତାରେ ଏକା ପାଣିନାଳ ଅତିକ୍ରମ କରୁଥିବା ବେଳେ ମୁଣ୍ଡବୁଲାଇ ଦେବାରୁ ନାଳରେ ଭାସି ଯାଇଥିଲେ । ପାଖରେ କାମ କରୁଥିବା ଅନ୍ୟ ଚାଷୀମାନଙ୍କ ସହାୟତାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ନିଜର ଘର ନଥିବାରୁ ପରଘରେ ଆଶ୍ରୟ ନେଇଥିବା ଅନ୍ତର୍ଯ୍ୟାମୀଙ୍କୁ କୌଣସୀ ସରକାରୀ ସହାୟତା ମିଳିନଥିବା ବେଳେ ତାଙ୍କର ଅନାଥ ସନ୍ତାନ ଭାବେ ଏକମାତ୍ର ଝିଅ ଓ ସ୍ତ୍ରୀଙ୍କୁ ସହୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ମାଧପୁର, କରାଣ୍ଡିମାଳରେ ବନ୍ୟା ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

ଭଦ୍ରକ,(ସବ୍ୟୁ): ଜିଲ୍ଲାର ବନ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ରବିବାର ଦିନି ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମାଧପୁର ଏବଂ କରାଣ୍ଡୀମାଳ ଅଂଚଳ ଗସ୍ତ କରିଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଆଶ୍ରୟସ୍ଥଳ,ରିଲିଫ୍ ବଣ୍ଟନ,ପାନୀୟ ଜଳ,ଖାଦ୍ୟ,ସ୍ୱାସ୍ଥ୍ୟସେବା ଏବଂ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସମ୍ପୃକ୍ତ ଅଧିକାରୀମାନଙ୍କୁ ସମସ୍ତ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ସହାୟତା ପହଂଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଆବଶ୍ୟକସ୍ଥଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ କୌଣସି ପ୍ରଭାବିତ ପରିବାର ଯେପରି ସରକାରୀ ସହାୟତାରୁ ବଂଚିତ ନହୁଅନ୍ତି, ସେଥିପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଂଚଳରେ ରିଲିଫ୍,ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସମ୍ପୂର୍ଣ୍ଣ ତତ୍ପରତାର ସହ ଜାରି ରହିଥିବା ବେଳେ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି।

# ସାଳନ୍ଦୀ ନଦୀ ଅତଡ଼ା ଖସୁଥିବା ସ୍ଥାନରେ ବିଧାୟକ

ଆଗରପଡ଼ା,(ସବ୍ୟୁ): ଶନିବାର ଦୈନିକ ସମୟରେ ଲଗାଣ ବର୍ଷାରେ ଖସିଲା ନଦୀ ଅତଡ଼ା ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ମଧ୍ୟାହ୍ନ ସମୟରେ ସାଳନ୍ଦୀ ନଦୀରୁ ଅତଡ଼ା ଖସୁଥିବା ସ୍ଥାନରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକଙ୍କ ସହ ବିଭାଗୀୟ ଏସଡିଓ ଦଶରଥ ମହନ୍ତ ପହଁଚି ଏହି ଘଟଣାର ଅନୁଧ୍ୟାନ କରିଛନ୍ତି। ଏହି ସ୍ଥାନରେ ବିଭାଗ ପକ୍ଷରୁ ପ୍ରୋଟେକ୍ସନ ୱାଲ ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ଏସଡିଓ ଶ୍ରୀମହନ୍ତ ବିଧାୟକଙ୍କୁ ପ୍ରତିଶୃତି ଦେଇଛନ୍ତି। ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି,ଯୁବ ସଭାପତି ସତ୍ୟସାଧନ ବେଜ,ଦୀପକ ମହାନ୍ତି,ବ୍ରଜ ମହାନ୍ତି,ଲିଟୁ ଦାସ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଲଘୁଚାପ ଜନିତ ଲଗାଣ ବର୍ଷାରେ ଆଗରପଡ଼ା ସ୍ଥିତ ସାଳନ୍ଦୀ ନଦୀ ଟିକିରା-ଶ୍ରୀରାମପୁର ସଂଯୋଗକାରୀ ବିଜୁ ସେତୁ ନିକଟରେ ମାଟି ଅତଡ଼ା ଖସିଥିଲା ଓ ଗାଁ ମଧ୍ୟକୁ ନଦୀ ପାଣି ପଶି ଆସିବାର ଆଶଙ୍କା ପ୍ରକାଶ ପାଇଥିଲା।

# ଜଳଘେରାରେ ଶହ ଶହ ପରିବାର

ବାସୁଦେବପୁର,(ସବ୍ୟୁ): କମିଯାଇଛି ଲଘୁଚାପଜନିତ ଲଗାଣ ବର୍ଷା। କମି କମି ଆସୁଛି ବନ୍ୟା ପାଣି। ତଥାପି ହଜାର ହଜାର ହେକ୍ଟର ଚାଷ ଜମିର ଜଳମଗ୍ନ ହୋଇ ପଡିଥିବାବେଳେ ଶହ ଶହ ପରିବାର ଏବେ ବି ଜଳବନ୍ଦୀରେ ରହିଛନ୍ତି। ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର ଗ୍ରାମର ସୁନାମୁହିଁ, ଡାଙ୍ଗମାଳ, ବନ୍ଧସାହି, ଦାସଡିହ ଓ ଲୁଙ୍ଗା ପଂଚାୟତର ବଡକିଆରି, ମଉଜୁଡିର ଶହ ଶହ ପରିବାର ଜଳ ଘେରରେ ଅଛନ୍ତି। ବରଣୁଆ ପଂଚାୟତର ରତାଙ୍ଗ,ସୁଦର୍ଶନପୁର ପଂଚାୟତର ସୁଆଁ ଓସୁଦର୍ଶନପୁର, ନରସିଂହପୁର ପଂଚାୟତର ବଡଚନ୍ଦ୍ରଭାନୁପୁର ଓ କାଳିଦାସପୁର ଓ ପୌରପାଳିକାର ବିଭିନ୍ନ ଅଂଚଳ ଜଳମଗ୍ନ ହୋଇପଡିଛି। ବାସୁଦେବପୁର ବ୍ଲକର ବନ୍ୟା ପ୍ରଭାବିତ ଅଂଚଳର ଗୋରୁଗାଈ ଉପାସରେ ଦିନ କାଟୁଛନ୍ତି। ବନ୍ୟାର ୧୫ ଦିନ ପରେମଧ୍ୟ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀଙ୍କ ନିଦ ଭାଙ୍ଗୁନାହିଁ। ବାରମ୍ବାର ଅଭିଯୋଗ ପରେ ଷନିବାରଦିନ ମଧ୍ୟାହ୍ନରେ ଜଗନ୍ନାଥପ୍ରସାଦ ପଂଚାୟତର ଦଧିବାମନପୁର ସ୍କୁଲ ପାଖରେ ପହଂଚିଅଛି। ସୁଦର୍ଶନପୁର ପଂଚାୟତର ସୁଆଁ ଓ ଜଗନ୍ନାଥୀ,ଜଗନ୍ନାଥପୁର ପଂଚାୟତର ସାରଙ୍ଗପୁର ଓ ଚନ୍ଦନପୁର,ବରଣୁଆ ପଂଚାୟତର ରତାଙ୍ଗ ଠାରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଅଛି। ବାସୁଦେବପୁର ବ୍ଲକ ବିଡିଓ ତନ୍ମିତା କର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ଆବଶ୍ୟକସ୍ଥଳେ ଜଳଘେରରେ ଥିବା ଲୋକମାନଙ୍କ ଶୁଖିଲା ଖାଦ୍ୟ ବଣ୍ଟନ କରିବାକୁ ସରପଂଚଙ୍କୁ କହୁଛନ୍ତି। ଜଗନ୍ନାଥପ୍ରସାଦ ପଂଚାୟତର ସୁନାମୁହିଁ,ଡାଙ୍ଗମାଳ ଗ୍ରାମର ବନ୍ୟା ପ୍ରଭାବିତ ଅଂଚଳକୁ ଯୁବନେତା ଉଦୟ ନାରାୟଣ ମଲ୍ଲିକ,ପୂର୍ବତନ ସରପଂଚ ଭାଗିରଥି ବଳ,ପ୍ରତାପ କୁମାର ସେନାପତି ଓ ଜଗନ୍ନାଥପ୍ରସାଦ ପଂଚାୟତର ସରପଂଚ ବାସୁଦେବ କାଣ୍ଡି ଲୋକମାନଙ୍କ ସମସ୍ୟା ବୁଝିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

# ବନ୍ୟାରେ ରକ୍ତ ସଙ୍କଟକୁ ଦୂର କରିବା ପାଇଁ ଆଗେଇ ଆସିଲା ସ୍ନୋ ଫେଷ୍ଟ ଟିମ

ବାଲେଶ୍ୱର,(ସବ୍ୟୁ): ସାମ୍ପ୍ରତିକ ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ମୁଖ୍ୟ ରକ୍ତ ଭଣ୍ଡାରରେ ଗୁରୁତର ରକ୍ତ ସଙ୍କଟ ଦେଖାଦେଇଛି। ଜରୁରୀକାଳୀନ ପରିସ୍ଥିତିରେ ଚିକିତ୍ସିତ ହେଉଥିବା ରୋଗୀ, ଦୁର୍ଘଟଣାଗ୍ରସ୍ତ ଏବଂ ଥାଲାସେମିଆ ପୀଡ଼ିତଙ୍କ ପାଇଁ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାଲେଶ୍ୱରର ଅଗ୍ରଣୀ ଯୁବ ସଂଗଠନ ସ୍ନୋ ଫେଷ୍ଟ ପକ୍ଷରୁ ଏକ ଜରୁରୀକାଳୀନ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଆପଦକାଳରେ ମାନବସେବା ଜିଲ୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ସ୍ନୋ ଫେଷ୍ଟ ଟିମ୍ ଏବଂ ଶୁଭମ ସାଇ ମହାପାତ୍ର ଫାଉଣ୍ଡେସନ ର ସଦସ୍ୟମାନେ ତୁରନ୍ତ ସଂଗଠିତ ହୋଇ ଏହି ସାମାଜିକ କାର୍ଯ୍ୟ ହାତକୁ ନେଇଥିଲେ। ଯୁବ ସମାଜ ସେବି ଶୁଭମ ସାଇ ମହାପାତ୍ର ଙ୍କ ନେତୃତ୍ୱ ରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୋଜିତ ହୋଇଥିବା ଏହି ଶିବିରରେ ସର୍ବମୋଟ ୪୧ ୟୁନିଟ ବ୍ଲଡ଼ ସଂଗ୍ରହ କରା ଯାଇଥିଲା । ବନ୍ୟା ବିପତ୍ତି ସମୟରେ କୌଣସି ଅମୂଲ୍ୟ ଜୀବନ ଯେପରି ରକ୍ତ ଅଭାବରୁ ନ ନଷ୍ଟ ହୁଏ, ସେଥିପାଇଁ ଆମେ ଏହି କ୍ଷୁଦ୍ର ପ୍ରୟାସ କରିଛୁ। ସଙ୍କଟ ସମୟରେ ସମାଜ ସହ ଛିଡ଼ା ହେବା ଆମର ନୈତିକ କର୍ତ୍ତବ୍ୟ। ଯୁବ ସମାଜସେବୀ ଶୁଭମ ସାଇ ମହାପାତ୍ର ପ୍ରକାଶ କରିଥିଲେ । ଏହି ଶିବିରରେ ସମାଜସେବୀ ସାହିରୁଲ ହକ, ଧୀରଜ ମହାନ୍ତି ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିର ପରିଚାଳନା କରିବାରେ ଖୁଶଲ ଶର୍ମା, ଅନିଲ ପ୍ରଧାନ, ଜଗନ୍ନାଥ ବେହେରା, ପ୍ରକାଶ ସନ୍ଧିବିଗ୍ରହ, ଲକ୍ଷ୍ମୀଧର ମହନ୍ତ ପ୍ରଭୃତି ପରିଚାଳନା କରିଥିଲେ ।

# ସାପ କାମୁଡ଼ାରେ ମହିଳା ମୃତ

ସୋର,(ସବ୍ୟୁ): ସୋର ପୌରପାଳିକା ଅନ୍ତର୍ଗତ ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ମେଘମାଧବ ଗ୍ରାମର ସ୍ୱର୍ଣ୍ଣଲତା ବାରକ (୫୫) ନାମକ ଜଣେ ମହିଳାଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି ।ସୂଚନା ସେ ଶନିବାର ପୂର୍ବାହ୍ନରେ ବାଡ଼ିରେ ଜହ୍ନି ତୋଳୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ଏ ବାବଦରେ ସ୍ୱର୍ଣ୍ଣଲତା ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ଚାନ୍ଦବାଲି ବିଧାୟକ

ତିହିଡି,(ସବ୍ୟୁ): ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ ତିହିଡି ବ୍ଲକର ବୟାଙ୍ଗ ଅଂଚଳର ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ବନ୍ୟାଂଚଳ ପରିଦର୍ଶନ କରିବା ସହିତ ବିପନ୍ନମାନଙ୍କୁ ଭେଟି ସମସ୍ୟା ପଚାରି ବୁଝିଛନ୍ତି। ତିନିଦିନ ଧରି ଲୋକେ ପାଣି ଘେରରେ ରହିଛନ୍ତି,ରିଲିଫ ଦୂରର କଥା ଗୃହପାଳିତ ପଶୁମାନଙ୍କ ପାଇଁ ବି ଖାଦ୍ୟ ଦିଆଯାଇନାହିଁ। ମେଡିକାଲ ଟିମ ପହଁଚିବାରେ ଅସମର୍ଥ ହୋଇଛି ବୋଲି ଶ୍ରୀରାୟ ପ୍ରତିକ୍ରିୟା ରଖିଛନ୍ତି। ଯଦିଓ ରିଲିଫ ମିଳିଛି ତାହାପୁଣି ୱାର୍ଡ ପିଛି ୫୦କେଜି ଚୂଡ଼ା ଆଉ ୨ କେଜି ଗୁଡ଼। ସେହିପରି ସାପ କାମୁଡାରେ ଆକ୍ରାନ୍ତ ଦୁଇ ବ୍ୟକ୍ତିଙ୍କୁ ପ୍ରଶାସନ ମେଡିକାଲ ନେବାକୁ ଅସମର୍ଥ ହେଲା ବୋଲି ସେ କହିଛନ୍ତି। ରନ୍ଧାଖାଦ୍ୟର ବ୍ୟବସ୍ଥା ନାହିଁ,ଦୁଇ ପଂଚାୟତର କ୍ଷତିଗ୍ରସ୍ତ ବିପନ୍ନ ଲୋକେ ଘୋର ଦୁର୍ଦ୍ଦଶା ଭିତରେ ରହିଥିବା ଶ୍ରୀରାୟ ଅଭିଯୋଗ କରିଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ଲାଗି ସେ ଦାବି କରିଛନ୍ତି। ଏହି ଅବସରରେ ସେ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ବନ୍ୟାଂଚଳ ପରିଦର୍ଶନ ସମୟରେ ତାଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ,ପୂର୍ବତନ ସରପଂଚ ମାନସ ରଞ୍ଜନ ସାହୁ,ପୂର୍ବତନ ସମିତି ସଭ୍ୟ ମାନସ କୁମାର ନାୟକ,ଦିନବନ୍ଧୁ ମହାକୁଡ,ନିଳମଣି ମାଝୀ,ଦିଲ୍ଲୀପ ମିଶ୍ର,ଭଗବାନ ମାଝୀ,ଅଭିମନ୍ୟୁ ରାଉତ,ବିଶ୍ୱଜିତ ବାରିକ,ଲମ୍ବୋଦର ମହାନ୍ତି ଓ ସୁଧାକର ଦାସ ପ୍ରମୁଖ ସାମିଲ ଥିଲେ।

# ଖୋଜ ବୃଦ୍ଧଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର

ସୋର, (ସବ୍ୟୁ): ନିଖୋଜ ବୃଦ୍ଧଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ।। ଆଗରପଡା ଥାନା ବନ୍ତ ବ୍ଲକ ଗୋପୀନାଥପୁର ଗ୍ରାମର ରବୀନ୍ଦ୍ର କଟୁଆଳ ବୟସ(୭୦) ଗତ ଜୁଲାଇ ୫ ଦିନ ହେବ ଘରୁ କେଉଁ ଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକଙ୍କୁ ଖବର ଦେଇଥିଲେ। ରାତି ପାଖାପାଖି ୧୧.୩୦ ସମୟରେ ପରିବାର ଲୋକ ସୋର ସ୍ଥିତ ପରିଷଦ କାର୍ଯ୍ୟାଳୟରେ ପହଞ୍ଚିବା ପରେ ରବିନ୍ଦ୍ରଙ୍କ ପୁଅ ଗୋପାଳ କୃଷ୍ଣ କଟୁଆଳ ତଥା ଗ୍ରାମବାସୀମାନେ ଉପଯୁକ୍ତ ପ୍ରମାଣ ଦର୍ଶାଇ ବାପାଙ୍କୁ ଘରକୁ ନେଇଯାଇଥିଲେ। ଏହି ସମୟରେ ପରିଷଦ କାର୍ଯ୍ୟାଳୟରେ ସଭାପତି , ସମ୍ପାଦକ ଅଞ୍ଜନ କୁମାର ଦାସ, ସଞ୍ଜୟ ଦେଶମୁଖ, ସଞ୍ଜୟ ଦଳେଇ , ମୁକ୍ତିକାନ୍ତ ପଲେଇ ଉପସ୍ଥିତ ଥିଲେ।

# ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ସହରସ୍ଥ ମୋଚିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଦେବସ୍ମିତା ପଟ୍ଟନାୟକ ଜୁଲାଇ ୩୧ ତାରିଖରେ ଅବସର ନେଇଛନ୍ତି । ଏହି ଉପଲକ୍ଷେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଝାଡେଶ୍ୱର ମିଶ୍ର,ରବିନ୍ଦ୍ର କୁମାର ପଣ୍ଡା,ସୁଶୀଲ କୁମାର ନାୟକ,ଦ୍ୱୀତିକୃଷ୍ଣ ବେହେରା,ମହେନ୍ଦ୍ର କୁମାର ସାହୁ,ଶାନ୍ତନୁ କୁମାର ମହାପାତ୍ର,ଫକୀରମୋହନ ମହାନ୍ତ,ତ୍ରୈଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ ସହ ଅତୀତର ସ୍ମୃତିଚାରଣ କରିବା ସହିତ ସେମାନେ ବିଦାୟୀ ଶିକ୍ଷୟିତ୍ରୀଙ୍କ ମଙ୍ଗଳ କାମନା କରିଥିଲେ । ବିଦ୍ୟାଳୟ ଉନ୍ନୟନ କମିଟିର ଅଧ୍ୟକ୍ଷା ରାଧାରାଣୀ ବେହେରା ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଇ ସଂକଳ୍ପ ବେହେରା ସଭାରେ ସଭାପତିତ୍ୱ କରି ନିଜ ବକ୍ତବ୍ୟରେ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ର କାମନା କରିବା ସହିତ ବିଦ୍ୟାଳୟରେ ତାଙ୍କ ଅନୁପସ୍ଥିତି ସମସ୍ତେ ଅନୁଭବ କରିବୁ ବୋଲି କହିଥିଲେ । ସହକାରୀ ଶିକ୍ଷୟିତ୍ରୀ ତେଜସ୍ୱିନୀ ପାତ୍ର ଏବଂ ତୃପ୍ତିମଞ୍ଜରୀ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସୌମ୍ୟରଞ୍ଜନ ବେହେରା,ଘନଶ୍ୟାମ ମହାନ୍ତ,ଶିଖାଦେବୀ ନାଏକ,ମଧୁସ୍ମିତା ସେଠୀ,ଲୋପାମୁଦ୍ରା ପରିଡା,ଉର୍ମିଳା ମହାନ୍ତ,ସତ୍ୟଜିତ ସାହୁ,ଭାରତୀ ମହାନ୍ତ,ରିଟନ କୁମାର ମହାଳିକ,ପୁଷ୍ପାଞ୍ଜଳୀ ନାଏକ ପ୍ରମୁଖ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।


# ବୈତରଣୀ ବନ୍ୟା ଜଳରେ ହାତୀପଲଙ୍କ ଜଳକ୍ରୀଡ଼ା

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ କିଆପଡା ନିକଟସ୍ଥ ବୈତରଣୀ ନଦୀର ବନ୍ୟା ଜଳରେ ହାତୀପଲଙ୍କ ଜଳକ୍ରୀଡ଼ାର ଏକ ମନୋରମ ଓ ରୋମାଞ୍ଚକର ଦୃଶ୍ୟ ଦେଖିବାକୁ ମିଳିଛି।ଶନିବାର ଅପରାହ୍ନରେ ହାତୀପଲ ନଦୀର ବନ୍ୟା ଜଳରେ ପ୍ରବେଶ କରି ବେଶ କିଛି ସମୟ ଧରି କୌତୁକିଆ ଜଳକ୍ରୀଡ଼ା କରିଥିଲେ। ହାତୀମାନଙ୍କର ଏପରି ଆନନ୍ଦଦାୟକ କ୍ରୀଡ଼ା ଦେଖିବା ପାଇଁ ନଦୀ କୂଳରେ ସ୍ଥାନୀୟ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଉପସ୍ଥିତ ଲୋକମାନେ ଏହି ଅପୂର୍ବ ଦୃଶ୍ୟକୁ ନିଜ ନିଜ ମୋବାଇଲ କ୍ୟାମେରାରେ ଫଟୋ ଓ ଭିଡିଓ ମାଧ୍ୟମରେ କଏଦ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ, ଯାହା ବେଶ ଭାଇରାଲ ହୋଇଛି। ଅନ୍ୟପକ୍ଷରେ, ଖବର ପାଇବା ପରେ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ହାତୀପଲଙ୍କ ଗତିବିଧି ଉପରେ କଡ଼ା ନଜର ରଖିଛନ୍ତି।

# ପ୍ରଧାନଶିକ୍ଷକଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା

ବେତନଟୀ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧିନ ସନ୍ତରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଛପଦା ସ୍ଥିତ ଗୋପବନ୍ଧୁ ଶିକ୍ଷା ନିକେତନର ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ପ୍ରଧାନଙ୍କ ପାଇଁ ଏକ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚତୁର୍ଭୁଜ ପୃଷ୍ଟିଙ୍କ ସଭାପତିତ୍ୱ ଓ ପ୍ରଧାନ ଶିକ୍ଷକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ସଭାପତି ତଥା ଶିକ୍ଷାବିତ ବଳରାମ ସାହୁ, ମୁଖ୍ୟବକ୍ତା ଭାବରେ ଗୌରହରି ଦତ୍ତ,ସମ୍ମାନନୀୟ ଅତିଥି ଭାବରେ ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ସଭାପତି ଶିଶିର କୁମାର ନାୟକ, ସନ୍ତରା ସରପଞ୍ଚ ଲକ୍ଷ୍ମୀପ୍ରିୟା ହାଁସଦା, ସମିତି ସଭ୍ୟା ସୁମତି ପୃଷ୍ଟି, ସନ୍ତରା ହାଇସ୍କୁଲ ର ପୂର୍ବତନ ପ୍ରଧାନ ଶିକ୍ଷକ ଅଚ୍ୟୁତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ରତିକାନ୍ତ ମହାନ୍ତ, ଗଡଦେଉଳିଆ ହାଇସ୍କୁଲ ର ପୂର୍ବତନ ଶିକ୍ଷକ ଉମାକାନ୍ତ ବେହେରା, ପୂର୍ବତନ ସି ଆର ସି ସି ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟାନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀଯୁକ୍ତ ପ୍ରଧାନ ଉକ୍ତ ବିଦ୍ୟାଳୟରେ ୧୯୯୨ ରୁ କାର୍ଯ୍ୟ ଆରମ୍ଭ କରି ଗତ ମେ ମାସରେ ଅବସର ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟା ର ସହସମ୍ପାଦକ ଧୀରେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ର ଶିକ୍ଷକ କାର୍ତ୍ତିକ କୁମାର ଧଳ, ଅରୁଣ କୁମାର ସାହୁ,ଅମୀୟ କୁମାର ପରିଡ଼ା ପରିଡ଼ା,ଅନନ୍ତ ମହାପାତ୍ର ଓ କର୍ମଚାରୀ ମନୋଜ ପ୍ରଧାନ, ରବୀନ୍ଦ୍ର ବସନ୍ତିଆ, ପ୍ରଫୁଲ୍ଲ ରାଉଳ ଏଥିରେ ସହଯୋଗ କରିଥିଲେ। ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଗ୍ରାମବାସୀ, ପୂର୍ବତନ ଛାତ୍ର ଛାତ୍ରୀ, ବର୍ତ୍ତମାନ ର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ସର୍ବଶେଷରେ ଶିକ୍ଷକ ଜଗନ୍ନାଥ ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫଏମ ବିଶ୍ୱବିଦ୍ୟାଳୟରେ ମନୋଦର୍ପଣ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର ,(ସବ୍ୟୁ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ମନୋଦର୍ପଣ ଅନ୍ତର୍ଗତ ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗ ଓ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ ପରିସରସ୍ଥ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ସମ୍ମିଳନୀ ପ୍ରେକ୍ଷାଳୟରେ ମାନସିକ ସୁସ୍ଥତା ଓ ମନୋବଳ ବିକାଶ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ସୃଷ୍ଟି, ମାନସିକ ଦୃଢ଼ତା ବିକାଶ ଏବଂ ମାନସିକ ସମସ୍ୟା ନେଇ ଖୋଲାମନରେ ଆଲୋଚନା କରିବାକୁ ଏକ ସହଯୋଗପୂର୍ଣ୍ଣ ପରିବେଶ ଗଢ଼ି ତୋଳିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗର ସଂଯୋଜିକା ଡ଼କ୍ଟର ରାଜଶ୍ରୀ ଦତ୍ତ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ମନୋଦର୍ପଣ ଆୟୋଜନର ପଦକ୍ଷେପ ତଥା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ସଭାପତିତ୍ୱ ଅଭିଭାଷଣରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଶିକ୍ଷା ମନ୍ତ୍ରଣାଳୟର ମନୋଦର୍ପଣ ପଦକ୍ଷେପର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ବିଶ୍ୱବିଦ୍ୟାଳୟ ସଦା ପ୍ରତିବଦ୍ଧ। ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ନିଜର ମାନସିକ ସୁସ୍ଥତାକୁ ପ୍ରାଥମିକତା ଦେବା ତଥା ଆବଶ୍ୟକ ସମୟରେ ବିଶେଷଜ୍ଞମାନଙ୍କ ପରାମର୍ଶ ନେବା ଏବଂ ପରସ୍ପରକୁ ସହଯୋଗ କରି ଏକ ସହୃଦୟ ଓ ସମାବେଶୀ ପରିବେଶ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା କହିଥିଲେ ଯେ, ଶିକ୍ଷାଗତ ସଫଳତା, ନେତୃତ୍ୱ ବିକାଶ ଓ ସର୍ବାଙ୍ଗୀନ ବ୍ୟକ୍ତିତ୍ୱ ଗଠନ ପାଇଁ ମାନସିକ ସୁସ୍ଥତା ଅତ୍ୟନ୍ତ ଜରୁରୀ।ମୁଖ୍ୟବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଉଦୟନାଥ ଦାଶ ବର୍ତ୍ତମାନ ସମୟରେ ଯୁବପୀଢ଼ି ସମ୍ମୁଖୀନ ହେଉଥିବା ମାନସିକ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆତ୍ମସଚେତନତା, ଭାବନାତ୍ମକ ପରିପକ୍ୱତା, ମାନସିକ ଦୃଢ଼ତା ଏବଂ ସମୟୋପଯୋଗୀ ପରାମର୍ଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ସଡ଼କ ଦୁର୍ଘଟଣାରେ ୩ ଆହତ

ଠାକୁରମୁଣ୍ଡା,(ସବ୍ୟୁ): ମହୁଲଡିହା ଥାନା ଅନ୍ତର୍ଗତ ୫୩ ନଂ ରାଜ୍ୟ ରାଜପଥ ଆନନ୍ଦପୁର ଠାକୁରମୁଣ୍ଡା ରାସ୍ତାର ଗୋଡ ଭଙ୍ଗା ଗେଟ ନିକଟରେ ଏକ ସ୍ୱିଫ୍ଟ ଡିଜାୟାର କାର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ଧକ୍କା ଦେବାରୁ ୩ ଆହତ ଜଣେ ଗୁରୁତର। ରବିବାର ଅପରାହ୍ନ ପ୍ରାୟ ୪ ଟାରେ କାରଟି ଆନନ୍ଦପୁର ଆଡୁ ଠାକୁରମୁଣ୍ଡା ଦିଗକୁ ଆସୁଥିବା ବେଳେ ଘଟିଛି ଦୁର୍ଘଟଣା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡ଼ିଟି ଗଛରେ ପିଟି ହୋଇ ଆସୁଥିବା ଦିଗକୁ ବୁଲି ଯାଇଥିଲା। ଠିକ ଏହି ସମୟରେ ଠାକୁରମୁଣ୍ଡା (ନୂଆପଡ଼ା)ର ସ୍ୱାମୀ ଧିରେନ୍ଦ୍ରାଚାର୍ଯ୍ୟ ସେହି ଆସୁଥିଲେ। ସ୍ୱାମୀଜୀ ନିଜ ଗାଡ଼ିରେ ସମସ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବର ପାଇ ମହୁଲଡିହା ଥାନା ପୁଲିସ ଦୁର୍ଘଟଣା ସ୍ଥଳରୁ କାରଟି ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ୩ ଜଣ ଅଞ୍ଜନ ନାୟକ, ଚନ୍ଦନ ନାୟକ, ଆଲୋକ ନାୟକ ଚିକିତ୍ସିତ ହୋଇ ନିଜ ଘର ଭଦ୍ରକ ଫେରିଯାଇଛନ୍ତି । ଆହତ ପ୍ରଭୁଦତ୍ତ ମଲ୍ଲିକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି ।

# ଜଳବନ୍ଦୀରେ ଶହ ଶହ ପରିବାର : ବ୍ୟାପକ ଫସଲ ନଷ୍ଟ

ସୋର,(ସବଖ୍ୟୁ): ଚଳିତ ଲଗାଣ ବର୍ଷାରେ ସୋର ବ୍ଲକରେ ବନ୍ୟା ପରିସ୍ଥିତି ଉପୁଜି ଥିବା ବେଳେ ଏବେ ବି ଶହ ଶହ ପରିବାର ଜଳ ବନ୍ଦୀ ଅବସ୍ଥାରେ ଅଛନ୍ତି।ଉପର ମୁଣ୍ଡରେ ବନ୍ୟା ଜଳ କମିଥିଲେ ବି ଏବେ ତଳିଆ ଅଞ୍ଚଳ ଟେଣ୍ଟେଇ, ପାଖର, ଗୁଡ଼, ବାଳଙ୍ଗ, କେଦାରପୁର, ସାଜନପୁର ଆଦି ପଞ୍ଚାୟତରେ ଏବେ ଶହ ଶହ ପରିବାର ଜଳବନ୍ଦୀ ଅବସ୍ଥାରେ ଥିବା ଜଣାପଡିଛି।ଗୁଡ଼ ପଞ୍ଚାୟତର ରାମଚନ୍ଦ୍ରପୁର ଗାଁ କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଟେଣ୍ଟେଇ ପଞ୍ଚାୟତର ବିରିପଡା ବଙ୍ଗାଳି ସାହିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।ଏବେ ବି ରାସ୍ତାରେ ଆଣ୍ଠୁଏ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ଟେଣ୍ଟେଇ ପଞ୍ଚାୟତରେ ୩ ଶହରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ ଅବସ୍ଥାରେ ଥିବା ଜଣାପଡିଛି। ଏପରିସ୍ଥଳେ ସୋର ବିଧାୟକ ମାଧବ ଧଡ଼ା ଜଳବନ୍ଦୀ ପରିବାର ନିକଟରେ ପହଞ୍ଚି ଲୋକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି।ବନ୍ୟା କାରଣରୁ ସୋରରେ ଚାଷ ବିଶେଷ ଭାବେ ନଷ୍ଟ ହୋଇଛି। ଯାହାକୁ ନେଇ ଚାଷୀ କୂଳ ଏବେ ଚିନ୍ତାରେ ଅଛନ୍ତି। ପରିବା ଓ ଧାନ ଉଭୟ ଚାଷ କରିଥିବା ଚାଷୀମାନେ ଏପରି ଅସହ୍ୟ କ୍ଷତି ପାଇଁ ମୁଣ୍ଡରେ ହାତ ଦେଇଛନ୍ତି। ବିଶେଷ ଭାବେ ସୋର ବ୍ଲକର କାଂଶବାଂଶ ନଦୀ କୂଳିଆ ୧୦ଟି ପଞ୍ଚାୟତର ଲୋକେ ବେଶ ପ୍ରଭାବିତ ହୋଇଛନ୍ତି। ସୂଚନା ମୁତାବକ ଚଳିତ ବର୍ଷ ସୋରରେ ୧୦ହଜାର ୯୫୦ହେକ୍ଟର ଜମିରେ ଧାନ ଚାଷ କରିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ସେହି ଅନୁପାତରେ ୫ଶହ ୧୫ ହେକ୍ଟର ଜମିରେ ଧାନ ରୁଆଯାଇଥିଲା। ମାତ୍ର ବନ୍ୟା ଜଳରେ ଏବେବି ୪ଶହ ୩ହେକ୍ଟର ଜମିରେ ପାଣି ଜମି ରହିବାରୁ ତଳି ନଷ୍ଟ ହେବା ସହିତ ଚାଷ ହେବା ସମ୍ଭବ ନୁହେଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏପରିସ୍ଥିତିରେ ଚାଷ ପାଇଁ ଧାରକରଜରେ ବୁଡିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ଚିନ୍ତା ପ୍ରକଟ କରିଛନ୍ତି। କେବଳ ଧାନ ନୁହେଁ ବରଂ ପରିବା ଚାଷ କରିଥିବା ଶତାଧିକ ଚାଷୀ ଏବେ ଅସହ୍ୟ କ୍ଷତିକୁ ନେଇ ଚିନ୍ତିତ। ସୋର ବ୍ଲକରେ ୩୦ ହେକ୍ଟରରୁ ଅଧିକ ଜମିରେ ପରିବା ଚାଷ ହୋଇଥିବା ବେଳେ ପାଖାପାଖି ୧୦ ହେକ୍ଟରରୁ ଅଧିକ ପରିବା ଚାଷ ନଷ୍ଟ ହୋଇଛି। ପାଖର ପଞ୍ଚାୟତର ହାଟସାହି ଗ୍ରାମର ଅକ୍ଷୟ ନାଥ ନିଜ ବାଡିରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୨ଏକର ଜମିରେ ବାଇଗଣ, ଝୁଡଙ୍ଗ,କାକୁଡି ଆଦି ଚାଷ କରିଥିବା ବେଳେ ବନ୍ୟା ପାଣି ବୁଡି ରହିବାରୁ ତାଙ୍କର ଚାଷ ନଷ୍ଟ ହୋଇଛି।ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଜିତା ଜେନା, ମଞ୍ଜୁଲତା ସେଠୀ, ଜମୁନା ରାଣୀ ଜେନା, ଟେଣ୍ଟେଇ ଗ୍ରାମର ଅଜିତ ଶଙ୍ଖୁଆ,କୈଳାଶ ଦାସ,ମାଣିପୁର ଗ୍ରାମର କ୍ଷେତ୍ରବାସୀ ମହନ୍ତ, ଜଗବନ୍ଧୁ ମହନ୍ତ, କରୁଣାକର ପରିଡା ଓ ବାଲିପୁର ଗ୍ରାମର ଧର୍ମେନ୍ଦ୍ର ଖଟୁଆ ପ୍ରମୁଖ ଶତାଧିକ ଚାଷୀଙ୍କର ଏକର ଏକର ପରିବା ଚାଷରେ ପାଣି ଜମିବାରୁ ଚାଷ ନଷ୍ଟ ହୋଇଥିବା ଜଣାପଡିଛି। ଚାଷୀମାନଙ୍କର ଏପରି ଅସହ୍ୟ କ୍ଷତି ପାଇଁ ଚାଷୀ କୁଳ ଚିନ୍ତାରେ ଥିବା ବେଳେ ସରକାରଙ୍କ ପକ୍ଷରୁ ତୁରନ୍ତ ସହାୟତା ପାଇଁ ଚାଷୀମାନେ ନିବେଦନ କରିଛନ୍ତି।

## ସମ୍ପାଦକୀୟ

# ରାଜ୍ୟର ନୂତନ ପୋଲିସ ମୁଖ୍ୟ ହେବା ନେଇ ଚର୍ଚ୍ଚା

ରାଜ୍ୟରେ ନୂତନ ପୋଲିସ ମହାନିର୍ଦ୍ଦେଶକ ଭାବେ କିଏ ଦାୟିତ୍ୱ ନେବେ ସେ ନେଇ ରାଜ୍ୟର ସଚେତନ ନାଗରିକମାନଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଛି । ଏପରି ଚର୍ଚ୍ଚା ହୋଇଥାଏ । ଦୁଇ ବର୍ଷ ତଳେ ନୂଆ ସରକାର କ୍ଷମତାସୀନ ହେବା ବେଳେ କିଏ ନୂଆ ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା । ଅନେକ ଭାବିଥିଲେ ଯେ ଦଳୀୟ ସଂଗଠନ ଦୃଷ୍ଟିରୁ ମନମୋହନ ସାମଲ କିମ୍ବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟରେ ମୁଖ୍ୟମନ୍ତ୍ରୀ ହେବେ । ମାତ୍ର ମନମୋହନ ସାମଲ ନିର୍ବାଚନରେ ହାରିଗଲେ ଆଉ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଧାନସଭା ଆସନ ନ ଦେଇ ସମ୍ବଲପୁର ପରି ପଶ୍ଚିମ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଲୋକସଭା ଆସନରୁ ନିର୍ବାଚିତ ହେବା ଲାଗି ସୁଯୋଗ ଦିଆଗଲା । ସେଥିରୁ ଜଣାପଡ଼ିଲା ଯେ ମନମୋହନ କିମ୍ବା ଧର୍ମେନ୍ଦ୍ର କେହି ବି ମୁଖ୍ୟମନ୍ତ୍ରୀ ହେବେ ନାହିଁ । କିନ୍ତୁ ଓଡ଼ିଶା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ଚବିଶ ବର୍ଷର ବିଜେଡ଼ି ଶାସନକୁ କ୍ଷମତାଚ୍ୟୁତ କରାଇ ମୁଖ୍ୟମନ୍ତ୍ରୀ ମନୋନୟନ କ୍ଷେତ୍ରରେ ଏକ ନୂତନ ପରୀକ୍ଷା ଆରମ୍ଭ କଲେ । ଫଳରେ ଜଣେ ଟାଣୁଆ ଓ ସଚ୍ଚୋଟ ଆଦିବାସୀ ନେତା ମୋହନଚରଣ ମାଝୀ ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ । ଗଣମାଧ୍ୟମରେ ବିଭିନ୍ନ କଳ୍ପନାଜଳ୍ପନାର ଅବସାନ ଘଟିଲା ।

**ଯେଉଁମାନଙ୍କୁ ଏହି ପଦବୀରେ ଅବସ୍ଥାପିତ କରାଯିବ, ସେମାନଙ୍କ ମଧ୍ୟରେ ସୁଧାଂଶୁ ଷଡଙ୍ଗୀ, ସୁଶାନ୍ତ କୁମାର ନାଥ ଓ ସଂଜୀବ ପଣ୍ଡା ପ୍ରଭୃତି ଆଇ.ପି.ଏସ୍ ଅଫିସରଙ୍କ ନାମ ଚର୍ଚ୍ଚା ହେଉଛି । ଦେଖାଯାଉ, ଓଡ଼ିଶା ସରକାର କାହାଙ୍କୁ ମନୋନୀତ କରିବାକୁ ଅନୁମତି ଦେବେ । ମାତ୍ର ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ସୁପାରିଶ ନୂତନ ଡିଜି ବା ପୋଲିସ ମହାନିର୍ଦ୍ଦେଶକଙ୍କ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁମାନ କରାଯାଉଛି ।**

ଏହାପରେ ରାଜ୍ୟ ଶାସନରେ ସହାୟତା କରାଯିବାକୁ ଶ୍ରୀମତୀ ଅନୁଗର୍ଗଙ୍କୁ ନୂତନ ମୁଖ୍ୟ ଶାସନ ସଚିବ ଭାବେ ଅବସ୍ଥାପିତ କରାଗଲା । ଅବଶ୍ୟ କେନ୍ଦ୍ର ସରକାରଙ୍କ କାର୍ମିକ ବିଭାଗ (Personnel Dept) ଯାହା ଗୃହ ମନ୍ତ୍ରଣାଳୟ ଅଧୀନରେ ଥାଏ ରାଜ୍ୟ ସରକାରଙ୍କ ସୁପାରିଶ ଅନୁଯାୟୀ ନିୟମ ଦୃଷ୍ଟିରୁ ତାଙ୍କୁ ହିଁ ନିଯୁକ୍ତି ଦିଆ ଯାଇଥାଏ ।

ସେହିପରି ପୋଲିସ ଡାଇରେକ୍ଟର ଜେନେରାଲ (ମହା ନିର୍ଦ୍ଦେଶକ)ଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ପଦ୍ଧତିର ଅନୁସରଣ କରାଯାଇଥାଏ । ଏବେ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ ଥିବା ୱାଇ. ବି ଖୁରାନିଆଙ୍କ କାର୍ଯ୍ୟକାଳ ଚଳିତ ଅଗଷ୍ଟ ୧୬ ଶେଷ ହେଉଥିବାରୁ କିଏ ତାଙ୍କ ସ୍ଥାନ ନେବ ସେ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେବା ସ୍ୱାଭାବିକ । ଉଭୟ ପ୍ରଶାସନିକ ଓ ରାଜନୀତିକ ମହଲରେ ଏ ନେଇ ଚର୍ଚ୍ଚା ଜୋର ଧରିଛି । ତେବେ କେନ୍ଦ୍ର ପବ୍ଲିକ ସର୍ଭିସ କମିଶନ ଆସନ୍ତା ଅଗଷ୍ଟ ୭ (୨୦୨୬) ରେ ଏ ବିଷୟରେ ନିଷ୍ପତ୍ତି ନେବେ ବୋଲି ଜାଣିବାକୁ ମିଳିଛି । ଏହି ପୋଲିସ ମହାନିର୍ଦ୍ଦେଶକ ପଦବୀ ଲାଗି ସାତ ଜଣ ଯୋଗ୍ୟତା ଥିବା ଆଇ.ପି.ଏସ୍ ଅଫିସରଙ୍କ ମଧ୍ୟରୁ ତିନି ଜଣଙ୍କୁ ମନୋନୟନ କରାଯିବ । ସେମାନଙ୍କ ନାମ ମଧ୍ୟରୁ ଯାଞ୍ଚ କରାଯାଇ ଶେଷ ପର୍ଯ୍ୟାୟରେ କେବଳ ଜଣଙ୍କୁ ମନୋନୀତ କରାଯିବ । କେନ୍ଦ୍ର ପବ୍ଲିକ ସର୍ଭିସ କମିଶନଙ୍କ ଏହି ମନୋନୟନ କମିଟିରେ ଅଧ୍ୟକ୍ଷ ନିଜେ ବା ତାଙ୍କର କୌଣସି ପ୍ରତିନିଧି ରହି କମିଟିର ବୈଠକରେ ଅଧ୍ୟକ୍ଷତା କରିବେ । ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସଚିବ ବା ତାଙ୍କ ପାହ୍ୟାର କୌଣସି ଅଧିକାରୀ ବା ଗୃହ ବିଭାଗଦ୍ୱାରା ମନୋନୀତ କୌଣସି କେନ୍ଦ୍ରୀୟ ସୁରକ୍ଷା ସଂସ୍ଥାର ମୁଖ୍ୟ (ଯିଏ କି ଓଡ଼ିଶା କ୍ୟାଡରର ହୋଇ ନଥିବେ), ରାଜ୍ୟର ମୁଖ୍ୟ ସଚିବ ଓ ବିଦାୟୀ ପୋଲିସ ମହାନିର୍ଦ୍ଦେଶକଙ୍କୁ ନେଇ ବିଚାରକ ମଣ୍ଡଳୀ ଓଡ଼ିଶାର ନୂତନ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିଯୁକ୍ତ କରିବେ । ଯେଉଁମାନଙ୍କୁ ଏହି ପଦବୀରେ ଅବସ୍ଥାପିତ କରାଯିବ, ସେମାନଙ୍କ ମଧ୍ୟରେ ସୁଧାଂଶୁ ଷଡଙ୍ଗୀ, ସୁଶାନ୍ତ କୁମାର ନାଥ ଓ ସଂଜୀବ ପଣ୍ଡା ପ୍ରଭୃତି ଆଇ.ପି.ଏସ୍ ଅଫିସରଙ୍କ ନାମ ଚର୍ଚ୍ଚା ହେଉଛି । ଦେଖାଯାଉ, ଓଡ଼ିଶା ସରକାର କାହାଙ୍କୁ ମନୋନୀତ କରିବାକୁ ଅନୁମତି ଦେବେ । ମାତ୍ର ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ସୁପାରିଶ ନୂତନ ଡିଜି ବା ପୋଲିସ ମହାନିର୍ଦ୍ଦେଶକଙ୍କ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁମାନ କରାଯାଉଛି ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆଚାର୍ଯ୍ୟ ପଦ୍ମସମ୍ଭବ ଓ ଓଡ଼ିଶା



ମଧୁସୂଦନ ମିଶ୍ର

ଇତିହାସ କେବେ କେବେ ଏମିତି କିଛି ପ୍ରଶ୍ନ ସାମ୍ନାକୁ ଆଣେ, ଯାହାର ଉତ୍ତର କେବଳ ପ୍ରତ୍ନତତ୍ତ୍ୱରେ ନୁହେଁ, ବରଂ ଏକ ସଭ୍ୟତାର ସ୍ମୃତି, ସଂସ୍କୃତି, ସାହିତ୍ୟ ଓ ଲୋକ ପରମ୍ପରାରେ ଲୁଚି ରହିଥାଏ । ବିଶ୍ୱ ବୌଦ୍ଧ ସଭ୍ୟତାର ଇତିହାସରେ ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ସ୍ଥାନ ସେହିଭଳି ଏକ ଅଦ୍ୱିତୀୟ ଅଧ୍ୟାୟ । ତିବ୍ବତ, ଭୁଟାନ, ନେପାଳ, ମଙ୍ଗୋଲିଆ ଓ ସମଗ୍ର ହିମାଳୟ ଅଞ୍ଚଳରେ 'ଦ୍ୱିତୀୟ ବୁଦ୍ଧ' ଭାବେ ପୂଜିତ ଏହି ମହାନ ଆଚାର୍ଯ୍ୟଙ୍କ ଜୀବନ ଓ ଜନ୍ମଭୂମିକୁ ନେଇ ଶତାବ୍ଦୀଟା ଯାକ ଗବେଷଣା ଚାଲିଆସିଛି । ଆଜି ସେହି ଗବେଷଣାର ଏକ ଗୁରୁତ୍ୱପୂର୍ଣ୍ଣ ଧାରା ଓଡ଼ିଶା ଆଡ଼କୁ ଆଙ୍ଗୁଳି ଉଠାଉଛି, ବିଶେଷକରି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ପଦ୍ମପୁରକୁ ।

ଓଡ଼ିଶାର ବିଶିଷ୍ଟ ଇତିହାସବିତ୍ ଓ ବୌଦ୍ଧ ଗବେଷକମାନଙ୍କର ଏକ ପ୍ରଭାବଶାଳୀ ମତ ଅନୁଯାୟୀ, ଝାରସୁଗୁଡ଼ାର ପଦ୍ମପୁର ହିଁ ପ୍ରାଚୀନ ଉଡ୍ଡିୟାନ ଅଞ୍ଚଳର ଅଂଶ ଥିଲା ଏବଂ ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ହୋଇଥିବାର ଦୃଢ଼ ଐତିହାସିକ ଆଧାର ଉପସ୍ଥାପନ କରେ । ଯଦିଓ ଏହି ବିଷୟରେ ଆହୁରି ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି, ତଥାପି ଉପଲବ୍ଧ ଐତିହାସିକ, ସାହିତ୍ୟିକ, ଭୌଗୋଳିକ ଓ ସାଂସ୍କୃତିକ ପ୍ରମାଣ ଓଡ଼ିଶାକୁ ବଜ୍ରଯାନ ବୌଦ୍ଧଧର୍ମର ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପିତ କରୁଛି ।

ଆଚାର୍ଯ୍ୟ ପଦ୍ମସମ୍ଭବ, ଯିଏ 'ଗୁରୁ ରିମ୍ପୋଚେ' ନାମରେ ବିଶ୍ୱବ୍ୟାପୀ ପରିଚିତ, ଅଷ୍ଟମ ଶତାବ୍ଦୀରେ ତିବ୍ବତରେ ବଜ୍ରଯାନ ବୌଦ୍ଧଧର୍ମର ପ୍ରତିଷ୍ଠା କରି ଏସିଆର ଧାର୍ମିକ ଇତିହାସକୁ ନୂତନ ଦିଗ ଦେଇଥିଲେ । ତାଙ୍କର ଆଧ୍ୟାତ୍ମିକ ଶକ୍ତି, ଗଭୀର ଦର୍ଶନ, ତାନ୍ତ୍ରିକ ସାଧନା ଓ ମାନବିକ କରୁଣା ଆଜି ମଧ୍ୟ କୋଟି କୋଟି ବୌଦ୍ଧ ଅନୁଗାମୀଙ୍କୁ ପ୍ରେରଣା ଦେଉଛି । ତିବ୍ବତର ପ୍ରତ୍ୟେକ ମଠରେ, ଭୁଟାନର ପ୍ରତ୍ୟେକ ଉପତ୍ୟକାରେ ଓ ହିମାଳୟର ଅସଂଖ୍ୟ ଧ୍ୟାନପୀଠରେ ତାଙ୍କ ସ୍ମୃତି ଆଜି ମଧ୍ୟ ସଜୀବ ।

**କିନ୍ତୁ ପ୍ରଶ୍ନ ହେଉଛି–ଏହି ମହାନ ଆଚାର୍ଯ୍ୟଙ୍କ ମୂଳ ଭୂମି କେଉଁଠାରେ?**

ଦୀର୍ଘଦିନ ଧରି ପ୍ରାଚୀନ 'ଉଡ୍ଡିୟାନ'କୁ ବର୍ତ୍ତମାନର ପାକିସ୍ତାନର ସ୍ୱାତ୍ ଉପତ୍ୟକା ସହ ଚିହ୍ନଟ କରାଯାଉଥିଲା । କିନ୍ତୁ ଗତ କିଛି ଦଶନ୍ଧି ମଧ୍ୟରେ ଓଡ଼ିଶାର ବିଭିନ୍ନ ବୌଦ୍ଧ ପ୍ରତ୍ନସ୍ଥଳୀ, ବଜ୍ରଯାନ ସମ୍ବନ୍ଧୀୟ ଶିଳ୍ପକଳା, ତାନ୍ତ୍ରିକ ପରମ୍ପରା, ପ୍ରାଚୀନ ଗ୍ରନ୍ଥ ଓ ସ୍ଥାନ ନାମର ବିଶ୍ଳେଷଣ ନୂଆ ଦୃଷ୍ଟିକୋଣ ସୃଷ୍ଟି କରିଛି । ବିଶେଷକରି 'ପଦ୍ମପୁର' ନାମର ଐତିହାସିକ ଗୁରୁତ୍ୱ ଅନେକ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରିଛି ।

'ପଦ୍ମପୁର' କେବଳ ଏକ ଭୌଗୋଳିକ ନାମ ନୁହେଁ । 'ପଦ୍ମ' ଶବ୍ଦଟି ନିଜେ ପଦ୍ମସମ୍ଭବଙ୍କ ଜୀବନ ଓ ଦର୍ଶନ ସହ ଗଭୀର ଭାବରେ ଜଡ଼ିତ । ବୌଦ୍ଧ ସାହିତ୍ୟରେ ସେ 'ପଦ୍ମରୁ ଜନ୍ମଗ୍ରହଣ କରିଥିବା ମହାଆଚାର୍ଯ୍ୟ' ଭାବେ ବର୍ଣ୍ଣିତ । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ାର ପଦ୍ମପୁରକୁ କେନ୍ଦ୍ର କରି ଚାଲିଥିବା ଗବେଷଣା ଭାରତୀୟ ବୌଦ୍ଧ ଇତିହାସକୁ ନୂତନ ଦିଗ ଦେଇପାରେ ।

ଓଡ଼ିଶାର ବୌଦ୍ଧ ଐତିହ୍ୟର ପରିସର ଅତ୍ୟନ୍ତ ବିସ୍ତୃତ । ରତ୍ନଗିରି, ଉଦୟଗିରି, ଲଳିତଗିରି, ଲାଙ୍ଗୁଡ଼ି, କୟମା, ଜିରାଙ୍ଗ, ନରାଜ ଏବଂ ଅନେକ ଅନାଲୋଚିତ ପ୍ରତ୍ନସ୍ଥଳୀ ସ୍ପଷ୍ଟ କରେ ଯେ ସପ୍ତମରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶା ବଜ୍ରଯାନ ବୌଦ୍ଧଧର୍ମର ଏକ ପ୍ରମୁଖ କେନ୍ଦ୍ର ଥିଲା । ଏଠାରେ କେବଳ ବିହାର ପରି ସ୍ତୂପ ନିର୍ମାଣ ହୋଇନଥିଲା ଏଠାରେ ଦର୍ଶନର ବିକାଶ, ତାନ୍ତ୍ରିକ ସାଧନା, ଆଧ୍ୟାତ୍ମିକ ଶିକ୍ଷା ଓ ଆନ୍ତର୍ଜାତିକ ଜ୍ଞାନ ବିନିମୟର ଏକ ସଶକ୍ତ ପରମ୍ପରା ଗଢ଼ିଉଠିଥିଲା ।

ସେତେବେଳେ କଳିଙ୍ଗ କେବଳ ସମୁଦ୍ର ବାଣିଜ୍ୟରେ ଅଗ୍ରଣୀ ନଥିଲା ଏହାର ଜ୍ଞାନ ମଧ୍ୟ ବିଶ୍ୱବିସ୍ତୃତ ଥିଲା । କଳିଙ୍ଗର ବନ୍ଦରଗୁଡ଼ିକରୁ ବୌଦ୍ଧ ଭିକ୍ଷୁ, ପଣ୍ଡିତ ଓ ଧର୍ମପ୍ରଚାରକମାନେ ଶ୍ରୀଲଙ୍କା, ମ୍ୟାନମାର, ଇଣ୍ଡୋନେସିଆ, ଜାଭା, ସୁମାତ୍ରା ଓ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶକୁ ଯାତ୍ରା କରୁଥିଲେ । ଏହି ଐତିହାସିକ ପୃଷ୍ଠଭୂମିରେ ପଦ୍ମସମ୍ଭବଙ୍କ ସହ ଓଡ଼ିଶାର ସମ୍ପର୍କ କୌଣସି ଅସମ୍ଭବ କଳ୍ପନା ନୁହେଁ ବରଂ ଏକ ଗମ୍ଭୀର ଗବେଷଣାର ବିଷୟ ।

ସେହିପରି ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରୟାସରେ ଏକ ଆଚାର୍ଯ୍ୟ ପଦ୍ମସମ୍ଭବ ଆନ୍ତର୍ଜାତିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବା ଉଚିତ । ପଦ୍ମପୁରକୁ କେନ୍ଦ୍ର କରି ଏକ ବୌଦ୍ଧ ଐତିହ୍ୟ ସଂଗ୍ରହାଳୟ, ଗବେଷଣା ପୁସ୍ତକାଳୟ ଓ ବ୍ୟାଖ୍ୟା କେନ୍ଦ୍ର ସ୍ଥାପନ କରାଗଲେ ଏହା ବିଶ୍ୱ ବୌଦ୍ଧ ଗବେଷଣାର ଏକ ନୂତନ କେନ୍ଦ୍ରବିନ୍ଦୁ ହୋଇପାରିବ ।

ଏହା ସହିତ ରତ୍ନଗିରି, ଉଦୟଗିରି, ଲଳିତଗିରି ଓ ପଦ୍ମପୁରକୁ ସଂଯୋଗ କରି ଏକ ପଦ୍ମସମ୍ଭବ ବୌଦ୍ଧ ହେରିଟେଜ୍ ସର୍କିଟ୍ ଗଠନ କରାଯିବା ଉଚିତ ।

ଏହା ଭାରତର ସାଂସ୍କୃତିକ କୂଟନୀତିକୁ ଶକ୍ତିଶାଳୀ କରିବା ସହିତ ଓଡ଼ିଶାକୁ ବିଶ୍ୱ ବୌଦ୍ଧ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେବ । ଭୁଟାନ, ନେପାଳ, ତିବ୍ବତ, ଜାପାନ, ଥାଇଲ୍ୟାଣ୍ଡ, ମଙ୍ଗୋଲିଆ, ଶ୍ରୀଲଙ୍କା ଓ ଅନ୍ୟାନ୍ୟ ବୌଦ୍ଧ ଦେଶରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ ଓ ଗବେଷକ ଏଠାକୁ ଆସିପାରିବେ ।

ଏହା କେବଳ ଧାର୍ମିକ ପର୍ଯ୍ୟଟନର କଥା ନୁହେଁ ଏହା ଗ୍ରାମୀଣ ଅର୍ଥନୀତି, ହସ୍ତଶିଳ୍ପ, ସ୍ଥାନୀୟ ରୋଜଗାର, ସାଂସ୍କୃତିକ ଉଦ୍ୟୋଗ ଓ ଜ୍ଞାନଭିତ୍ତିକ ଅର୍ଥନୀତିର ଏକ ନୂତନ ଦ୍ୱାର ଖୋଲିପାରିବ ।

ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ଜୀବନ ଆମକୁ ଆଉ ଏକ ମହାନ ଶିକ୍ଷା ଦିଏ । ସେ କହିଥିଲେ, ମଣିଷର ସର୍ବଶ୍ରେଷ୍ଠ ବିଜୟ ହେଉଛି ନିଜ ମନକୁ ଜୟ କରିବା । କରୁଣା, ପ୍ରଜ୍ଞା, ସହିଷ୍ଣୁତା ଓ ଆତ୍ମଶୁଦ୍ଧି ହିଁ ପ୍ରକୃତ ସଭ୍ୟତାର ପରିଚୟ । ଆଜି ଯେତେବେଳେ ପୃଥିବୀ ହିଂସା, ଅସହିଷ୍ଣୁତା, ଯୁଦ୍ଧ, ପରିବେଶ ସଙ୍କଟ ଓ ମାନବିକ ମୂଲ୍ୟବୋଧର ଅବକ୍ଷୟ ସହ ସଂଘର୍ଷ କରୁଛି, ସେତେବେଳେ ପଦ୍ମସମ୍ଭବଙ୍କ ବାର୍ତ୍ତା ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ ।

**ତିବ୍ବତ, ଭୁଟାନ, ନେପାଳ, ମଙ୍ଗୋଲିଆ ଓ ସମଗ୍ର ହିମାଳୟ ଅଞ୍ଚଳରେ 'ଦ୍ୱିତୀୟ ବୁଦ୍ଧ' ଭାବେ ପୂଜିତ ଏହି ମହାନ ଆଚାର୍ଯ୍ୟଙ୍କ ଜୀବନ ଓ ଜନ୍ମଭୂମିକୁ ନେଇ ଶତାବ୍ଦୀଟା ଯାକ ଗବେଷଣା ଚାଲିଆସିଛି । ଆଜି ସେହି ଗବେଷଣାର ଏକ ଗୁରୁତ୍ୱପୂର୍ଣ୍ଣ ଧାରା ଓଡ଼ିଶା ଆଡ଼କୁ ଆଙ୍ଗୁଳି ଉଠାଉଛି, ବିଶେଷକରି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ପଦ୍ମପୁରକୁ ।...
ଆଚାର୍ଯ୍ୟ ପଦ୍ମସମ୍ଭବ, ଯିଏ 'ଗୁରୁ ରିମ୍ପୋଚେ' ନାମରେ ବିଶ୍ୱବ୍ୟାପୀ ପରିଚିତ, ଅଷ୍ଟମ ଶତାବ୍ଦୀରେ ତିବ୍ବତରେ ବଜ୍ରଯାନ ବୌଦ୍ଧଧର୍ମର ପ୍ରତିଷ୍ଠା କରି ଏସିଆର ଧାର୍ମିକ ଇତିହାସକୁ ନୂତନ ଦିଗ ଦେଇଥିଲେ । ତାଙ୍କର ଆଧ୍ୟାତ୍ମିକ ଶକ୍ତି, ଗଭୀର ଦର୍ଶନ, ତାନ୍ତ୍ରିକ ସାଧନା ଓ ମାନବିକ କରୁଣା ଆଜି ମଧ୍ୟ କୋଟି କୋଟି ବୌଦ୍ଧ ଅନୁଗାମୀଙ୍କୁ ପ୍ରେରଣା ଦେଉଛି ।**

ଯଦି ପଦ୍ମପୁର ସହ ପଦ୍ମସମ୍ଭବଙ୍କ ସମ୍ପର୍କ ଅଧିକ ସୁଦୃଢ଼ ପ୍ରମାଣିତ ହୁଏ, ତେବେ ଏହା କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଭାରତର ସାଂସ୍କୃତିକ ଇତିହାସ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ । ବିଶ୍ୱ ବୌଦ୍ଧ ସମ୍ପ୍ରଦାୟର ଦୃଷ୍ଟି ପୁଣିଥରେ ଓଡ଼ିଶା ଆଡ଼କୁ ଫେରିବ ।

ଏହି ସମୟରେ ଆବଶ୍ୟକ ହେଉଛି ଏକ ବୃହତ୍ ଗବେଷଣା ଅଭିଯାନ । ପ୍ରତ୍ନତତ୍ତ୍ୱ ବିଭାଗ, ବିଶ୍ୱବିଦ୍ୟାଳୟ, ଇତିହାସବିତ୍, ସଂସ୍କୃତ ପଣ୍ଡିତ, ବୌଦ୍ଧ ଅଧ୍ୟୟନ କେନ୍ଦ୍ର ଓ ଆନ୍ତର୍ଜାତିକ ଗବେଷଣା ସଂସ୍ଥାମାନେ ମିଳିତ ଭାବେ ପଦ୍ମପୁର ଓ ତା'ର ଆଖପାଖ ଅଞ୍ଚଳରେ ବୈଜ୍ଞାନିକ ଅନୁସନ୍ଧାନ କରିବା ଉଚିତ । ଡ୍ରୋନ୍ ସର୍ଭେ, ଜିଆଇଏସ୍ ମ୍ୟାପିଂ, ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର, କାର୍ବନ ଡେଟିଂ, ତ୍ରିମାତ୍ରିକ ଡିଜିଟାଲ୍ ଡକ୍ୟୁମେଣ୍ଟେସନ୍ ଓ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ବିଶ୍ଳେଷଣ ଭଳି ଆଧୁନିକ ପ୍ରଯୁକ୍ତି ଏହି ଗବେଷଣାକୁ ନୂତନ ଉଚ୍ଚତାକୁ ନେଇପାରିବ ।

ଗଜପତି ଜିଲ୍ଲାର ପ୍ରତିରାଜପୁରରେ ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ସହ ସମ୍ପୃକ୍ତ ମୂର୍ତ୍ତିର ଆବିଷ୍କାର ଏହି ଐତିହାସିକ ଧାରାକୁ ଆହୁରି ଦୃଢ଼ କରିଛି । ଏହା କେବଳ ଏକ ପ୍ରତିମା ନୁହେଁ ଏହା ହେଉଛି ଓଡ଼ିଶାର ଆଧ୍ୟାତ୍ମିକ ଇତିହାସର ଏକ ନିରବ ସାକ୍ଷୀ । ସେହିପରି ବୌଦ୍ଧ ଜିଲ୍ଲାର ମହାନଦୀ କୂଳରେ ଅବସ୍ଥିତ ଡମ୍ବରୁଗଡ଼ ପାହାଡ଼ରୁ ମିଳିଥିବା ପ୍ରତିମାର ଐତିହାସିକ ଗୁରୁତ୍ୱ ଅତ୍ୟନ୍ତ ବ୍ୟାପକ । ମହାନଦୀର ଶାନ୍ତ ତଟ, ସବୁଜ ପାହାଡ଼, ଘନ ଅରଣ୍ୟ ଓ ନିର୍ଜନ ପ୍ରାକୃତିକ ପରିବେଶ ପ୍ରାଚୀନକାଳରୁ ଧ୍ୟାନ ଓ ତପସ୍ୟା ପାଇଁ ଆଦର୍ଶ ସ୍ଥାନ ଭାବେ ପରିଚିତ । ଏଭଳି ଭୂ-ପରିବେଶରେ ପଦ୍ମସମ୍ଭବଙ୍କ ପ୍ରତିମାର ଉପସ୍ଥିତି ସୂଚିତ କରେ ଯେ ମହାନଦୀ ଉପତ୍ୟକା ବଜ୍ରଯାନ ସାଧନାର ଏକ ସକ୍ରିୟ କେନ୍ଦ୍ର ଥାଇପାରେ ।

ବୌଦ୍ଧ ଜିଲ୍ଲାର ଇତିହାସ ନିଜେ ଅତ୍ୟନ୍ତ ସମୃଦ୍ଧ । ଏଠାରେ ବିଭିନ୍ନ ସ୍ଥାନରୁ ବୌଦ୍ଧ ମୂର୍ତ୍ତି, ବିହାର, ଶିଳାଲେଖ, ସ୍ତୂପ ଓ ପ୍ରାଚୀନ ଧାର୍ମିକ ଅବଶେଷ ମିଳିଛି । ମହାନଦୀ କେବଳ ଏକ ନଦୀ ନୁହେଁ ଏହା ପ୍ରାଚୀନ ଭାରତର ସାଂସ୍କୃତିକ ଓ ବାଣିଜ୍ୟିକ ଜୀବନର ଏକ ମହାଧମନୀ ଥିଲା । ଏହା କୂଳରେ ବାଣିଜ୍ୟ, ସଂସ୍କୃତି, ଦର୍ଶନ ଓ ଧର୍ମର ଆଦାନ-ପ୍ରଦାନ ଘଟୁଥିଲା । ତେଣୁ ଡମ୍ବରୁଗଡ଼ର ଆବିଷ୍କାରକୁ କୌଣସି ବିଚ୍ଛିନ୍ନ ଘଟଣା ଭାବେ ନୁହେଁ, ବରଂ ଏକ ବୃହତ ଐତିହାସିକ ପରମ୍ପରାର ଅଂଶ ଭାବେ ଦେଖିବା ଆବଶ୍ୟକ ।

ଓଡ଼ିଶା ସଦା ସର୍ବଦା ଧର୍ମୀୟ ସହାବସ୍ଥାନ, ସାଂସ୍କୃତିକ ସମନ୍ୱୟ ଓ ଆଧ୍ୟାତ୍ମିକ ଉଦାରତାର ଭୂମି । ଅଶୋକଙ୍କ କଳିଙ୍ଗ ଯୁଦ୍ଧରୁ ଆରମ୍ଭ କରି ଜଗନ୍ନାଥ ସଂସ୍କୃତି ପର୍ଯ୍ୟନ୍ତ ଏହି ଭୂମି ମାନବତାକୁ ବାରମ୍ବାର ଶାନ୍ତିର ବାର୍ତ୍ତା ଦେଇଛି । ଯଦି ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ଜୀବନ ସହ ଏହି ପବିତ୍ର ଭୂମିର ସମ୍ପର୍କ ଆହୁରି ସୁଦୃଢ଼ ଭାବେ ପ୍ରତିଷ୍ଠିତ ହୁଏ, ତେବେ ଏହା ଓଡ଼ିଶାର ଗୌରବକୁ ବିଶ୍ୱ ସଭ୍ୟତାର ଏକ ନୂତନ ଉଚ୍ଚତାକୁ ନେଇଯିବ ।

ଏହି କାରଣରୁ ପଦ୍ମପୁରର ପ୍ରଶ୍ନ କେବଳ ଏକ ଗ୍ରାମର ପ୍ରଶ୍ନ ନୁହେଁ । ଏହା ଭାରତର ସଭ୍ୟତାର ଇତିହାସକୁ ନୂଆ ଭାବରେ ବୁଝିବାର ପ୍ରଶ୍ନ । ଏହା ଓଡ଼ିଶାର ଅବଦାନକୁ ବିଶ୍ୱ ସମ୍ମୁଖରେ ସମ୍ମାନର ସହ ଉପସ୍ଥାପନ କରିବାର ପ୍ରଶ୍ନ । ଏହା ଆମର ବିସ୍ମୃତ ଐତିହ୍ୟକୁ ପୁନରୁଦ୍ଧାର କରିବାର ପ୍ରଶ୍ନ ।

କିନ୍ତୁ ଦୁଃଖର ବିଷୟ, ଓଡ଼ିଶାର ଅନେକ ବୌଦ୍ଧ ପ୍ରତ୍ନସ୍ଥଳୀ ଆଜିବି ଅବହେଳିତ । ପ୍ରାକୃତିକ କ୍ଷୟ, ଅନଧିକୃତ ଦଖଲ, ଚୋରାଚାଲାଣ ଓ ଅପର୍ଯ୍ୟାପ୍ତ ସଂରକ୍ଷଣ ଯୋଗୁଁ ଅମୂଲ୍ୟ ଐତିହ୍ୟସ୍ଥଳି ଧୀରେ ଧୀରେ ନଷ୍ଟ ହେଉଛି । ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବିଶ୍ୱବିଦ୍ୟାଳୟ, ସ୍ଥାନୀୟ ସମୁଦାୟ, ଇତିହାସପ୍ରେମୀ, ସାମାଜିକ ସଂଗଠନ ଓ ସାଧାରଣ ନାଗରିକମାନେ ମଧ୍ୟ ଏହି ଐତିହ୍ୟର ରକ୍ଷକ ହେବା ଉଚିତ । ପ୍ରତ୍ୟେକ ପ୍ରତିମା, ପ୍ରତ୍ୟେକ ଶିଳାଲେଖ ଓ ପ୍ରତ୍ୟେକ ମାଟି ତଳେ ଲୁଚିଥିବା ଅବଶେଷ ଭାରତର ହଜାର ବର୍ଷର ସାଂସ୍କୃତିକ ସ୍ମୃତିକୁ ଧାରଣ କରିଛି ।

ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ଐତିହ୍ୟର ଏହି ପୁନରାବିଷ୍କାର କେବଳ ଏକ ପ୍ରତ୍ନତାତ୍ତ୍ୱିକ ଘଟଣା ନୁହେଁ ଏହା ମାନବ ସଭ୍ୟତାର ଆଧ୍ୟାତ୍ମିକ ଇତିହାସକୁ ପୁନଃ ପଢ଼ିବାର ଆମନ୍ତ୍ରଣ । ମହାନଦୀ କୂଳର ଡମ୍ବରୁଗଡ଼ର ନିରବ ପାହାଡ଼ ଓ ପ୍ରତିରାଜପୁରର ପ୍ରାଚୀନ ବୌଦ୍ଧ ଅବଶେଷ ଆଜି ମଧ୍ୟ ମନେହୁଏ ନିରବରେ କହୁଛନ୍ତି–ଜ୍ଞାନର ଆଲୋକ କେବେ ନିଭେ ନାହିଁ । ଯୁଗ ବଦଳେ, ସାମ୍ରାଜ୍ୟ ବିଲୀନ ହୁଏ, କିନ୍ତୁ ସତ୍ୟ, କରୁଣା ଓ ପ୍ରଜ୍ଞାର ଦୀପଶିଖା ଅନନ୍ତକାଳ ପର୍ଯ୍ୟନ୍ତ ମାନବତାର ପଥକୁ ଆଲୋକିତ କରି ରହେ । ସେହି ଆଲୋକର ଏକ ଉଜ୍ଜ୍ୱଳ ଉତ୍ସ ହେଉଛି ଓଡ଼ିଶାର ଏହି ପବିତ୍ର ଭୂମି, ଯାହାକୁ ବିଶ୍ୱ ପୁନର୍ବାର ନୂଆ ଦୃଷ୍ଟିରେ ଚିହ୍ନିବାର ସମୟ ଆସିଛି ।

**(ଲେଖକ ଜଣେ ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଧିକାରୀ )**

# ଜାତୀୟ ପଶୁ ବାଘ : ଏକ ବିହଙ୍ଗାବଲୋକନ

ବୈଷ୍ଣବ ଚରଣ ଦାଶ

ବାଘ ପୃଥିବୀର ସବୁଠାରୁ ଶକ୍ତିଶାଳୀ, ସୁନ୍ଦର ଓ ସାହସୀ ବନ୍ୟଜନ୍ତୁମାନଙ୍କ ମଧ୍ୟରୁ ଏକ । ଏହା ବିଲେଇ ବଂଶର ସବୁଠାରୁ ବଡ଼ ପ୍ରାଣୀ । ଏହାର ଗମ୍ଭୀର ଚାଲି, ତୀକ୍ଷ୍ଣ ଦୃଷ୍ଟି, ଅଦ୍ଭୁତ ଶୀକାର କୌଶଳ ଏବଂ ଅସାଧାରଣ ଶକ୍ତି ଏହାକୁ ଜଙ୍ଗଲର ରାଜା ଭାବରେ ପରିଚିତ କରାଇଛି । ଭାରତର ଜାତୀୟ ପଶୁ ହେଉଛି ମହାବଳ ବାଘ । ବାଘ କେବଳ ଏକ ବନ୍ୟଜନ୍ତୁ ନୁହେଁ, ଏହା ଆମ ଦେଶର ପ୍ରାକୃତିକ ସମ୍ପଦ, ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନର ପ୍ରତୀକ । ବାଘର ଉପସ୍ଥିତି ଜଙ୍ଗଲର ସ୍ୱାସ୍ଥ୍ୟ ଓ ସମୃଦ୍ଧିର ପରିଚୟ ଦେଇଥାଏ ।

ପୃଥିବୀରେ ବିଭିନ୍ନ ପ୍ରଜାତିର ବାଘ ଥିଲେ ମଧ୍ୟ ଅନେକ ପ୍ରଜାତି ବିଲୁପ୍ତ ହୋଇସାରିଛି । ବର୍ତ୍ତମାନ ରୟାଲ ବେଙ୍ଗଲ ବାଘ, ସାଇବେରିଆନ ବାଘ, ସୁମାତ୍ରାନ ବାଘ, ଇଣ୍ଡୋଚାଇନିଜ ବାଘ ଓ ମାଲୟାନ ବାଘ ପ୍ରମୁଖ ଭାବରେ ଦେଖାଯାନ୍ତି । ଭାରତରେ ରୟାଲ ବେଙ୍ଗଲ ବାଘ ବା ମହାବଳ ବାଘ ଦେଖିବାକୁ ମିଳେ ।

ବାଘର ଶରୀର ବଳିଷ୍ଠ ଓ ସୁଗଠିତ । ଏହାର ଶରୀରର ରଙ୍ଗ ହଳଦିଆ କିମ୍ବା କମଳା ହୋଇଥାଏ ଏବଂ ସେଥିରେ କଳା ରଙ୍ଗର ଡୋରା ରହିଥାଏ । ପ୍ରତ୍ୟେକ ବାଘର ଶରୀରରେ ଥିବା ଡୋରାର ଆକୃତି ଭିନ୍ନ ଭିନ୍ନ ହୋଇଥାଏ । ପୂର୍ଣ୍ଣବୟସ୍କ ପୁରୁଷ ବାଘର ଓଜନ ପ୍ରାୟ ୧୮୦ରୁ ୩୦୦ କିଲୋଗ୍ରାମ ଏବଂ ମାଈ ବାଘର ଓଜନ ୧୦୦ ରୁ ୧୬୦ କିଲୋଗ୍ରାମ ହୋଇଥାଏ । ଏହାର ଲମ୍ବ ପ୍ରାୟ ୨.୫ ରୁ ୩.୩ ମିଟର ପର୍ଯ୍ୟନ୍ତ ହୋଇପାରେ । ବାଘର ତୀକ୍ଷ୍ଣ ଦାନ୍ତ, ଧାରୁଆ ନଖ ଓ ବଳିଷ୍ଠ ଗୋଡ଼ ଶିକାର କରିବାରେ ସହାୟକ ହୋଇଥାଏ । ଏହାର ଦୃଷ୍ଟି ଓ ଶ୍ରବଣଶକ୍ତି ବହୁତ ପ୍ରଖର । ରାତିରେ ମଧ୍ୟ ଏହା ସହଜରେ ଶିକାର କରିପାରେ ।


ବାଘ ସାଧାରଣତଃ ଘଞ୍ଚ ଜଙ୍ଗଲ, ଘାସଭୂମି, ପାହାଡ଼ିଆ ଅଞ୍ଚଳ, ଜଳାଶୟ ନିକଟବର୍ତ୍ତୀ ଜଙ୍ଗଲରେ ବାସ କରିଥାଏ । ଭାରତର ସୁନ୍ଦରବନ, ଶିମିଳିପାଳ, କାନ୍ହା, ବାନ୍ଧବଗଡ଼, ରଣଥମ୍ବୋର, କର୍ବେଟ ଓ ଅନ୍ୟାନ୍ୟ ଅଭୟାରଣ୍ୟରେ ବାଘ ବସବାସ କରେ । ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନ ବାଘ ସଂରକ୍ଷଣ ପାଇଁ ବିଶେଷ ପ୍ରସିଦ୍ଧ ।

ବାଘ ଏକ ମାଂସାହାରୀ ପ୍ରାଣୀ । ବାଘ ସାଧାରଣତଃ ଏକାକୀ ଶିକାର କରେ । ଏହା ଧୈର୍ଯ୍ୟର ସହିତ ଶିକାରକୁ ଅନୁସରଣ କରି ହଠାତ୍ ଆକ୍ରମଣ କରେ । ଏହାର ଗୋପନ ଆକ୍ରମଣ କୌଶଳ ଅତ୍ୟନ୍ତ ପ୍ରସିଦ୍ଧ । ବାଘ ସାଧାରଣତଃ ଏକାକୀ ରହିବାକୁ ପସନ୍ଦ କରେ । ପ୍ରତ୍ୟେକ ବାଘର ନିଜସ୍ୱ କ୍ଷେତ୍ର ଥାଏ, ଯାହାକୁ ସେ ଅନ୍ୟ ବାଘଙ୍କଠାରୁ ସୁରକ୍ଷିତ ରଖେ । ବାଘ ଭଲ ପହଁରିପାରେ ଏବଂ ଜଳରେ ଖେଳିବାକୁ ମଧ୍ୟ ପସନ୍ଦ କରେ ।

ବାଘର ଗର୍ଜନ ବହୁତ ଭୟଙ୍କର ହୋଇଥାଏ । ଏହାର ଗର୍ଜନ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଏ ।

ମାଈ ବାଘ ପ୍ରାୟ ୯୫ରୁ ୧୧୦ ଦିନରେ ଗର୍ଭଧାରଣ କରିଥାଏ । ଏକ ଥରରେ ସାଧାରଣତଃ ୨ରୁ ୪ଟି ଛୁଆ ଜନ୍ମ ଦେଇଥାଏ । ଛୁଆମାନଙ୍କର ଯତ୍ନ ମାଈ ବାଘ ନିଏ ଏବଂ ଶିକାର କରିବାର କୌଶଳ ମଧ୍ୟ ସେ ଶିଖାଏ । ପ୍ରାୟ ଦୁଇ ବର୍ଷ ପରେ ଛୁଆମାନେ ସ୍ୱାଧୀନ ଭାବରେ ବଞ୍ଚିବା ଆରମ୍ଭ କରନ୍ତି । ବାଘ ପରିବେଶର ସନ୍ତୁଳନ ରକ୍ଷା କରିବାରେ ଅତ୍ୟନ୍ତ ଆବଶ୍ୟକ । ବାଘ ସୁରକ୍ଷିତ ରହିଲେ ଜଙ୍ଗଲ, ଜଳ, ଉଦ୍ଭିଦ ଏବଂ ଅନେକ ପ୍ରାଣୀ ମଧ୍ୟ ସୁରକ୍ଷିତ ରହନ୍ତି ।

ବର୍ତ୍ତମାନ ବାଘ ଅନେକ ବିପଦର ସମ୍ମୁଖୀନ । ବନ ଧ୍ୱଂସ, ଶିକାର, ଚୋରା କାରବାର, ଜଳବାୟୁ ପରିବର୍ତ୍ତନ ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ବାଘର ସଂଖ୍ୟା କମାଇ ଦେଉଛି । ଜନସଂଖ୍ୟା ବୃଦ୍ଧି ସହ ଜଙ୍ଗଲ କାଟି ବସତି ଓ କୃଷିଜମି ତିଆରି କରାଯାଉଥିବାରୁ ବାଘର ବାସସ୍ଥାନ କମିଯାଉଛି ।



**ଭାରତ ସରକାର ୧୯୭୩ ମସିହାରେ 'ପ୍ରୋଜେକ୍ଟ ଟାଇଗର' ଆରମ୍ଭ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ବାଘ ଓ ଏହାର ବାସସ୍ଥାନର ସୁରକ୍ଷା । ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଟାଇଗର ରିଜର୍ଭ ସ୍ଥାପନ କରାଯାଇଛି । ଶିକାର ନିଷେଧ, ବନ ସଂରକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଓ କଠୋର ଆଇନ ମାଧ୍ୟମରେ ବାଘ ସଂରକ୍ଷଣ କରାଯାଉଛି ।**

ଭାରତ ସରକାର ୧୯୭୩ ମସିହାରେ 'ପ୍ରୋଜେକ୍ଟ ଟାଇଗର' ଆରମ୍ଭ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ବାଘ ଓ ଏହାର ବାସସ୍ଥାନର ସୁରକ୍ଷା । ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଟାଇଗର ରିଜର୍ଭ ସ୍ଥାପନ କରାଯାଇଛି । ଶିକାର ନିଷେଧ, ବନ ସଂରକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଓ କଠୋର ଆଇନ ମାଧ୍ୟମରେ ବାଘ ସଂରକ୍ଷଣ କରାଯାଉଛି । ବାଘ ସଂରକ୍ଷଣ ପ୍ରତି ସଚେତନତା ବୃଦ୍ଧି କରିବା ଓ ବାଘ ରହୁଥିବା ପରିବେଶକୁ ସୁରକ୍ଷିତ ରଖିବା ଦିଗରେ ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତି ବର୍ଷ ଜୁଲାଇ ୨୯କୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଭାବେ ମଧ୍ୟ ପାଳନ କରାଯାଉଛି । ୨୦୧୦ ମସିହା ଜୁଲାଇ ୨୯ ତାରିଖରେ ରୁଷିଆର ସେଣ୍ଟପିଟର୍ସବର୍ଗ ଶିଖର ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହେବା ପରେ ବିଶ୍ୱବାସୀ 'ବାଘ ଦିବସ' ପାଳନ କରିଆସୁଛନ୍ତି ।

ଭାରତର ଜାତୀୟ ପ୍ରାଣୀ ଭାବରେ ବାଘ ଆମର ଗର୍ବ ଓ ଗୌରବର ପ୍ରତୀକ । ଏହା ଶକ୍ତି, ସାହସ, ଆତ୍ମବିଶ୍ୱାସ ଓ ଐଶ୍ୱର୍ଯ୍ୟର ପ୍ରତୀକ ଭାବେ ମଧ୍ୟ ପରିଚିତ । ଭାରତୀୟ ସଂସ୍କୃତି, ଲୋକକଥା, ଚିତ୍ରକଳା ଓ ସାହିତ୍ୟରେ ବାଘର ବିଶେଷ ସ୍ଥାନ ରହିଛି । ବାଘ ପ୍ରକୃତିର ଏକ ଅମୂଲ୍ୟ ସୃଷ୍ଟି । ଏହା କେବଳ ଏକ ଶକ୍ତିଶାଳୀ ବନ୍ୟଜନ୍ତୁ ନୁହେଁ, ବରଂ ପରିବେଶର ସନ୍ତୁଳନ ରକ୍ଷାକାରୀ ଏକ ପ୍ରମୁଖ ପ୍ରାଣୀ । ବାଘ ସଂରକ୍ଷଣ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ । ଆମେ ସମସ୍ତେ ମିଶି ବାଘ ଓ ବନ ସଂରକ୍ଷଣ ପାଇଁ ସଚେତନ ହେବା ଏବଂ ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖିବା ।

**ବୀରଧନଞ୍ଜୟ ପୁର, ବୁଗୁଡ଼ା
ମୋ-୯୭୭୬୫୩୪୯୩୦**

# ପାଣି ଉଠାଇବା ବେଳେ ଭାସିଗଲେ: ବାପ ନିଖୋଜ, ପୁଅ ଉଦ୍ଧାର

ପାରାଦୀପ,( ଜି ପ୍ର ): ଶ୍ରାବଣ ମାସ ଆରମ୍ଭରୁ ଘଟିଛି ଅଘଟଣ । ବୋଲବମ ଯାଇ ପାଣି ଢାଳିବାକୁ ଆସିଥିବା ବାପା ପୁଅ ଆଜି ମହାନଦୀର ପ୍ରଖର ସ୍ରୋତରେ ଭାସି ଯାଇଛନ୍ତି ।ଘଟଣା ଘଟିଛି ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇ ପୋଲ ତଳେ ।ପୁଅକୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିବା ବେଳେ ବାପା ନିଖୋଜ ହୋଇ ଯାଇଛନ୍ତି ।ସ୍ଥାନୀୟ ନିମି ଗ୍ରାମର ଈଶ୍ୱର ବାରିକ ଓ ତାଙ୍କ ପୁଅ ନିନୁ ବାରିକ ଆଜି ଭୁତମୁଣ୍ଡାଇ ପୋଲ ତଳେ ଥିବା ମହାନଦୀକୁ ପାଣି ଉଠାଇବାକୁ ଯାଇଥିଲେ । ଗ୍ରାମର ପ୍ରାୟ ଅନେକ ଲୋକ ସାଙ୍ଗରେ ଥିବା ବେଳେ ପୁଅ ନିନୁ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିଲେ । ପୁଅ ପାଣିରେ ଭାସିଯିବା ଦେଖି ବାପା ଈଶ୍ୱର ତୁରନ୍ତ ଆଉ କାଳବିଳମ୍ବ ନକରି ପାଣିକୁ ଡିଆଁ ମାରିଥିଲେ । ଉଭୟ ବାପା ପୁଅ ପାଣିରେ ଭାସି ଯାଉଥିବା ଦେଖି ପାଖରେ ଥିବା ଅନ୍ୟମାନେ ପାଣିକୁ ଯାଇ ପୁଅକୁ ଉଦ୍ଧାର କରିଥିବା ବେଳେ ବାପାଙ୍କର ଏପର୍ଯ୍ୟନ୍ତ ପତ୍ତା ମିଳିନି । ପୁଅକୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ପୁଅ ସୁସ୍ଥ ଥିବା ଓ ବାପାକୁ ଅଗ୍ନିଶମ ବାହିନୀ ଆସି ଖୋଜୁଥିବା ଜଣାପଡିଛି ।

# ୨୮ ଛାତ୍ରଛାତ୍ରୀଙ୍କୁ ବିଜୟଶ୍ରୀ ମେଧା ସମ୍ମାନ ପ୍ରଦାନ

ବାସୁଦେବପୁର ,(ସବ୍ୟୁ): ବାସୁଦେବପୁର ବିଜୟଶ୍ରୀ ରାଉତରାୟ ସ୍ମୃତି କମିଟି ପକ୍ଷରୁ ବାସୁଦେବପୁର ନୀଳମଣୀ ଟାଉନହଲ ପରିସରରେ ପୂର୍ବତନ ମନ୍ତ୍ରୀ ତଥା ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦିବଙ୍ଗତ ନେତା ବିଜୟଶ୍ରୀ ରାଉତରାୟଙ୍କ ୭୪ ତମ ଜନ୍ମ ଜୟନ୍ତୀ ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନ ସମାରୋହ -୨୦୨୬ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ କୁମାର ସାହୁ,ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଚାନ୍ଦବାଲିର ବିଧାୟକ ଡକଟର ବ୍ୟମକେଶ ରାୟ,ଭଣ୍ଡାରୀପୋଖରୀର ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ ସମାଜସେବୀ ପିତାମ୍ବର ମିଶ୍ର ଓ ଦେବଦର୍ଶନ ଦାସ




ଆୟୋଜିତ ସଭାର ସଂଯୋଜନା କରିଥିଲେ । ବାସୁଦେବପୁର ବ୍ଲକର ଚଳିତ ମ୍ୟାଟ୍ରିକ ପରୀକ୍ଷାର ୨୮ ଜଣ ଏ ଓ୍ୱାନ ଗ୍ରେଡରେ ପାସ କରିଥିବା ଛାତ୍ରଛାତ୍ରୀଙ୍କୁ ମେଧାବୀ ସମ୍ମାନକୁ ଅତିଥିମାନଙ୍କ କର କମଳରେ ମାନପତ୍ର ଉପଢୌକନ ନଗଦ ଅର୍ଥ ଓ ଏକ ଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମାଜସେବା କ୍ଷେତ୍ରରେ ବାସନ୍ତୀ ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ ତଥା ଅନୁବାଦକ ଅଭିମନ୍ୟୁ ବେହେରା, ସଫଳ କୃଷକ ଗୌତମ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କମୁଛି ବନ୍ୟା...

ଅଧିକାରୀଙ୍କ ନିଦ ଭାଙ୍ଗୁ ନାହିଁ । ବନ୍ୟା ପ୍ରଭାବିତ ଅଞ୍ଚଳ ଲୁଙ୍ଗା ପଞ୍ଚାୟତର ବଡକିଆରି ଓ ମଉଜୁଡି ଗୋରୁଗାଇଙ୍କ ପାଇଁ ଖାଦ୍ୟ ପହଞ୍ଚି ନଥିବାର ସ୍ଥାନୀୟ ଲୋକମାନେ ଆଜି ତହସିଲଦାର ପ୍ରିୟବ୍ରତ ଦାସଙ୍କୁ ଅଭିଯୋଗ କରିଛନ୍ତି । ନଳକୂପ ଦୁଇ ଫୁଟ ପର୍ଯ୍ୟନ୍ତ ବନ୍ୟା ପାଣି ଜମି ରହିଛି । ନଳକୂପରୁ କଳା ପାଣି ବାହାରୁଛି । ହାଲୋଜିନ ବଟିକା କିମ୍ବା ବ୍ଲିଚିଙ୍ଗ ପଡୁନଥିବାର ଅଭିଯୋଗ ହେଉଅଛି । ଭାଗ୍ୟକୁ ଆଦରି ବନ୍ୟା ପ୍ରଭାବିତ ଲୋକମାନେ ବୁଡି ରହିଥିବା ନଳକୂପରୁ ପାଣି ନେଇ ବ୍ୟବହାର କରୁଛନ୍ତି । ଆରଡବ୍ଲ୍ୟୁଏସଏସ ଅଧିକାରୀ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ନଳକୂପ ଦେଖିବା ସହିତ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ପରିବର୍ତ୍ତେ ହାତଯୋଡି ବସିଛନ୍ତି ।

ସେହିପରି ବୈତରଣୀ ଓ ଖରସ୍ରୋତା ନଦୀର ବନ୍ୟା ଯାଜପୁର ଜିଲ୍ଲାର ବ୍ୟାପକ କ୍ଷତି ଘଟାଇଛି । ପାଣି କମିବା ପରେ ଏବେ ବନ୍ୟା ପୀଡିତଙ୍କ ଅସଲ ଦୁର୍ଦ୍ଦଶା ଓ ଚାଷୀଙ୍କ କରୁଣ ଚିତ୍ର ଦେଖିବାକୁ ମିଳିଛି । ଘରଭାଙ୍ଗି ମାଟିରେ ମିଶି ଯାଇଥିବା ବେଳେ ଲକ୍ଷାଧିକ ଫସଲ ନଷ୍ଟ ହୋଇଯାଇଛି । ଅନ୍ୟପଟେ କୋରେଇ ଓ ରସୁଲପୁର ବ୍ଲକରେ ବନ୍ୟା ପରର ସ୍ଥିତି ସାଂଘାତିକ । ଅନେକ ପଞ୍ଚାୟତର ବହୁ ଗାଁ ପ୍ରଭାବିତ ହୋଇଛି । ଧାନବିଲରେ ପାଣିଜମି ରହି ଗଛ ପଚି ଯାଇଥିବା ବେଳେ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ବନ୍ୟା ହ୍ରାସ ପାଇବା ପରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପୁନରୁଦ୍ଧାର ଓ ଜନକାର୍ଯ୍ୟକ୍ରମକୁ ଦୁର୍ଦ୍ଦଶା ଭିତରେ ତ୍ୱରାନୀତ କରାଯାଇଛି । ଜିଲ୍ଲାପାଳ ଅମ୍ବର କୁମାର କର ରବିବାର ଯାଜପୁର ବ୍ଲକର

### ୫ରୁ ଘୂର୍ଣ୍ଣିବଳୟ...

ହେବାର ସମ୍ଭାବନା ଅଛି । ତେବେ ସେଭଳି ବଡ଼ ବର୍ଷା ନଥିବା ଜଣାପଡିଛି ।

ରାଜ୍ୟରେ ଆସନ୍ତାକାଲି (ସୋମବାର)ଠାରୁ ବର୍ଷା ବଢ଼ିବାର ସମ୍ଭାବନା ଅଛି । ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଅଛି । ସେହିପରି ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ପାଗ ଏଭଳି ରହିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

### ନିଟ୍ ପିଜି...

ଗତବର୍ଷ ତୁଳନାରେ ଏହି ସଂଖ୍ୟା ସାଢ଼େ ୧୨ ପ୍ରତିଶତରୁ ଅଧିକ । ପ୍ରାୟ ୩୪୦ଟି ସହରର ୧୩୦୦ରୁ ଅଧିକ କେନ୍ଦ୍ରରେ ପରୀକ୍ଷା ହେବ ଏବଂ ୬୦ ହଜାରରୁ ଅଧିକ କର୍ମଚାରୀ ନିୟୋଜିତ ହେବେ ।ପରୀକ୍ଷା କେନ୍ଦ୍ର ବଣ୍ଟନରେ ପୂର୍ବରୁ ପ୍ରଚଳିତ 'ଆଗେ ଆସିଲେ ଆଗେ ପାଇବେ' ବ୍ୟବସ୍ଥାକୁ ହଟାଇ ଦିଆଯାଇଛି । ପରୀକ୍ଷାର୍ଥୀ ତିନିଟି ରାଜ୍ୟକୁ ପସନ୍ଦ କରିପାରିବେ । ସେମାନଙ୍କ ଚିଠିପତ୍ର ଠିକଣା ଥିବା ରାଜ୍ୟକୁ ପ୍ରଥମ ପସନ୍ଦ କରିବା ବାଧ୍ୟତାମୂଳକ । ଫଳରେ ବାସସ୍ଥାନ ନିକଟରେ କେନ୍ଦ୍ର ମିଳିବାର ସମ୍ଭାବନା ବଢ଼ିବ । ପରୀକ୍ଷାର ପ୍ରାୟ ତିନି ସପ୍ତାହ ପୂର୍ବରୁ ସହର ସମ୍ପର୍କରେ ସୂଚନା ମିଳିବ । ପୂର୍ବର ୨୦୦ ବଦଳରେ ଏଥର ୧୮୦ଟି ପ୍ରଶ୍ନ ରହିବ । କିନ୍ତୁ ପରୀକ୍ଷା ଅବଧି ୨୧୦ ମିନିଟ୍ ରହିବାରୁ ପ୍ରତ୍ୟେକ ପ୍ରଶ୍ନ ପାଇଁ ଅଧିକ ସମୟ ମିଳିବ । ଆବେଦନ ସମୟରେ ଓ ପରୀକ୍ଷା ଦିନ ଆଧାରଭିତ୍ତିକ ପରିଚୟ ଯାଞ୍ଚ କରାଯିବ । ଆଙ୍ଗୁଠି ଛାପ ମେଳ ନ ଖାଇଲେ ଆଖିର ଡୋଳା ଯାଞ୍ଚ କରାଯିବ ।ପରୀକ୍ଷା କେନ୍ଦ୍ରକୁ ଆଗୁଆ ସିଲ୍ କରି ଯାଞ୍ଚ, ସିସିଟିଭି ନିରୀକ୍ଷଣ, ଶରୀର ତଲାସି, ସିଗ୍ନାଲ୍ ଜାମର୍ ଏବଂ କେନ୍ଦ୍ରୀୟ ଓ ଆଞ୍ଚଳିକ ନିୟନ୍ତ୍ରଣ କକ୍ଷରୁ ସିଧାସଳଖ ନଜର ରଖିବା ବ୍ୟବସ୍ଥା ହୋଇଛି । ପରୀକ୍ଷା ଆରମ୍ଭର ଅଳ୍ପ ସମୟ ପୂର୍ବରୁ ସୁରକ୍ଷିତ ଓ ସାଙ୍କେତିକ ପଦ୍ଧତିରେ ଚୂଡ଼ାନ୍ତ ପ୍ରଶ୍ନପତ୍ର ଚୟନ ହେବ । ତେଣୁ ପ୍ରଶ୍ନପତ୍ର ଆଗୁଆ ମିଳିବା ସମ୍ପର୍କିତ ମିଥ୍ୟା ଦାବି ଓ ଗୁଜବରେ ବିଶ୍ୱାସ ନ କରିବାକୁ ନଡ୍ଡା ପରୀକ୍ଷାର୍ଥୀଙ୍କୁ କହିଛନ୍ତି ।

### ଶୃଙ୍ଖଳିତ...

ବିହାରୀ ବରାଳ । ସେମାନଙ୍କ ହାତରେ ଭଗବତ ଗୀତା, ଗାନ୍ଧିଜୀଙ୍କ ଫଟୋ ଓ ଗୋଟିଏ ଚେକ୍ ଥିବା ଦେଖିବାକୁ ମିଳିଥିଲା । ବିପିନ ବରାଳଙ୍କ କହିବାନୁଯାୟୀ କିଏ ଦୋଷ କଲା ମୁଁ ନିର୍ଦ୍ଦୋଷୀ ୧୬ବର୍ଷ ଜେଲ୍‌ରେ ରହିଲି । ଯଦି ସେହି ମାମଲାର ପୁନଃ ତଦନ୍ତ ହୁଏ ପ୍ରକୃତ ଆସାମୀମାନେ ଗିରଫ ହୋଇପାରିବେ । ଝାରପଡା ଜେଲ୍‌ର ତିନିଜଣଙ୍କ ଭଳି ଅନ୍ୟ ୧୬ଜଣ ରାଜ୍ୟର ବିଭିନ୍ନ ଜେଲରୁ ଘରକୁ ଯାଇଛନ୍ତି । ସେମାନଙ୍କ ବ୍ୟବହାର, ଚାଲିଚଳନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ଏହି ପଦକ୍ଷେପ ନିଆଯାଇଥିବା ଜେଲ୍ ସୂତ୍ରରୁ ପ୍ରକାଶ ।

### ପାକିସ୍ତାନକୁ...

ବହୁ ପରିମାଣର ଜଳ ଅବ୍ୟବହୃତ ହୋଇ ସମୁଦ୍ରକୁ ବହିଯାଉଛି ।ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରି ସେ କହିଛନ୍ତି ଯେ "ସନ୍ତ୍ରାସବାଦ ଓ ଆଲୋଚନା, ସନ୍ତ୍ରାସବାଦ ଓ ବାଣିଜ୍ୟ ଏବଂ ରକ୍ତ ଓ ପାଣି କେବେହେଲେ ଏକାଠି ବହିପାରିବ ନାହିଁ।" ସୂଚନାଯୋଗ୍ୟ, ୨୦୨୫ ଏପ୍ରିଲ ୨୨ରେ ଜମ୍ମୁ-କାଶ୍ମୀରର ପହଲଗାମଠାରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା ।

### ନିଶା ମାଫିଆଙ୍କୁ...

ସାମାଜିକ ଜନ-ଆନ୍ଦୋଳନ । ସୂଚନା ଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭାସୀ ଉପସ୍ଥିତିରେ ଦେଶର ୧୦,୦୦୦ ରୁ ଅଧିକ ସ୍ଥାନରେ ୧ କୋଟିରୁ ଊର୍ଦ୍ଧ୍ୱର୍ ଯୁବକଯୁବତୀ ଏକତ୍ରିତ ହୋଇ ଏକ ସୁସ୍ଥ, ଶୃଙ୍ଖଳିତ, ସଂସ୍କାରପୂର୍ଣ୍ଣ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଥିଲେ ଯେ, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ "ଜେନ-ଜେଡ୍' ପିଢ଼ି ଓ ଯୁବଶକ୍ତି ହିଁ ପ୍ରମୁଖ ବିଶ୍ୱକର୍ମା । ନିଶା ଆଜି କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇ ରହିନାହିଁ, ବରଂ ଏହା ମାନସିକ ଓ ଶାରୀରିକ ସାମର୍ଥ୍ୟ ହ୍ରାସ କରିବା ସହ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି ଏବଂ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ବଡ଼ ପ୍ରତିବନ୍ଧକ ସାଜୁଛି । ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର "ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି । ଓଡ଼ିଶା ପୋଲିସର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ଜୁଲାଇ ୨୦୨୪ ରୁ ଜୁନ୍ ୨୦୨୬ ମଧ୍ୟରେ ପୋଲିସ ପ୍ରାୟ ୧,୯୧୧ କୋଟି ଟଙ୍କା ମୂଲ୍ୟର ୬୩,୭୨୦ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି । ଏହାସହ ୨,୫୭୬ ଟି ମାମଲା ରୁଜୁ କରାଯାଇ ୩,୬୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨,୧୦୬ କୋଟି ଟଙ୍କାର ୪୩୨ ଟନ୍ ଗଞ୍ଜେଇ ଜବତ କରାଯାଇଛି । କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ନିଶାପୀଡ଼ିତଙ୍କ ପୁନରୁଦ୍ଧାର ଓ ପୁନର୍ବାସ ପାଇଁ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯାଉଛି । କୌଣସି ବି ଅଞ୍ଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ସମ୍ପ୍ରତି ଯୁବ ସମାଜ ବ୍ରାଉନ୍ ସୁଗାର, କୋକେନ୍, ସିନ୍ଥେଟିକ୍ ଓ ଇଞ୍ଜେକଫିଙ୍ଗ ଡ୍ରଗ୍ସ ଭଳି ମାରାତ୍ମକ ନିଶା ଆଡ଼କୁ ଜାଣିଶୁଣି ବା ସଙ୍ଗଦୋଷରୁ ଆକୃଷ୍ଟ ହେବା ନେଇ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି, ଯାହାର ପରିଣାମସ୍ୱରୂପ ଭୁବନେଶ୍ୱରରୁ ସିନ୍ଥେଟିକ୍ ଡ୍ରଗ୍ସ ଜବତ କରାଯିବା ସହ ବାଲେଶ୍ୱରରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପରିଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ସଂଗଠନ, ଏନଏସଏସ, ମାଇଁ ଭାରତ ସ୍ୱେଚ୍ଛାସେବୀ, ଶିଳ୍ପାନୁଷ୍ଠାନ, ବେସରକାରୀ ସଂଗଠନ ଓ ଗଣମାଧ୍ୟମକୁ ଏକଜୁଟ ହୋଇ ନିଶାକୁ ନା ଏବଂ ଜୀବନ ଓ ପ୍ରଗତିକୁ ହଁ ନାରା ସହ ଏହି ଜନ-ଆନ୍ଦୋଳନକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିବା ବେଳେ କ୍ରୀଡା ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସତବାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକୟଦୁଲ୍ଲା ବିଜୟ ଧନ୍ୟବାଦ ଭାଷଣ ଅର୍ପଣ କରିଥିଲେ ।

### ବଜ୍ରପାତରେ ଦୁଇ ମୃତ , ଦୁଇ ଗୁରୁତର

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀର ଦୁଇଟି ସ୍ଥାନରେ ବଜ୍ରପାତ ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ବ୍ୟକ୍ତି ଗୁରୁତ୍ୱର ଆହତ ହୋଇଛନ୍ତି । ଦୁଇ ଆହତଙ୍କୁ ସଜ୍ଞାହୀନ ଅବସ୍ଥାରେ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ଖବର ମିଳିଛି ।ଘଟଣାରୁ ପ୍ରକାଶ ଯେ, ବଡଚଣା ବ୍ଲକ ଚଣ୍ଡିତଳ ପାଞ୍ଚୟତ ଚନ୍ଦନକୁମାର ମଲ୍ଲିକ(୨୬) ଅନ୍ୟମାନଙ୍କ ସହ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ହେବାରେ ତାଙ୍କର ମୃତ୍ୟୁ ଘଟିଥିଲା ।ସେହିପରି ଉକ୍ତ ବ୍ଲକର ବନ୍ଧାଳ ପାଞ୍ଚୟତ ଓଲର ଗ୍ରାମର ବାଜିଆ ତିରିଆଙ୍କ ପୁଅ ଜଡ଼ା ତିରିଆ ବିଲରେ କାମ କରୁଥିବା ସମୟରେ ବଜ୍ରପାତରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ତେବେ ମୃତକମାନଙ୍କ ସହ କାମକରିବା ଅନ୍ୟ ଦୁଇଜଣ ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି ।

# ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ କାଉଡିଆଙ୍କ ଭିଡ ଅସ୍ଥାୟୀ ଶିବ ଲିଙ୍ଗ ନିକଟରେ ଜଳାଭିଷେକ




ନୀଳଗିରି,(ସବ୍ୟ) :ତୃତୀୟ ସୋମବାରରେ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ପାଖାପାଖି ୨୦ହଜାର ରୁ ଅଧିକ କାଉଡିଆଙ୍କ ସମାଗମ ପରିଲିଖିତ ହୋଇଛି । ଶେରଗଡ ନିଳଗିରି ରାସ୍ତା ଏକ ପ୍ରକାର ଜାମ୍ ହୋଇ ଯାଇଛି । ମାତ୍ର ନିଳଗିରି ଠାରୁ ପଞ୍ଚଲିଙ୍ଗେଶ୍ୱର ଛକ ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ବେଳେ ହଜାର ହଜାର କାଉଡିଆ କିପରି ଖାଲି ପାଦରେ ଯିବେ ତାହା ଚିନ୍ତାର ବିଷୟ ପାଲଟିଛି । ସେପଟେ ଶୈବ ପୀଠରେ ପ୍ରବଳ ସ୍ରୋତରେ ପାଣି ଆସୁଥିବା ବେଳେ କାଉଡିଆଙ୍କ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରିଦିଆଯାଇଛି । ଶୈବ ପୀଠର ପାଦ ଦେଶରେ ଭକ୍ତ ମାନେ ପୂଜା ଅର୍ଚ୍ଚନା କରାଯିବାର କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ବାଲେଶ୍ୱର ଫ୍ରେଣ୍ଡସ କ୍ଲବ ପକ୍ଷରୁ କାଉଡିଆମାନଙ୍କ ପାଇଁ ସମସ୍ତ ପ୍ରକାରର ବୟବସ୍ଥା କରାଯାଇଛି । ଉକ୍ତ କ୍ଲବ ପକ୍ଷରୁ ଏକ ସୁସଜ୍ଜିତ ଶିବଲିଙ୍ଗ ସ୍ଥାପନ କରାଯାଇଥିବା ବେଳେ ବେଶ୍ କାଉଡିଆଙ୍କ ଭିଡ ଲାଗିଥିବାର ଦେଖିବାକୁ ମିଳିଛି ।

# ଜୀବନରେ ଭଲ ବନ୍ଧୁର ଆବଶ୍ୟକତା ରହିଛି

ଟାଙ୍ଗୀ,(ସବ୍ୟୁ): ଟାଙ୍ଗୀ ଏନ ଏ ସି ରେ ଆଜି ବିଶ୍ୱ ବନ୍ଧୁତା ଦିବସ ପାଳିତ ହୋଇଯାଇଛି । ବନ୍ଧୁତା ଏମିତି ଏକ ପବିତ୍ର ସଂପର୍କ, ଯେଉଁ ଠାରେ ଜାତି , ଧର୍ମ, ଗରୀବ ଧନୀର କୌଣସି ପ୍ରତିବନ୍ଧକ ନଥାଏ । ସୁଃଖ ଦୁଃଖ ପ୍ରତି ମୂହୁର୍ତରେ ଉତ୍ତମ ବନ୍ଧୁର ଆବଶ୍ୟକତା ପଡିଥାଏ ।ତେଣୁ ଜୀବନରେ ଭଲ ବନ୍ଧୁର ଆବଶ୍ୟକତା ରହିଛି ବୋଲି ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ବିଜୟ କୁମାର ରାଉତ ବକ୍ତବ୍ୟ ରଖିଥିଲେ । କୁହୁଡି ଜନତା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ବାଳକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାରା ପ୍ରସାଦ ପଟ୍ଟନାୟକ, ରବିନ୍ଦ୍ର କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ପ୍ରସାଦ ଧଳ,ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ,କବୟତ୍ରୀ ମଂଜୁଲତା ଇନ୍ଦ୍ରଜିତ, ଶିକ୍ଷୟିତ୍ରୀ କୁନ୍ତଳା ସାହୁ ପ୍ରମୁଖ ଯୋଗଦେଇ କୃଷ୍ଣ ସୁଦାମାଙ୍କର ବନ୍ଧୁତା ,ବନ୍ଧୁତାର ଏକ ଶ୍ରେଷ୍ଠ ନିଦର୍ଶନ ବୋଲି ବକ୍ତବ୍ୟ ରଖିଥିଲେ । ଶେଷରେ ଉପସ୍ଥିତ ଥିବା ସମସ୍ତ ବନ୍ଧୁ ପରସ୍ପରକୁ ମିଠା ଖୁଆଇ ବନ୍ଧୁତା ଦିବସକୁ ସ୍ମରଣୀୟ କରିଥିଲେ । ଅନୁରୂପ ଭାବେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ୧୯୮୫ ମସିହା ମାଟ୍ରିକ ବ୍ୟାଚର ଦିପକ କୁମାର ପୃଷ୍ଟି,ଲମ୍ବୋଦର ବେହେରା,ଯଦୁମଣୀ ପ୍ରଧାନ,ଇପସିତ ପଟ୍ଟନାୟକ,ମନୋଜ କୁମାର ପଟ୍ଟନାୟକ,ପ୍ରକାଶ କୁମାର ସେଠୀ,କେଦାର ପାଇକରାୟ,ଲକ୍ଷ୍ମୀଧର ପାଇକରାୟ,ବ୍ରହ୍ମଚାରୀ ନାୟକ ।ସୋମନାଥ ସାହୁ ପ୍ରମୁଖ ବନ୍ଧୁତା ଦିବସ ପାଳନ ବାସ୍ତବିକ ସମାଜ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ ।

# ରାଜୁଆ ନଦୀବନ୍ଧ ମୁକୁଳା: ଶହ ଶହ ହେକଟର ଫସଲ ଜଳମଗ୍ନ

ନିରାକାରପୁର, (ସବ୍ୟୁ): ପ୍ରବଳ ବର୍ଷା ଯୋଗୁଁ ଉପରମୁଣ୍ଡରୁ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ହୀରାକୁଦରୁ ଅଧିକ ଜଳ ନିଷ୍କାସିତ ହେବା ଫଳରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ପଞ୍ଚାୟତରେ ଗମ୍ଭୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ପ୍ରତ୍ୟକ୍ଷ ପ୍ରଭାବରେ ଓରବରସିଂହ ପଞ୍ଚାୟତର ହିରିମୂଳ ଗ୍ରାମ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ମହାନଦୀର ବନ୍ୟା ଜଳ ଆସିବା ଫଳରେ ରାଜୁଆ ନଦୀର ଶରଧାପୁରଠାରୁ ଚଣ୍ଡୀ ବରଗଛ ପର୍ଯ୍ୟନ୍ତ ନଦୀବନ୍ଧ ମୁକୁଳା ପଡ଼ିଯିବାରୁ ଅଞ୍ଚଳରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବା ସହ ଲୋକଙ୍କ ଘର ଭିତରେ ପାଣି ପଶିଯାଇଛି ।ଏଥିସହିତ ରାୟପୁର-ମଳିପଡ଼ା ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି ଏବଂ ଉକ୍ତ ରାସ୍ତା ଉପରେ ଅଣ୍ଟାଏ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି । ଓରବରସିଂହ ପଞ୍ଚାୟତର ଡିହଖୋଳା, ଓରବରସିଂହ, କୃଷ୍ଣପୁର, ଲେଖନପୁର, ରାୟପୁର, ନରଣଗଡ଼, ମାନପୁର, ଓରମି, ବଳପୁର, ଧବଳପୁର, କୁରୁମପଡ଼ା, ବ୍ରଜମୋହନପୁର, ଶରଧାପୁର ଓ ଷଡ଼େଇଗଡ଼ ଆଦି ଗ୍ରାମଗୁଡ଼ିକୁ ବନ୍ୟା ପାଣି ଘେରି ରହିଛି । ଚାରିପଟେ ଥିବା ବିଲ-ଗହରି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯିବାରୁ ହଜାର ହଜାର ହେକଟର ଚାଷ ଜମି ପାଣି ଭିତରେ ବୁଡ଼ି ରହିଛି । ପାଣି ଅଧିକ ଦିନ ଜମିରେ ରହିଲେ ଧାନ ଫସଲ ପଚି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ।ଏହି ବନ୍ୟା ଦ୍ୱାରା ହିରିମୂଳ ଗ୍ରାମ ସର୍ବାଧିକ ପ୍ରଭାବିତ ହୋଇଛି । ଗ୍ରାମର ୨୯ଟି ପରିବାରର ପ୍ରାୟ ୩୦୦ ଲୋକ ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ଗ୍ରାମକୁ ଯାତାୟାତ ସୁବିଧା ପାଇଁ ପ୍ରଶାସନ ତରଫରୁ ଦୁଇଟି ସରକାରୀ ଡଙ୍ଗା ସହ ଜଣେ ଚାଳକଙ୍କୁ ନିଯୁକ୍ତ କରାଯାଇଛି ।ସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଉପଜିଲ୍ଲାପାଳ ସଂକଳ୍ପ ସଓ୍ୱସ୍ତିକ ସାହୁ, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି । ପ୍ରଶାସନ ପକ୍ଷରୁ ହିରିମୂଳ ଗ୍ରାମବାସୀଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀକୁ ଆସିବା ପାଇଁ ନିବେଦନ କରାଯାଇଥିଲେ

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 31.07.2026 Surendra Pradhan S/o- Matia Pradhan Resident of At- Bhatasahi (Gopalsahi) P.O- Bhatasahi P.S- Nayagarh Dist- Nayagarh, PIN- 752070 declare that I have changed my minor Son's name from Prabitra Pradhan to Pabitra Pradhan Henceforth, he shall be known as Pabitra Pradhan for all purposes.

sd/- Surendra Pradhan

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 01.07.2026 Rabindra Kumar Mahapatra, S/o- Madhab Mahapatra Resident of Village- Ratanpur P.O- Nayagarh P.S- Nayagarh, Dist- Nayagarh,PIN- 752069 declare that I have changed my daughter Son's name from Manosini Mahapatra to Manoswini Mahapatra Henceforth, he shall be known as Manoswini Mahapatra for all purposes.

sd/- Rabindra Kumar Mahapatra

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 31.07.2026 I, Shantilata Mandal W/o- Kirtiranjan Behera Resident of At- Mankapalli P.O- Similisahi P.S- Nayagarh, Dist- Nayagarh, PIN-752094 declare that I have changed my name from Shanti Mandal to Shantilata Mandal Henceforth, I shall be known as Shantilata Mandal for all purposes.

sd/- Shantilata Mandal

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 27.07.2026 Bhagaban Pradhan S/o- Krupasindhu Pradhan Resident of Village- Melamba P.O- Champatipur P.S- Itamati Dist- Nayagarh, PIN- 752068 declare that I have changed my daughter Son's name from Rani Pradhan to Sonali Pradhan Henceforth, he shall be known as Sonali Pradhan for all purposes.

sd/- Bhagaban Pradhan

9001/113/2627

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା.୦୩.୦୮.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ପ୍ରମୁଖ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR : 9001/9001/1/26-27/0054

11001/242/2627

**Government of Odisha**
**Higher Education Department**

**Revised Timeline for Phase-I admission into U.G. Courses in the Higher Education Institutions for the Academic Session 2026-27**

It is to inform all concerned that in view of the **prevailing flood situation and the difficulties being faced by students and institutions in the affected areas of the State,** the timeline for the ongoing admission process into U.G. Courses has been extended.

The revised timeline for admission in all (+3) Degree **(State Public Universities/ Government/ Aided/Un-Aided/ Law Colleges)** of the State participating under Student Academic Management System (SAMS) is given below.

| Sl# | Activities | Timeline |
|---|---|---|
| **Round 3 Selection & Admission Allotment** | | |
| 1 | Last date of reporting of the applicants at allotted institutions for taking admission **(for Third /Final Round Selection)** | **05-Aug-2026 (05:00 PM)** |
| 2 | Last date of data updation for the admitted students in the e-space by the respective Institutions **(for Third/Final Round Admission)** | **05-Aug-2026 (09:00 PM)** |
| **Round 4: Waiting/Spot Selection Round** | | |
| 3 | Publication of the list of waitlisted applicants (for the **remaining upper choice HEIs Waiting Rank Wise) in HEI's e-Space as well as in the student's login as per the actual vacancy as on 05-Aug- 2026** | **08-Aug-2026 (12:00 Noon)** |
| 4 | **Physical Reporting of interested waitlisted applicants** for submission of CAF along with relevant documents in their **respective HEIs** for participating in the waiting list admission Round. The interested applicants must appear in person; however, a representative with valid ID proof may also be permitted to report on their behalf. | **10-Aug-2026 (11:00 AM) to 11-Aug-2026 (04:00 PM)** |
| 5 | Publication of merit list among the reported waitlisted applicants at the Notice Board / Website of the HEIs & communicate to the selected applicants via phone call/ SMS | **12-Aug-2026 (02:00 PM)** |
| 6 | Reporting of the waitlisted applicants for Validation of documents, Final Admission, Collection of Admission Fees **(where applicable)** directly **by the HEIs in online mode (Net Banking/ Bank Challan/NEFT/UPI etc.)** & Admission updation of the waitlisted applicants in the e-space of the HEIS | **13-Aug-2026 (10:00 AM) to 14-Aug-2026 (05:00 PM)** |
| 7 | **Publication of Phase-II Admission Process** | **Will be notified latter** |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**Joint Secretary to Govt.**
**PTC Section**

OIPR : 11001/11001/1/26-27/0036

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଯୁବକର ତଣ୍ଟି କାଟିଦେଲେ ବଙ୍ଗାଳି ମିସ୍ତ୍ରୀ

# ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର, ୮ ଗିରଫ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଜଗନ୍ନାଥ ପ୍ରସାଦ ଗ୍ରାମରେ ଜଣେ ଯୁବକଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଯୁବକ ରାତିରେ ଏକାଠି ଶୋଇଥିବା ସମୟରେ ତଣ୍ଟି କାଟି ହତ୍ୟା ଉଦ୍ୟମ କରିଛନ୍ତି । ଏନେଇ ନାକଟିଦେଉଳ ପୋଲିସ ୮ ଜଣ ଯୁବକଙ୍କୁ ଗିରଫ କରିଛି ।

ଅନୁସନ୍ଧାନରୁ ଜଣା ପଡିଛି ଯେ, ନାକଟିଦେଉଳ ଥାନା ଜଗନ୍ନାଥ ପ୍ରସାଦ ଗ୍ରାମର ଶୋଭମ ବେହେରାଙ୍କ ଘରେ ୧୦ରୁ ଉର୍ଦ୍ଧ ଯୁବକ ଭଡାରେ ରହୁଥିଲେ । ଏମାନେ ସମସ୍ତେ ବଙ୍ଗଳାଦେଶୀ ବୋଲି ଅନୁମାନ କରାଯାଉଛି । ସେମାନେ ନାକଟିଦେଉଳ ଅଂଚଳରେ ରହି ଶ୍ରମିକ ଭାବରେ କାମ କରୁଥିଲେ । ନାକଟିଦେଉଳ ଥାନା ସରାପାଲି ପଞ୍ଚାୟତର ମାରଓ୍ୱାଡିମୁଣ୍ଡା ଗ୍ରାମର ଟୁନା ମାହାର ଏହି ଯୁବକ ମାନଙ୍କ ସହ ମିଶି କାମ କରୁଥିଲା ଏବଂ ଜଗନ୍ନାଥପ୍ରସାଦ ଗ୍ରାମରେ ସାଥି ହୋଇ ରହୁଥିଲା । ଯାହା ସୂଚନା ମିଳୁଛି ଶନିବାର ରାତିରେ ସମସ୍ତେ ମିଶି ଭୋଜି କରିଥିଲେ । ଖାଇ ସାରି ପରେ ରାତିରେ ଶୋଇ ପଡ଼ିଥିଲେ । ହେଲେ ରାତିରେ ଟୁନା ମାହାର ଶୋଇଥିବା ସମୟରେ ଅନ୍ୟ ସମ୍ପ୍ରଦାୟର ଯୁବକ ମାନେ ସଂଘ ବଦ୍ଧ ଭାବରେ ଟୁନାଙ୍କୁ ମାଡି ବସି ଏକ ଧାରୁଆ ଅସ୍ତ୍ରରେ ତଣ୍ଟିକୁ କାଟି ଦେଇଥିଲେ ।

ଗୁରୁତର ଟୁନା କୌଶଳ କ୍ରମେ ନିକଟରେ ରହୁଥିବା ମେଡିକାଲର ଜୈନିକ ବ୍ୟକ୍ତିଙ୍କ କ୍ୱାଟରକୁ ଯାଇ ସେମାଙ୍କୁ ନିଦରୁ ଉଠାଇ ଥିଲା । ସେହି ବ୍ୟକ୍ତି ତୁରନ୍ତ ଖବର ଦେଇଥିଲେ । ଗ୍ରାମର କେତେ ଜଣ ବ୍ୟକ୍ତି ଆସି ଉଦ୍ଧାର କରି ନିଜ ଗାଁ କୁ ନେଇ ଯାଇଥିଲେ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଆମ୍ବୁଲାନ୍ସ ଡାକି ପ୍ରଥମେ ନାକଟିଦେଉଳ ଡାକ୍ତରଖାନା, ପରେ ପରେ ରେଢ଼ାଖୋଲରୁ ବୁର୍ଲା ସ୍ଥାନାନ୍ତର କରିଥିଲେ । ବର୍ତ୍ତମାନ ଟୁନା ମାହାର ଅତି ଗୁରୁତର ଥିବା ସୂଚନା ରହିଛି । ତୁରନ୍ତ ନାକଟିଦେଉଳ ପୋଲିସ ଜଗନ୍ନାଥପ୍ରସାଦରୁ ୭ ରୁ ୮ ଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି । ଆଉ ଜଣେ ଫେରାର ଥିବା ଖବର ମିଳିଛି । ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ନାକଟିଦେଉଳ ଥାନାଧିକାରୀ ଆମ୍ବୁସେନ କିରୋ ଏବଂ ରେଢ଼ାଖୋଲ ଏସଡ଼ିପିଓ ରଜନୀକାନ୍ତ ମିଶ୍ରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ରିସିଭକରି ନ ଥିଲେ । ଦଙ୍ଗା ହେବା ଆଶଙ୍କା କରି ସମ୍ବଲପୁରରୁ ଅତିରିକ୍ତ ଏସପି ଏବଂ ଦୁଇ ପ୍ଲାଟୁନ ପୋଲିସ ନାକଟିଦେଉଳରେ ମୃତୟନ ହୋଇଥିବା ସୂଚନା ମିଳିଛି । ନାକଟିଦେଉଳ ଅଞ୍ଚଳରେ ଏହା ହେଉଛି ପ୍ରଥମ ଘଟଣା । ବହୁ ବାଙ୍ଗଲାଦେଶୀ ଆସି ଏଠାରେ ଶ୍ରମିକ ଭାବରେ କାମ କରୁଛନ୍ତି । ଏପରିକି ଯେଉଁ ଲୋକମାନେ ଭଡା ଦେଉଛନ୍ତି ସେମାନେ ଏହି ମିସ୍ତ୍ରୀ/ଶ୍ରମିକ ମାନଙ୍କର କୌଣସି ତଥ୍ୟ ରଖୁ ନାହାନ୍ତି । ଏଠାରେ ରହି ଯୁବତୀ ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଧରି ପଳାଉଛନ୍ତି । ବହୁ ସମୟରେ ଚୋରି ଡକାୟତି ମଧ୍ୟ କରୁଛନ୍ତି । ପୋଲିସ କିଛି ପଦକ୍ଷେପ ନେଉନାହାନ୍ତି । ସୋମବାର ନାକଟିଦେଉଳରେ ସମ୍ପୃକ୍ତ ସମ୍ପ୍ରଦାୟକୁ ହଟାଇବା ପାଇଁ ଏକ ଆନ୍ଦୋଳନ ହେବ ବୋଲି ସୂଚନା ରହିଛି । ନାକଟିଦେଉଳରେ ପୋଲିସ ଦଙ୍ଗା ହେବା ଆଶଙ୍କାରେ ୨ ପ୍ଲାଟୁନ ପୋଲିସ ସହ ସଜାଗ ହୋଇ ରହିଛି ।

### ଓଇଏସ୍ ଆଲୋଚନାଚକ୍ର

# 'ଖଣିଖାଦାନର ପରିବେଶୀୟ ପୁନରୁଦ୍ଧାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, (ସବ୍ୟୁ): ବର୍ତ୍ତମାନ ଯୁଗରେ ବୈଶ୍ୱିକ ବିକାଶ ନିମନ୍ତେ ଖଣିଖାଦାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକ ଦୈନନ୍ଦିନ ଜୀବନ ପାଇଁ ଆବଶ୍ୟକ କଞ୍ଚାମାଲ ଯୋଗାଇବା ସହ ଅର୍ଥନୀତିକୁ ଗତିଶୀଳ କରନ୍ତି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ଯୋଗାନ୍ତି। ତଥାପି, ଖଣିଜ ପଦାର୍ଥ ଉତ୍ତୋଳନ ପରେ ଖଣି ଅଞ୍ଚଳର ପରିବେଶଗତ ପୁନରୁଦ୍ଧାର ଅତ୍ୟନ୍ତ ଆବଶ୍ୟକ, କାରଣ ଏହା ଖଣି କାର୍ଯ୍ୟକଳାପ ଦ୍ୱାରା ପ୍ରଦୂଷିତ, ପ୍ରଭାବିତ କିମ୍ବା କ୍ଷତିଗ୍ରସ୍ତ ହୋଇଥିବା ଭୂମି ଓ ପରିବେଶ ତନ୍ତ୍ରରେ ସୁଧାର ଆଣିଥାଏ। ଖଣି ଖନନ ଯୋଗୁଁ ପ୍ରାୟତଃ ଜଙ୍ଗଲ କ୍ଷୟ, ଭୂମି ଅବକ୍ଷୟ, ଜୈବବିବିଧତାର ହ୍ରାସ, ବାୟୁ,ଜଳ ଓ ମୃତ୍ତିକା ପ୍ରଦୂଷଣ ଏବଂ ପ୍ରାକୃତିକ ଭୂ-ଦୃଶ୍ୟରେ ପରିବର୍ତ୍ତନ ଭଳି ସମସ୍ୟା ଦେଖାଦେଇଥାଏ। ଏହି ଅଞ୍ଚଳଗୁଡ଼ିକୁ ଏକ ସ୍ଥିର, ଉତ୍ପାଦନକ୍ଷମ ଏବଂ ପରିବେଶ ଅନୁକୂଳ ଅବସ୍ଥାକୁ ଫେରାଇ ଆଣିବା ହେଉଛି ପୁନରୁଦ୍ଧାର ପ୍ରକ୍ରିୟାର ମୁଖ୍ୟ ଲକ୍ଷ୍ୟ। 'ଓଡ଼ିଶା ପରିବେଶ ସମିତି' (ଓଇଏସ୍) ଆନୁକୂଲ୍ୟରେ ଏହାର ସମ୍ମିଳନୀ କକ୍ଷରେ ଆୟୋଜିତ 'ଖଣିଗୁଡ଼ିକର ପରିବେଶୀୟ ପୁନରୁଦ୍ଧାର' ଶୀର୍ଷକ ଏକ ଆଲୋଚନାଚକ୍ରରେ ପରିବେଶ ବିଶେଷଜ୍ଞମାନେ ଏଭଳି ମତ ପ୍ରକାଶ କରିଛନ୍ତି।



ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ଭୁବନେଶ୍ୱରର ପରିବେଶ ଏବଂ ନିରନ୍ତରତା ବିଭାଗର ମୁଖ୍ୟ ବୈଜ୍ଞାନିକ ଡ. ନବିନ କୁମାର ଧଳ ଯୋଗଦାନ କରିଥିଲେ। ଡ. ଧଳ ଓଡ଼ିଶାରେ ଉତ୍ତୋଳିତ ଖଣିଗୁଡ଼ିକୁ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରି, ଭୂମିର ଢାଲ ସ୍ଥିରତା ଏବଂ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରିବା ନିମନ୍ତେ ଜମିର ପୁନଃସ୍ଥାପନ ସହିତ ଆରମ୍ଭ ହେଉଥିବା ପୁନରୁଦ୍ଧାର ପ୍ରକ୍ରିୟା ବିଷୟରେ ବ୍ୟାଖ୍ୟା କରିଥିଲେ। ପୋଷକ ପଦାର୍ଥ ଏବଂ ଅଣୁଜୀବରେ ଭରପୂର ଉପର ମାଟିକୁ ମୃତ୍ତିକାର ଉର୍ବରତା ଉନ୍ନତ କରିବା ନିମନ୍ତେ ଏହି ପ୍ରକ୍ରିୟାରେ ବଦଳା ଯାଇଥାଏ। ସେ କହିଥିଲେ ଯେ ସ୍ଥାନୀୟ ଜଳବାୟୁ ପରିସ୍ଥିତି ସହିତ ଅନୁକୂଳିତ ତଥା ପ୍ରଦୂଷଣ ରୋକିବାରେ ସମର୍ଥ ଦେଶୀୟ ଉଦ୍ଭିଦ ଜାତିସବୁର ରୋପଣକୁ ଏବଂ ବନ୍ୟପ୍ରାଣୀଙ୍କ ପୁନଃ ଥଇଥାନକୁ ଉତ୍ସାହିତ କରାଯାଏ। ଡ. ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ ଯେ ଖଣି କମ୍ପାନୀମାନେ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଠିକ୍ ରୂପେ ଖଣି ବନ୍ଦ ଏବଂ ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ କରିବା ଏକାନ୍ତ ଅପରିହାର୍ଯ୍ୟ। ଏହା ସହିତ, ଆଧୁନିକ ପୁନରୁଦ୍ଧାର ପ୍ରକଳ୍ପଗୁଡ଼ିକ ଜଙ୍ଗଲ, ଆର୍ଦ୍ରଭୂମି, କୃଷି ଜମି କିମ୍ବା ମନୋରଞ୍ଜନ ପାର୍କ ମଧ୍ୟ ସୃଷ୍ଟି କରିପାରେ, ଯାହା ପରିବେଶଗତ, ସାମାଜିକ ଏବଂ ଆର୍ଥିକ ଲାଭ ପ୍ରଦାନ କରିଥାଏ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ମତ ପ୍ରଦାନ କରିଥିଲେ ଯେ ସଫଳ ପରିବେଶଗତ ପୁନରୁଦ୍ଧାରରେ ସମ୍ପ୍ରଦାୟର ଅଂଶଗ୍ରହଣ ଏବଂ ସରକାରୀ ନିୟମାବଳୀର ପାଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପ୍ରାରମ୍ଭିକ ଭାଷଣ ପ୍ରଦାନ ଏବଂ ବିଷୟବସ୍ତୁର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଂଯୋଜକ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଅଧିବେଶନରେ ପ୍ରଫେସର କେ.ସି. ସାହୁ, ଡ. ପ୍ରକାଶ ମହାପାତ୍ର, ପ୍ରଫେସର ଅମରେନ୍ଦ୍ର ମିଶ୍ର, ଇଂ ବିମଳ ଦାଶ, ଡ. ସୁଧାକର କର ଏବଂ ଇଂ ସୁବାଷ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ଓ କାର୍ଯ୍ୟକ୍ରମରେ ବହୁ ଓଇଏସ୍ ସଦସ୍ୟ ଏବଂ ପରିବେଶପ୍ରେମୀ ଯୋଗଦାନ କରିଥିଲେ।

# ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତିର ସାଧାରଣ ବୈଠକ

ଚୌଦ୍ୱାର,(ସ.ବ୍ୟୁ.) : ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତି ତରଫରୁ ଆଗ୍ରାହାଟ ସ୍ଥିତ ଶ୍ରୀ ଶ୍ରୀ ଉତ୍ତରେଶ୍ୱର ମନ୍ଦିର ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମିତିର ସଭାପତି ପଣ୍ଡିତ ବିଭୁଧେନ୍ଦୁ ଷଡ଼ଙ୍ଗୀ ପୌରୋହିତ୍ୟ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ତ୍ରିପାଠୀ ସମିତିର କାର୍ଯ୍ୟାବଳୀ ତଥା ସମାଜରେ ବ୍ରାହ୍ମଣମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସହ ସମ୍ପାଦକ ପବିତ୍ର ମୋହନ ଷଡ଼ଙ୍ଗୀ ଓ କୋଷାଧ୍ୟକ୍ଷ ଶ୍ରୀନିବାସ ପଣ୍ଡା ସମିତିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ପଣ୍ଡିତ ଅକ୍ଷୟ କୁମାର ପାଢ଼ି ଓ ଶ୍ରୀନିବାସ ପଣ୍ଡାଙ୍କୁ ସେମାନଙ୍କର କୃତିତ୍ୱ ପାଇଁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । କିଛି ହେତୁବାଦୀ ଲୋକ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାକୁ ନେଇ ବିଭିନ୍ନ କଟୁମନ୍ତବ୍ୟ ଦେଉଥିବା ବେଳେ ଏହାକୁ ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତି ଘୋର ନିନ୍ଦା କରିବା ସହ ଯଦି ଆଗାମୀ ଦିନରେ ଏଭଳି ଅପମାନଜନକ ତଥା କଟୁବାକ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଏ ତେବେ ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବ ବୋଲି ବେବୌଠକରେ ଯୋଗ ଦେଇଥିବା ସମସ୍ତ ବ୍ରାହ୍ମଣ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଷଡ଼ଙ୍ଗୀ, ମାନସ ରଂଜନ ପଣ୍ଡା, ପ୍ରମୋଦ ପଣ୍ଡା, ବୈଦ୍ୟନାଥ ମିଶ୍ର, ସୁଧାଂଶୁ ଭୂଷଣ ଷଡ଼ଙ୍ଗୀ, ରାକେଶ ମିଶ୍ର, ରବିନ୍ଦ୍ର ଷଡ଼ଙ୍ଗୀ, ଅଜୟ ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ଓମ୍ ପ୍ରକାଶ ପଣ୍ଡା, ଅନ୍ତର୍ଯ୍ୟାମୀ ଦାସ, ଅଶୋକ ପାଣି, ବିଶ୍ୱନାଥ ଶତପଥୀ, ଧୀରେନ୍ଦ୍ର ପାଣିଗ୍ରାହୀ ଓ ରମାନାଥ ଆଚାର୍ଯ୍ୟଙ୍କ ସହ ଉଭୟ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ ।

# ଢାବାରେ ଦୁର୍ବୃତ୍ତଙ୍କ ଆକ୍ରମଣ ଓ ଉନ୍ମୁକ୍ତ କାଣ୍ଡ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ବଦଳା ସ୍ଥିତ ଗଣେଶ ଢାବାରେ ଗତ ଶୁକ୍ରବାର ରାତ୍ରି ସମୟରେ କିଛି ଦୁର୍ବୃତ୍ତ ଢାବା ଭିତରେ ପଶି ଢାବା କର୍ମଚାରୀ ମାନଙ୍କୁ ଆକ୍ରମଣ କରିବା ସହ ଢାବା ରେ ଭଙ୍ଗା ରୁଜା କରିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତି ଖୋର୍ଦ୍ଧା ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ବଦଳା ଠାରେ ଥିବା ଗଣେଷ ଢାବାରେ ଶୁକ୍ରବାର ରାତ୍ରି ପ୍ରାୟ ୧୧ ଟା ସମୟରେ ଢାବା ବନ୍ଦ କରି ବା ସମୟରେ ତିନୋଟି ଗାଡ଼ିରେ ୧୮ ରୁ ୨୦ ମୁଖା ପିନ୍ଧି ଦୁର୍ବୃତ୍ତ ଢାବା ଭିତରେ ପଶି ଭାଙ୍ଗାରୁଜା କରିଥିଲେ । ଏହେ ସହ କେଶ କାଉଣ୍ଟରରୁ ଖଣ୍ଡା, ଭୁଜାଲି, ପିସ୍ତଲ, ଲୁହା ଷ୍ଟିକ, ରଡ଼ ଦେଖାଇ ୨ ଲକ୍ଷ ଟଙ୍କା ଲୁଟ ଓ ୩ କର୍ମଚାରୀଙ୍କୁ ମରଣାତକ ଆକ୍ରମଣ କରିଥିଲେ । ଏଥିରେ ଦୁଇଜଣ କର୍ମଚାରୀ ଆହତ ହୋଇଥିଲେ । ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆଡେନିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପୁରୁଣାକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁରୁଣା କଟକ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ ଆରମ୍ଭ କରିଛନ୍ତି । କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଗୁଦାରୀ ଓ ପାକାଲାଙ୍ଗର ଦୁର୍ବୃତ୍ତ ମାନେ ୩ ଟି ୪ ଚକିଆ ଗାଡିରେ ଆସି ଏଭଳି କାଣ୍ଡ ଭିଆଇ ଥିବା ଢାବା ମାଲିକ ପୁରୁଣା କଟକ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ବୃତ୍ତ ମାନେ ୨୦ମିନିଟ ଭିତରେ ଭଙ୍ଗାରୁଯା ଓ ଲୁଟ ପାଟକରି ଚାଲି ଯାଇଥିଲେ । ଅଭିଯୋଗକୁ ଭିତ୍ତି କରି ସାଇଟିଫିକ ଟିମ ଓ ଥାନା ପକ୍ଷରୁ ଅଧିକ ତଦନ୍ତ ଜାରୀ ରହିଛି ।

# ତୁଷାର ଚାରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ୱାର୍କର କ୍ଲବ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ

ଭୁବନେଶ୍ୱର, (ସବ୍ୟୁ): ପ୍ରତ୍ୟେକବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାର ଦିନ ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଇଥାଏ। ସାମ୍ପ୍ରତିକ ଡିଜିଟାଲ ମିଡ଼ିଆ ଯୁଗରେ ଯୁବକଯୁବତୀମାନେ ଫେସ୍‌ବୁକ୍, ୱାଟସଆପ ମାଧ୍ୟମରେ ପରସ୍ପରକୁ ବନ୍ଧୁତ୍ୱର ଶୁଭେଚ୍ଛା ଜଣାଉଥିବା ବେଳେ ଆଉ କେହି କେହି ପଞ୍ଚତାରକା ହୋଟେଲ, ପାର୍କ ଓ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଜମାଇ ଭୋଜିଭାତରେ ମାତି ରହି ପରସ୍ପରକୁ ବନ୍ଧୁତ୍ୱ ଦିବସର ଅଭିନନ୍ଦନ ଜଣାଉଥିବା ବେଳେ ତୁଷାର ଚାରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ୱାର୍କର କ୍ଲବର ସଦସ୍ୟମାନେ ବିଶ୍ୱ ବନ୍ଧୁତ୍ୱ ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି। ୧୯୯୯ ମସିହା ମହାବାତ୍ୟା ପରେ ୟୁନିଟ୍-୯ ଫ୍ଲାଟରେ ସୁନାରାମ ସିଂ ନାମକ ଜଣେ ବ୍ୟକ୍ତି ଏକ ଛୋଟ କୁଣ୍ଡାରା ରୋପଣ କରିଥିଲେ, ଯାହା ଆଜି ଏକ ମହାଦ୍ରୁମରେ ପରିଣତ ହୋଇ ୪୫ ଡିଗ୍ରୀ ଖରାରେ ତାର ଛାଇରେ ଲୋକମାନଙ୍କୁ ଆଶ୍ରୟ ଦେଇପାରୁଛି। ତୁଷାର ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ ନିଜ ବକ୍ତବ୍ୟରେ କହିଥିଲେ ଯେ, ବୃକ୍ଷ ଆମର ପ୍ରକୃତ ବନ୍ଧୁ। ନିସ୍ୱାର୍ଥପର ଭାବରେ ସେ ଲୋକମାନଙ୍କୁ ଅମ୍ଳଜାନ ଯୋଗାଇଥାଏ। ମାତ୍ର ବର୍ତ୍ତମାନ ସମୟରେ ଯେଉଁଭଳି ଭାବରେ ବୃକ୍ଷ ଛେଦନ କରାଯାଉଛି, ତାହାର ପ୍ରଭାବରେ ପରିବେଶ ପ୍ରଦୂଷଣ ସହ ତାପମାତ୍ରା ବୃଦ୍ଧି ପାଇବ, ଯାହାର କୁପରିଣତିକୁ ସାଧାରଣ ଜନତା ସମ୍ମୁଖୀନ ହେବେ। ତେଣୁ ଆଗାମୀ ପିଢି ପାଇଁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଗଛ ଲଗାଇବାକୁ ସେ ଅନୁରୋଧ କରିଥିଲେ।



ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପାଇକ ଆଖଡ଼ାର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ ଉପରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବିର କୁମାର ପରିଡ଼ା, ଜ୍ୟୋତିପ୍ରକାଶ ମିଶ୍ର, ଭଜମନ ମହାନ୍ତି, ବିପିନ ମହାନ୍ତି, କାଳିପ୍ରସାଦ ମିଶ୍ର, ଗୌତମ ବେହେରା, ରାକେଶ ସେଠୀ, ସମାଜସେବୀ ରାଣାପ୍ରତାପ ପାତ୍ର, ସଂଗ୍ରାମ ଜେନା, ସରୋଜିନୀ ମିଶ୍ର, ସୁଷମା ଲେଙ୍କା, ନିରୁପମା ରଥ, ଇତିଶ୍ରୀ ପତି, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ କବିତା ଆସର ପରିବେଷଣ କରାଯାଇଥିଲା। ଶେଷରେ ସମ୍ପାଦକ ବିବେକାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ୟା ଅଞ୍ଚଳରେ ରିଲିଫ ତଦାରଖ ପାଇଁ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରସଙ୍ଗ

# ବନ୍ୟା ଅବସ୍ଥା ସଙ୍ଗୀନ ବୋଲି ବିଳମ୍ବରେ ଅନୁଭବ କଲେ ସରକାର : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ରିଲିଫ ପ୍ରଦାନ କାମକୁ ତଦାରଖ କରିବା ଲାଗି ରାଜ୍ୟ ସରକାର ମନ୍ତ୍ରୀ ମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବନ୍ୟା ପରିସ୍ଥିତି ଗୁରୁତର ହୋଇଛି ରାଜ୍ୟ ସରକାର ବିଳମ୍ବରେ ଅନୁଭବ କରିଛନ୍ତି ବୋଲି ବିଜୁ ଜନତା ଦଳ କହିଛି। ବନ୍ୟା ପରିସ୍ଥିତି ସଂଗୀନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ଦିଲ୍ଲୀରେ ରହିଥିଲେ, ଯାହା ଫଳରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହଯୋଗ କରିବା ପାଇଁ ପ୍ରଶାସନିକ ତତ୍ପରତା ଦେଖା ଯାଇ ନଥିଲା। ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ, ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସଙ୍ଗୀନ ହୋଇଥିବା ନେଇ ବିଜେଡି ତରଫରୁ ବାରମ୍ବାର କୁହା ଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତତ୍ପରତା ଦେଖିବାକୁ ମିଳି ନଥିଲା। ଏହି କାରଣରୁ, ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବନ୍ୟାର ପ୍ରକୋପରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୮୦ ଗୃହପାଳିତ ପଶୁ ମୃତ୍ୟୁ ବରଣ କରିଥିଲେ ଓ ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଥିଲା। ବିଜେଡି ସମେତ ଅନ୍ୟ ବିରୋଧୀ ଦଳ ମାନେ ବାରମ୍ବାର ବନ୍ୟା ସ୍ଥିତ ସଙ୍ଗୀନ ହୋଇଥିବା କହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିଦ୍ରା ଭଙ୍ଗ ହୋଇ ନଥିଲା। ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ପରେ ବନ୍ୟା ସ୍ଥିତି ସଙ୍ଗୀନ ଥିବା ଅନୁଭବ କରି ସେ କିଛି ମନ୍ତ୍ରୀ ମାନଙ୍କୁ ବନ୍ୟାଞ୍ଚଳ ଗୁଡ଼ିକରେ ତଦାରଖ ପାଇଁ ଦାୟିତ୍ୱ ଦେଇଛନ୍ତି। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ପୂର୍ବରୁ ପ୍ରଶାସନିକ ତତ୍ପରତା ଦେଖାଇଥିଲେ, ବନ୍ୟାରେ ୭ ଜଣ ଲୋକ ମୃତ୍ୟୁ ବରଣ କରିନଥାନ୍ତେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଆଶ୍ରମ ସ୍କୁଲରୁ ନବମ ଶ୍ରେଣୀ ଛାତ୍ର ନିଖୋଜ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଷ,,ପଥର ଏସଏସଡି ସରକାରୀ ହାଇସ୍କୁଲ (ଆଶ୍ରମ ସ୍କୁଲ) ହଷ୍ଟେଲରୁ ଜଣେ ନବମ ଶ୍ରେଣୀର ଛାତ୍ର ନିଖୋଜ ହୋଇ ଯାଇଥିବା ଅଭିଯୋଗ ହୋଇଛି । ନିଖୋଜ ଛାତ୍ରଜଣଙ୍କ ନାମ ରୋହିତ ମୁଣ୍ଡା (୧୫) ୯ମ ଶ୍ରେଣୀର ଛାତ୍ର । ସେ ଅଇଁଠାପାଲି ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗାଁର ବୋଲି ଜଣାପଡ଼ିଛି । ସେ ଚଳିତ ବର୍ଷ ଷ,,ପଥର ସ୍କୁଲରେ ନାମ ଲେଖାଇ ହଷ୍ଟେଲ ରେ ଅବସ୍ଥାନ କରୁଥିଲେ । ରବିବାର ସକାଳ ୫ଟାରୁ ସେ ନିଖୋଜ ରହିଛନ୍ତି । ମିଳିଥିବା ସୂଚନା ଅନୁସାରେ, ରୋହିତ ଆଜି ସକାଳ ପ୍ରାୟ ୫ଟା ସମୟରୁ ହଷ୍ଟେଲରୁ କୁଆଡ଼େ ଚାଲିଯାଇଛନ୍ତି । ସ୍କୁଲ କର୍ତ୍ତୃପକ୍ଷ ଓ ଶିକ୍ଷକମାନେ ନିଜ ସ୍ତରରେ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ନପାଇବାରୁ ଶେଷରେ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପଟେ, ପୁଅର ନିଖୋଜ ଖବର ପାଇ ରୋହିତଙ୍କ ମାତା-ପିତା ମଧ୍ୟ ଜମନକିରା ଥାନାରେ ପହଞ୍ଚି ନିଖୋଜ ବାବଦରେ ଜଣେଇଛନ୍ତି । ଏନେଇ ଜମନକିରା ଥାନା ଅଧିକାରୀ ରଞ୍ଜନ ନାଗ ସୂଚନା ଦେଇଛନ୍ତି ।

# ନେକ୍ସସ ଏସପ୍ଲାନେଡ଼ ସର୍ବଶ୍ରେଷ୍ଠ ବନ୍ଧୁତା ଦିବସ ଲେଜର ଲେଞ୍ଜ

ଭୁବନେଶ୍ୱର, (ସବ୍ୟୁ) : ବନ୍ଧୁତ୍ୱ ଦିବସର ଉତ୍ସାହକୁ ଆହୁରି ସ୍ମରଣୀୟ କରିବା ପାଇଁ ନେକ୍ସସ ଏସପ୍ଲାନେଡ଼ ଆଣିଛି ଏକ ରୋମାଞ୍ଚକର ଫ୍ରେଣ୍ଡସିପ୍ ଲେଜର ଲେଞ୍ଜ। ଆସନ୍ତା ୦୧ ଅଗଷ୍ଟରୁ ୦୯ ଅଗଷ୍ଟ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ପରିଦର୍ଶକମାନେ ଟିମୱାର୍କ, ବିଶ୍ୱାସ ଏବଂ ଚପଳତାର ପରୀକ୍ଷା ସହ ଏକ ମଜାଦାର ଅନୁଭୂତିର ଆନନ୍ଦ ନେଇପାରିବେ। ସମସ୍ତ ବୟସବର୍ଗର ବନ୍ଧୁମାନଙ୍କ ପାଇଁ ପ୍ରସ୍ତୁତ ଏହି ଲେଞ୍ଜରେ ଦୁଇଜଣ ଅଂଶଗ୍ରହଣକାରୀ ଏକାଠି ଏହି ଲେଜର ମେଜ୍‌ରେ ଭାଗ ନେବେ। ସେଥିରେ ଜଣେ ବନ୍ଧୁ ଲେଜର ବିମ୍‌ଗୁଡ଼ିକୁ ଏଡ଼ାଇ ଭିତରକୁ ପ୍ରବେଶ କରି ଅନ୍ୟ ବନ୍ଧୁଙ୍କ ପାଇଁ ଏକ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ଆଣିବେ, ଯେତେବେଳେ କି ଅନ୍ୟ ଜଣେ ବନ୍ଧୁ ବାହାରେ ଅପେକ୍ଷା କରିଥିବେ। ଏହି ଲେଞ୍ଜକୁ ଉପଭୋଗ କରିବା ପାଇଁ ବ୍ୟକ୍ତିଗତ ଭାବରେ ମଧ୍ୟ ଅଂଶଗ୍ରହଣ କରାଯାଇପାରିବ। ଅଂଶଗ୍ରହଣକାରୀମାନେ ଏକାକୀ କିମ୍ବା ଏକାଠି ହୋଇ ଲେଜର ଆରେନାରେ ପ୍ରବେଶ କରିବେ ତେବେ ଯଦି କୌଣସି ଲେଜର ବିମ୍ ସହିତ ସ୍ପର୍ଶ ହେଲେ ବଜର ବାଜି ଉଠିବ ତେବେ ଖେଳ ସେହିଠାରେ ତୁରନ୍ତ ଶେଷ ହୋଇଯିବ। ଏହି ଲେଞ୍ଜରେ ଅଂଶଗ୍ରହଣ ପାଇଁ ଟିକେଟ ମୂଲ୍ୟ ପ୍ରତି ଟିମ୍ ପାଇଁ ୯୯/-ଟଙ୍କା ଏବଂ ୧୫୯/- ଟଙ୍କା ରଖାଯାଇଛି। ଦୁଇ ସପ୍ତାହ ଧରି ଲିବାକୁ ଥିବା ଏହି ଫ୍ରେଣ୍ଡସିପ୍ ଲେଜର ଲେଞ୍ଜ ବନ୍ଧୁ ଓ ପରିବାରର ସଦସ୍ୟମାନଙ୍କୁ ଏକାଠି ହୋଇ ଏକ ଆନନ୍ଦମୟ ଏବଂ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରିବ। ବନ୍ଧୁତ୍ୱ ଦିବସର ଏହି ବିଶେଷ ଉତ୍ସବକୁ ଉପଭୋଗ କରିବା ପାଇଁ ନେକ୍ସସ ଏସପ୍ଲାନେଡ଼ ସମସ୍ତଙ୍କୁ ସ୍ୱାଗତ କରୁଛି।

# ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର 'ସ୍କୁଲ୍ ଅଫ୍ ଲ'ରେ ନୂତନ ଛାତ୍ରଛାତ୍ରୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ଜଟଣୀ, (ସବ୍ୟୁ) : ଜଟଣୀ ସ୍ଥିତ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର କ୍ୟାମ୍ପସ୍ ସ୍ଥିତ 'ସ୍କୁଲ୍ ଅଫ୍ ଲ' (ଆଇନ ବିଭାଗ) ପକ୍ଷରୁ ୨୦୨୬ ବ୍ୟାଚର ନୂତନ ସ୍ନାତକ ଆଇନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆଜି ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। କ୍ୟାମ୍ପସ୍‌ର ମଧୁସୂଦନ ବିଲ୍ଡିଂ ସ୍ଥିତ ମୁଟ୍ କୋର୍ଟ ହଲ୍‌ରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସୁପ୍ରିୟା ପଟ୍ଟନାୟକ ଉପସ୍ଥିତ ରହି ନୂତନ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡକ୍ଟର ଶିବରାମ ତ୍ରିପାଠୀ କୁଳପତି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ,ବିଜୟ କୁମାର ଶର୍ମା ଓଡ଼ିଶାର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ,ପ୍ରଫେସର (ଡକ୍ଟର) ଲଳିତ କୁମାର ଦେବ ସଦସ୍ୟ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଯୋଗ ଦେଇଥିଲେ ।



ସ୍କୁଲ୍ ଅଫ୍ ଲ'ର ଡିନ୍ ଡକ୍ଟର ପଲ୍ଲବ ଦାସ ଏହି କାର୍ଯ୍ୟକ୍ରମର ସଂଯୋଜନା ତଥା ପରିଚାଳନା କରିଥିଲେ। ସେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ୫ ବର୍ଷୀୟା ଆଇନ ପାଠ୍ୟକ୍ରମ ସେମାନଙ୍କ ଶୈକ୍ଷିକ ଏବଂ ବ୍ୟକ୍ତିଗତ ବିକାଶରେ କିପରି ସହାୟକ ହେବ ସେ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସୁପ୍ରିୟା ପଟ୍ଟନାୟକ ଏକ ସାମାଜିକ ବିଜ୍ଞାନ ଦୃଷ୍ଟିକୋଣରୁ ଆଇନର ଗୁରୁତ୍ୱ ବୁଝାଇଥିଲେ ଏବଂ ଆଇନ ଓ ସମାଜ ମଧ୍ୟରେ ଥିବା ଗଭୀର ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ ।ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଶିବରାମ ତ୍ରିପାଠୀ ନ୍ୟାୟଶାସ୍ତ୍ର , ସମ୍ବିଧାନ ଏବଂ ଆଇନର ଇତିହାସ ବିଷୟରେ ବୁଝାଇ ନୂତନ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ମୂଳଦୁଆକୁ ଦୃଢ଼ କରିଥିଲେ। ପୂର୍ବତନ ଡିଜିପି ବିଜୟ କୁମାର ଶର୍ମା ନିଜ ଦୀର୍ଘ ପୋଲିସ ସେବା ଜୀବନର ବାସ୍ତବ ଅଭିଜ୍ଞତା ବାଣ୍ଟିବା ସହ ଭବିଷ୍ୟତରେ ଆଇନ ପେଶାରେ ସଚ୍ଚୋଟତା ଏବଂ ନିଷ୍ଠା ବଜାୟ ରଖିବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ ।ସେହିପରି ପ୍ରଫେସର ଡକ୍ଟର ଲଳିତ କୁମାର ଦେବ ବିଭିନ୍ନ ଐତିହାସିକ ରାୟ ଏବଂ ପ୍ରଖ୍ୟାତ ବିଚାରପତିଙ୍କ ଜୀବନୀରୁ ଉଦାହରଣ ଦେଇ ଆଇନର ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ଧାରଣା ଦେଇଥିଲେ । ଅତିଥିମାନଙ୍କର ଏହି ବୌଦ୍ଧିକ ମାର୍ଗଦର୍ଶନ ୨୦୨୬ ବ୍ୟାଚର ନୂତନ ଆଇନ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଯାତ୍ରା ପାଇଁ ଏକ ନୂତନ ଉତ୍ସାହ ଏବଂ ପ୍ରେରଣାର ଉତ୍ସ ପାଲଟିଥିଲା।

# ଫ୍ଲେକ୍ସ ବ୍ୟାନର୍ କଟକଣା - କାର୍ଯ୍ୟକାରୀ ହେଉନି

ଭୁବନେଶ୍ୱର,(ତଥ୍ୟ) ପରିବେଶ ପ୍ରଦୂଷଣ ରୋକିବା ପାଇଁ ଫ୍ଲେକ୍ସ ବ୍ୟାନର୍ ଓ ବିଜ୍ଞାପନ ସାମଗ୍ରୀ ଉପରେ କଟକଣା ଜାରି କରି ନଗର ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୌର ସଂସ୍ଥା ଓ ଜିଲ୍ଲା ପ୍ରଶାସନଗୁଡ଼ିକୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାର ଖୋଲା ଉଲ୍ଲଂଘନ ହେଉଥିବା ଘେନି ବହୁ ପରିବେଶ ପ୍ରେମୀ ଅଭିଯୋଗ କରୁଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ମୁତାବକ ସରକାରୀ କାର୍ଯ୍ୟକ୍ରମ, ଉତ୍ସବ ଓ ପର୍ବପର୍ବାଣୀ ଆଦିରେ ଫ୍ଲେକ୍ସ ବ୍ୟାନର୍ ବ୍ୟବହାରକୁ ନଗର ଉନ୍ନୟନ ବିଭାଗ ବାରଣ କରିବା ସହିତ ଏ ସଂକ୍ରାନ୍ତରେ ରାଜ୍ୟର ସମସ୍ତ ପୌରପାଳିକା, ମହାନଗର ନିଗମ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ସଂକ୍ରାନ୍ତୀୟ ଖବର ଗତ ଜୁଲାଇ ମାସ ଶେଷ ସପ୍ତାହରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରାଯାଇଛି। ତେବେ ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ଗଞ୍ଜାମ ଜିଲ୍ଲାରେ ଏବେ ଖୋଲାଖୋଲି ଭାବେ ରାସ୍ତାକଡ଼ରେ ମାଳମାଳ ଫ୍ଲେକ୍ସ ବ୍ୟାନର୍ ଲାଗିଛି। ଏଠାରେ ଉଲ୍ଲେଖନୀୟ ଯେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କ ଓଡ଼ିଶା ଗସ୍ତ ସମୟରେ ରାଜଧାନୀ ଭୁବନେଶ୍ୱରରୁ ସଡ଼କ ପଥରେ କଟକ ଜିଲ୍ଲାର ବାଆଁରା ଏବଂ ଅନ୍ୟ ଏକ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଗସ୍ତ କରିବାର ରହିଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ରାଜଧାନୀସାରା ବଡ଼ବଡ଼ ଫ୍ଲେକ୍ସ ଓ ହୋର୍ଡିଂମାନ ଲାଗିଛି। ଯେଉଁଥିରେ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ରଙ୍ଗିନ ଫଟୋମାନ ସ୍ଥାନ ପାଇଛି।

ତେବେ ଏହି ଫ୍ଲେକ୍ସ ବ୍ୟାନରଗୁଡ଼ିକ ରାଜ୍ୟ ସରକାର ଲଗାଇ ନାହାନ୍ତି, ତାହା ଏକ ବେସରକାରୀ ସଂସ୍ଥା ଲଗାଇଛନ୍ତି ବୋଲି କୁହାଯାଉଛି। ସେହିପରି ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତକୁ ଆଖି ଆଗରେ ରଖି ମଧ୍ୟ ବ୍ୟାପକ ସଂଖ୍ୟକ ଫ୍ଲେକ୍ସ ଲାଗିଥିବା ଦେଖାଯାଉଛି। ଏଠାରେ ଉଲ୍ଲେଖନୀୟ ଯେ ଫ୍ଲେକ୍ସ ବ୍ୟାନର୍ ଉପରେ ନଗର ଉନ୍ନୟନ ବିଭାଗ ଯେଉଁ କଟକଣା ଜାରି କରିଛନ୍ତି ତାହା ରାଜ୍ୟର ସମସ୍ତ ମହାନଗର ନିଗମ ଓ ପୌର ସଂସ୍ଥା ପାଇଁ ପ୍ରଯୁଜ୍ୟ। ଅନେକ ସ୍ଥଳରେ ବେପରୁଆ ଭାବେ ଫ୍ଲେକ୍ସ ବ୍ୟାନର୍ ଓ ହୋର୍ଡିଂ ଆଦି ଲଗାଯାଉଥିବାରୁ ତାହା ଯାନବାହନ ଚଳାଚଳ ପାଇଁ ବିପଦ ସୃଷ୍ଟି କରୁଛି। ତେବେ ତଳିଆ କ୍ଷେତ୍ର ଅଧିକାରୀମାନେ ଏହି ଫ୍ଲେକ୍ସ ଓ ହୋର୍ଡିଂ ଆଦିକୁ ହଟାଇବା ପାଇଁ ସାହସ ଜୁଟାଇ ପାରୁନାହାନ୍ତି।

ଫ୍ଲେକ୍ସ ହୋର୍ଡିଂ ଆଦି ଏବେ ଯେଉଁସବୁ ପ୍ଲାଷ୍ଟିକଯୁକ୍ତ ପଦାର୍ଥରେ ତିଆରି ହେଉଛି ତାହା ମାଟିରେ ମିଳାଇଯାଏ ନାହିଁ। ଅନେକ କ୍ଷେତ୍ରରେ ଫ୍ଲେକ୍ସ ବ୍ୟାନର, ହୋର୍ଡିଂ ଆଦି ମାରିବା ପୂର୍ବରୁ ସଂପୃକ୍ତ ପୌର ସଂସ୍ଥା ଓ ଅନ୍ୟ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନିଆଯାଉ ନାହିଁ। ଏମିତିକି କାର୍ଯ୍ୟକ୍ରମ ସରିବା ପରେପରେ ସଂପୃକ୍ତ ସଂସ୍ଥା ମଧ୍ୟ ଫ୍ଲେକ୍ସ ବ୍ୟାନର୍ ଆଦି ବିଜ୍ଞାନ ସମ୍ମତ ପଦ୍ଧତିରେ ନଷ୍ଟ କରୁନାହାନ୍ତି। ଫଳରେ ସଂଖ୍ୟାଧିକ କ୍ଷେତ୍ରରେ ପୌର ସଂସ୍ଥା ଗୁଡ଼ିକ ନିଜ ଖର୍ଚ୍ଚରେ ଫ୍ଲେକ୍ସ ବ୍ୟାନର୍, ହୋର୍ଡିଂ ଆଦିକୁ ଖୋଲୁଥିଲେ ମଧ୍ୟ ସଂଖ୍ୟାଧିକ କ୍ଷେତ୍ରରେ ବିଜ୍ଞାନ ସମ୍ମତ ପଦ୍ଧତିରେ ଏଗୁଡ଼ିକ ନଷ୍ଟ କରାଯାଉ ନାହିଁ। ଫ୍ଲେକ୍ସ ବ୍ୟାନର୍ ଆଦିରେ ପ୍ଲାଷ୍ଟିକ ଓ ଅନ୍ୟ ଅଣଜୈବ ବିଘଟନକାରୀ ସାମଗ୍ରୀ ରହୁଥିବାରୁ ତାହା ମାଟିରେ ମିଳାଉନାହିଁ। କିଛି ମାସ ଧରି ଏଗୁଡ଼ିକ ଖରା-ବର୍ଷାରେ ପଡ଼ିରହିଲେ ଏହି ଫ୍ଲେକ୍ସ ବ୍ୟାନର୍ ଆଦି ଗୁଣ୍ଡ ହୋଇ ମାଟି, ପାଣି ଓ ପବନରେ ମିଶେ।

### ନିଶା ବିରୋଧୀ ଅଭିଯାନ

# ଶତ୍ରୁ ଦେଶ ଡ୍ରଗସ୍ ଦେଇ ପିଲାଙ୍କୁ ବର୍ବାଦ କରୁଛନ୍ତି - ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଶା ମୁକ୍ତ ଯୁବ(ଯୁବପିଢ଼ି) – ବିକଶିତ ଭାରତ ସଂକଳ୍ପ ଅଭିଯାନର ଶୁଭାରମ୍ଭ କରିଛନ୍ତି । ନିଶା ବିରୋଧରେ ୧୦୦ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାରାଦେଶରୁ ୧୦ ହଜାରରୁ ଅଧିକ ସ୍ଥାନରୁ ଯୁବକମାନେ ଯୋଡ଼ି ହୋଇଥିଲେ । ମାଇ ଭାରତ ଭଲଣ୍ଟିୟର୍ସ, ୟୁଥ୍ କ୍ଲବ୍, ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ, ଅଣ-ସରକାରୀ ସଂଗଠନ, ଶିଳ୍ପ ସଂଗଠନ ଏବଂ ୧୨୫ରୁ ଅଧିକ ଆଧ୍ୟାତ୍ମିକ ସଂଗଠନର ପ୍ରତିନିଧି ମଧ୍ୟ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ଭାବେ ଯୋଡ଼ି ହୋଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଯଦି କୌଣସି ଯୁବକ ଭୁଲବଶତଃ ନିଶାରେ ଫସି ମଧ୍ୟ ଯାଇଛନ୍ତି, ତେବେ ଏହାର ମାନେ ନୁହେଁ ଯେ ତାଙ୍କ ପାଇଁ ସବୁ ରାସ୍ତା ବନ୍ଦ ହୋଇଯାଇଛି । ଆମକୁ ସବୁବେଳେ ଏହି କଥାର ଧ୍ୟାନ ରଖିବାକୁ ହେବ, ଘରର କୌଣସି ପିଲା ଯଦି ନିଶାର ଶିକାର ହୋଇଯାଇଛି, ତେବେ ଏହାକୁ ସାମାଜିକ ସମ୍ମାନ ଆଢୁଆଳରେ



ଲୁଚାନ୍ତୁ ନାହିଁ । ଆବଶ୍ୟକୀୟ ସହଯୋଗ ନିଅନ୍ତୁ । ମେଡିକାଲ୍ ସାହାଯ୍ୟରେ ନିଜ ପିଲାକୁ ନିଶାରୁ ମୁକ୍ତ କରିବାକୁ ପ୍ରୟାସ କରନ୍ତୁ । ଆମକୁ ପରିବାରରେ ପିଲାମାନଙ୍କ ସହ ଖୋଲାଖୋଲି କଥାବାର୍ତ୍ତା କରିବାର ସଂସ୍କୃତି ମଧ୍ୟ ତିଆରି କରିବାକୁ ପଡ଼ିବ, ଯାହାଦ୍ୱାରା ଏପରି ଜାଲରେ ଫସିବା ପୂର୍ବରୁ ହିଁ ଆପଣ ତାଙ୍କ ହାତ ଧରିପାରିବେ । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, କିଛି କାମ ଏପରି ଥାଏ, ଯାହା ବ୍ୟକ୍ତିଗତ ଭାବେ କେହି ପ୍ରୟାସ କଲେ କେବେ କେବେ ନିରାଶ ହୋଇଯାଏ, ଲମ୍ବା ବାଟ ଚାଲିବାରେ ମନ ରାଜି ହୁଏନି । କିନ୍ତୁ ଯେତେବେଳେ ସାମୂହିକ ଅଭିଯାନ ହୋଇଯାଏ ଏବଂ କାନ୍ଧରେ କାନ୍ଧ ମିଶାଇ କୋଟି କୋଟି ଲୋକ ଚାଲିବାକୁ ଲାଗନ୍ତି, ସେତେବେଳେ ଏକ ଉର୍ଜା ମିଳିଯାଏ । ଆଜି ସେହି ଶକ୍ତିକୁ ନେଇ ଏହି ଅଭିଯାନ ପ୍ରତ୍ୟେକ ଯୁବ ମନକୁ ଛୁଇଁବାକୁ ଯାଉଛି ।

ପିଏମ୍ କହିଛନ୍ତି, ଆଜି ଆମେ ସମସ୍ତେ ଯେଉଁ ଅଭିଯାନର ସାକ୍ଷୀ ହେଉଛୁ, ସେହି ଅଭିଯାନ ବ୍ୟକ୍ତି ପାଇଁ, ପରିବାର ପାଇଁ, ସମାଜ ପାଇଁ ମଧ୍ୟ ଏବଂ ସବୁଠାରୁ ବଡ଼ କଥା ହେଉଛି ଏହା ରାଷ୍ଟ୍ର ପାଇଁ । 'ବିକଶିତ ଭାରତ ସଂକଳ୍ପ ଅଭିଯାନ ପାଇଁ ନିଶାମୁକ୍ତ ଯୁବ', ଏହି ମୁଭମେଣ୍ଟର ନାମ ହିଁ ଏହାର ସଂକଳ୍ପକୁ ସ୍ପଷ୍ଟ କରୁଛି ।

ସେ ଆହୁରି କହିଛନ୍ତି ଯେ, ଆମର ଶତ୍ରୁମାନେ ନିଶାରେ ବୁଡ଼ି ରହିଥିବା ଯୁବକଙ୍କୁ କବଜାକୁ ନେଇ ଦେଶ ବିରୋଧରେ ଷଡ଼ଯନ୍ତ୍ର ରଚୁଛନ୍ତି । ସେମାନେ ନିଜର ଡ୍ରଗ୍ସ ବ୍ୟବସାୟ ବଢ଼ାଇବା ପାଇଁ ଏପରି ଯୁବକଙ୍କ ସାହାଯ୍ୟ ନିଅନ୍ତି । ସେଥିପାଇଁ ଆମକୁ ଆମ ଯୁବକମାନଙ୍କୁ ସମ୍ଭାଳିବାକୁ ପଡ଼ିବ । ନିଶାରେ ସମ୍ପୂର୍ଣ୍ଣ ଘର ବର୍ବାଦ ହୋଇଯାଏ । ଯେତେବେଳେ ଦେଶ 'ବିକଶିତ ଭାରତ' ହେବା ଆଡ଼କୁ ଆଗେଇ ଚାଲିଛି, ସେତେବେଳେ ଆମ ଯୁବକମାନେ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ରହିବା ଅତ୍ୟନ୍ତ ଜରୁରି । ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରି ରହୁ ଏବଂ ସେମାନେ ସବୁଦିନ ପାଇଁ ନିଶାଦ୍ରବ୍ୟର ମାରାତ୍ମକ ଅଭ୍ୟାସରୁ ଦୂରେଇ ରୁହନ୍ତୁ । ଏହାହିଁ ଏହି ଅଭିଯାନର ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଅଭିଯାନର ଶୁଭାରମ୍ଭ ଗତବର୍ଷ କାଶୀରୁ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବେ କରାଯାଇଥିଲା । ଆଜି ଆମର କୋଟି କୋଟି ଦେଶବାସୀଙ୍କ କଲ୍ୟାଣ ପାଇଁ ୧୨୫ରୁ ଅଧିକ ଆଧ୍ୟାତ୍ମିକ ସଂଗଠନ ଆମ ସହ ଯୋଡ଼ି ହୋଇଛନ୍ତି ।

# ୮ ସପ୍ତାହରେ ୧୬୦୦ କିମିରୁ ଅଧିକ ଉଡ଼ାଣ

ନୂଆଦିଲ୍ଲୀ: ସଂରକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପ୍ରାକୃତିକ ପରିବେଶକୁ ଛଡ଼ାଯାଇଥିବା ଜଣେ ଭାରତୀୟ ଶାଗୁଣା ୫୬ ଦିନରେ ୧,୬୦୦ କିଲୋମିଟରରୁ ଅଧିକ ଉଡ଼ାଣ ଭରିଛି । 'ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି'ର ଗବେଷକମାନେ ଜଣାଇଛନ୍ତି ଯେ 'J132' ନାମକ ଶାଗୁଣା ଜୁନ୍ ୧୭ ତାରିଖରେ ଗୋଟିଏ ଦିନରେ ୧୬୮ କିଲୋମିଟରର ସବୁଠାରୁ ଲମ୍ବା ଉଡ଼ାଣ ଭରିଥିଲା । ବିଏନଏଚଏସ୍ ଅନୁଯାୟୀ, ଜୁନ୍ ୭ରେ ନାସିକଠାରେ ତୃତୀୟ ଥର ପାଇଁ ଏହି ଶାଗୁଣାକୁ ପ୍ରାକୃତିକ ପରିବେଶରେ ଛଡ଼ାଯାଇଥିଲା ।

ଏହାପୂର୍ବରୁ ଦୁଇଥର ତାକୁ ଜଙ୍ଗଲରେ ଛଡ଼ାଯାଇଥିଲା । କିନ୍ତୁ ତାର ଶାରୀରିକ ସ୍ଥିତି ଏବଂ ବଞ୍ଚିବାର ସମ୍ଭାବନାକୁ ଅଧିକ ଉନ୍ନତ କରିବା ପାଇଁ ପୁଣି ଧରି ଯତ୍ନ ନିଆଯାଇଥିଲା । ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ବିଗତ ଆଠ ସପ୍ତାହ ମଧ୍ୟରେ ଏହି ଶାଗୁଣା ୧,୬୧୮ କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିସାରିଛି । ଏହି ସମୟ ମଧ୍ୟରେ ସେ ଦୀର୍ଘ ଉଡ଼ାଣ କ୍ଷମତା, ଜଙ୍ଗଲରେ ବଞ୍ଚିବାର କୌଶଳ ଏବଂ ପ୍ରାକୃତିକ ପରିବେଶ ସହିତ ସଫଳ ଖାପଖୁଆଇ ଚଳିବାର ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରିଛି । ସାଟେଲାଇଟ୍ ଆଧାରିତ ନଜରରୁ ଜଣାପଡ଼ିଛି ଯେ ଗତ ଆଠ ସପ୍ତାହ ମଧ୍ୟରେ ଏହି ଶାଗୁଣା ଦୈନିକ ହାରାହାରି ଦୀର୍ଘ ଦୂରତା ଅତିକ୍ରମ କରିଛି । ଏହାର ସବୁଠାରୁ ଲମ୍ବା ଗୋଟିଏ ଦିନର ଉଡ଼ାଣ ଜୁନ୍ ୧୭ରେ ୧୬୮ କିଲୋମିଟର ରେକର୍ଡ କରାଯାଇଥିଲା । ଏହି ସମୟରେ ସେ ଉତ୍ତର ନାସିକର ସେହିସବୁ ଅଞ୍ଚଳରେ ସକ୍ରିୟ ଥିଲା, ଯାହାକୁ ଶାଗୁଣାମାନଙ୍କର ଗୁରୁତ୍ୱପୂର୍ଣ୍ଣ ବାସସ୍ଥଳୀ ଭାବେ ବିବେଚନା କରାଯାଏ । ଏହା ବ୍ୟତୀତ ସେ ମହାରାଷ୍ଟ୍ର-ଗୁଜରାଟ ସୀମାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଥିଲା । ସଂସ୍ଥା କହିଛି ଯେ ଶାଗୁଣାକୁ ପ୍ରଥମ ଥର ପାଇଁ ୨୦୨୫ ଡିସେମ୍ବର ୧୧ ରେ ପେଞ୍ଚ୍ ବ୍ୟାଘ୍ର ପ୍ରକଳ୍ପରେ ସଂରକ୍ଷିତ ପ୍ରଜନନ କାର୍ଯ୍ୟକ୍ରମ ଅଧୀନରେ ଛଡ଼ାଯାଇଥିଲା । ସେତେବେଳେ ସେ ମାତ୍ର ୨୦ ଦିନରେ ୭୫୦ କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରି ନାସିକ



ପର୍ଯ୍ୟନ୍ତ ଉଡ଼ିଆସିଥିଲା । କିନ୍ତୁ ତାର ଶାରୀରିକ କ୍ଷମତାକୁ ଆହୁରି ଉନ୍ନତ କରିବା ପାଇଁ ଗବେଷକମାନେ ତାକୁ ପୁଣି ଥରେ ଧରିନେଇଥିଲେ । ଏହାପରେ ଏହି ବର୍ଷ ଦ୍ୱିତୀୟ ଥର ପାଇଁ ମଧ୍ୟ ତାକୁ ଜଙ୍ଗଲରେ ଛଡ଼ାଗଲା, କିନ୍ତୁ କିଛି ସମୟ ପରେ ପୁଣି ଧରାଗଲା । ଶେଷରେ ଜୁନ୍ ୭ରେ ନାସିକଠାରେ ତୃତୀୟ ଥର ପାଇଁ ପ୍ରାକୃତିକ ବାସସ୍ଥଳୀରେ ଛଡ଼ାଯିବା ପରେ ସେ କ୍ରମାଗତ ୫୬ ଦିନ ଜଙ୍ଗଲରେ ବିତାଇଛି । ଏହି ସମୟ ମଧ୍ୟରେ ସେ ଦିଗ ଚିହ୍ନିବାର ଅସାଧାରଣ କ୍ଷମତା, ନିଜ ପସନ୍ଦର ଅଞ୍ଚଳ ସହ ଯୋଡ଼ିହୋଇ ରହିବାର ପରିଚୟ ଦେଇଛି ।

# 'ନାଜକା ଲାଇନ୍ସ' ଦେଖିବାକୁ ଯାଇଥିଲେ, କ୍ରାସ୍ ହୋଇଗଲା ବିମାନ; ୧୩ ମୃତ

ନୂଆଦିଲ୍ଲୀ: ପେରୁର ନାଜକା ସହର ନିକଟସ୍ଥ ଏକ ପଡ଼ିଆରେ ଶନିବାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଭାଗ୍ୟଜନକ ଘଟଣାରେ ପାଇଲଟ୍, ସହ-ପାଇଲଟ୍ଙ୍କ ସମେତ ପ୍ରାୟ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଏସୋସିଏଟେଡ୍ ପ୍ରେସ୍ ରିପୋର୍ଟ ଅନୁଯାୟୀ, ଦେଶର ଐତିହାସିକ 'ନାଜକା ଲାଇନ୍ସ' ଆକାଶମାର୍ଗରୁ ଦେଖାଇବା ପାଇଁ ବିମାନଟି ୟୁରୋପୀୟ ପର୍ଯ୍ୟଟକମାନଙ୍କୁ ନେଇ ଉଡ଼ାଣ ଭରିଥିଲା। 'ଏରୋଡିଆନା' ନାମକ ପେରୁର ଏକ ବେସରକାରୀ ବିମାନ ସଂସ୍ଥାର କମ୍ପାନୀ ଦ୍ୱାରା ପରିଚାଳିତ ଏହି ବିମାନଟି ନିକଟସ୍ଥ ଇକା ସହରରୁ ଉଡ଼ାଣ ଭରି ନାଜକା ଲାଇନ୍ସ ଆଡ଼କୁ ଯାଉଥିଲା। ବିମାନଟି Sightseeing ଶେଷ କରି ନାଜକା ବିମାନବନ୍ଦରରେ ଅବତରଣ କରିବାକୁ ଯାଉଥିବା ସମୟରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ଟାୱାର ସହ



ଏହାର ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା ଏବଂ ପରେ ଏହା କ୍ରାସ୍ କରିଥିଲା। ଏରୋଡିଆନା କମ୍ପାନୀ ବିଗତ ୧୪ ବର୍ଷ ଧରି 'ସେସନା ଗ୍ରାଣ୍ଡ କାରାଭାନ୍' ବିମାନ ଜରିଆରେ ନାଜକା ଲାଇନ୍ସର ମନୋରମ ଦୃଶ୍ୟ ଦେଖାଇବା ପାଇଁ ବିମାନ ସେବା ଯୋଗାଇ ଆସୁଥିଲା ।ପେରୁ ପରିବହନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ମୃତକଙ୍କ ମଧ୍ୟରେ ୧୧ ଜଣ ବିଦେଶୀ ପର୍ଯ୍ୟଟକ ଏବଂ ୨ ଜଣ ବିମାନ ଚାଳକ ସାମିଲ । ୭ ଜଣ ଇଟାଲୀ ନାଗରିକ, ୨ ଜଣ ସ୍ପେନ୍ ନାଗରିକ, ୨ ଜଣ ଜର୍ମାନୀ ନାଗରିକ ଏବଂ ୨ ଜଣ ପେରୁ ନାଗରିକ (ବିମାନ ଚାଳକ) ଥିଲେ । ପାଇଲଟ୍ ଆମେରିକୋ ସାଲାଜାର୍ ଏବଂ କୋ-ପାଇଲଟ୍ ଆଇରେଙ୍କା ଗୁଆନିଲୋ ଡେଲ୍ କାର୍ପିଓ। ରାଷ୍ଟ୍ରପତି କେଇକୋ ଫୁଜିମୋରୀ ଏହି ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ମନ୍ତ୍ରଣାଳୟଗୁଡ଼ିକରୁ ଘଟଣା ସମ୍ପର୍କିତ ପୂର୍ଣ୍ଣାଙ୍ଗ ରିପୋର୍ଟ ମିଳିବା ପରେ ନାଜକା ବିମାନବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦ କରାଯିବା ନେଇ ବିଚାର କରାଯାଉଥିବା ସେ କହିଛନ୍ତି। ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଜାରି ରହିଛି।

# କ୍ଷମା ଦେଇ ଝିଅକୁ ନୂଆ ଜୀବନ ଦେଲେ ମୋଦୀ

ନୂଆଦିଲ୍ଲୀ : ଦିଲ୍ଲୀର ଜନ୍ତରମନ୍ତରଠାରେ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଅଶାଳୀନ ଶବ୍ଦ ବ୍ୟବହାର କରିଥିବା ନାବାଳିକାଙ୍କୁ ମୋଦୀ କ୍ଷମା କରିଦେଇଛନ୍ତି। ଏଥିପାଇଁ ଝିଅର ମା' ହାତଯୋଡ଼ି ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ସେ ତାଙ୍କ ଝିଅକୁ ନୂଆ ଜୀବନ ଦେଇଛନ୍ତି ବୋଲି କହିଛନ୍ତି। ରବିବାର ଝିଅର ଜନ୍ମଦିନ ଥିବାରୁ ମା' କହିଛନ୍ତି, ଏପରି ଅଶ୍ଳୀଳ ଶବ୍ଦ କହିଥିବା ପିଲାକୁ କ୍ଷମା କରି ମୋଦୀ ନିଜର ମହାନତା ଦେଖାଇଛନ୍ତି। ଜନ୍ମଦିନରେ ପ୍ରଧାନମନ୍ତ୍ରୀ ତାଙ୍କୁ ସବୁଠାରୁ ବଡ଼ ଉପହାର ଭାବେ 'ଜୀବନଦାନ' ଦେଇଛନ୍ତି। ଆଜି ତାଙ୍କ ଝିଅର ପୁନର୍ଜନ୍ମ ହୋଇଛି ।ଜୁଲାଇ ୨୩ରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଜନ୍ତରମନ୍ତରଠାରେ ହୋଇଥିବା ଆନ୍ଦୋଳନ ସମୟରେ ଝିଅଟି ମୋଦୀଙ୍କ ବିରୋଧରେ ଅଶାଳୀନ ସ୍ଲୋଗାନ୍ ଦେଇଥିବା ଭିଡିଓ ପ୍ରସାରିତ ହୋଇଥିଲା। ଏହାପରେ ଶୁକ୍ରବାର ମୋଦୀ ଇନ୍ଷ୍ଟାଗ୍ରାମ୍ରେ ଏକ ଭିଡିଓ ଛାଡ଼ି ତାଙ୍କୁ ଗାଳି ଦେଇଥିବା ଛାତ୍ରଛାତ୍ରୀଙ୍କୁ 'ଦିଗହରା ପିଲା' ବୋଲି କହିଥିଲେ। କ୍ରୋଧ କିମ୍ବା ପ୍ରତିଶୋଧ ଏହାର ଉତ୍ତର ନୁହେଁ ଏବଂ ସେମାନଙ୍କୁ ଦଣ୍ଡ ନ ଦେଇ ଠିକ୍ ମାର୍ଗ ଦେଖାଇବା ଉଚିତ ବୋଲି ସେ ମତ ଦେଇଥିଲେ। ପରେ ୧୫ ବର୍ଷୀୟା ଝିଅଟି ଏକ ଭିଡିଓରେ କ୍ଷମା ମାଗିଥିଲେ। ସାଙ୍ଗମାନଙ୍କ ସହ କନଟ୍ ପ୍ଲେସ୍ ଯାଉଥିବାବେଳେ ସେ ଆନ୍ଦୋଳନସ୍ଥଳକୁ ଯାଇଥିଲେ। ସେଠାରେ ଅନ୍ୟମାନଙ୍କ ପ୍ରଭାବରେ ପଡ଼ି ଏପରି ସ୍ଲୋଗାନ୍ ଦେଇଥିବା କହିବା ସହ ଏହା ତାଙ୍କ ଜୀବନର ପ୍ରଥମ ଓ ଶେଷ ଭୁଲ୍ ବୋଲି ସେ କହିଥିଲେ। ତେବେ ଏହି ଘଟଣାକୁ ନେଇ ନୋଏଡା ଥାନାରେ ପୂର୍ବରୁ ଏକ ଜିରୋ ଏଫ୍ଆଇଆର୍ ରୁଜୁ ହୋଇସାରିଛି। ପରେ ମାମଲାଟି ନୂଆଦିଲ୍ଲୀର ପାର୍ଲାମେଣ୍ଟଷ୍ଟ୍ରିଟ୍ ଥାନାକୁ ପଠାଯାଇଛି। ଅଭିଯୋଗକାରୀଙ୍କ ମତରେ ଏପରି ମନ୍ତବ୍ୟ ପ୍ରଧାନମନ୍ତ୍ରୀ ପଦର ମର୍ଯ୍ୟାଦା କ୍ଷୁଣ୍ଣ କରିବା ସହ ସାମାଜିକ ସଦ୍ଭାବ ଓ ଶାନ୍ତି ବିଗାଡ଼ିପାରେ। ମାତ୍ର ଏଫ୍ଆଇଆର୍ରେ ଝିଅର ବୟସ ଭୁଲ୍ ଭାବେ ୨୫ ବର୍ଷ ଲେଖାଯାଇଥିବା ତାଙ୍କ ମା' ଦାବି କରିଛନ୍ତି। ସେ ମାମଲା ପ୍ରତ୍ୟାହାର ସହ ୨୦ ବର୍ଷରୁ କମ୍ ବୟସର ପିଲାଙ୍କୁ ସାମାଜିକ ଗଣମାଧ୍ୟମ ଓ ଆନ୍ଦୋଳନରୁ ଦୂରେଇ ରଖିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି, କେବଳ ଭିଡିଓରେ କ୍ଷମା କରିବେ ନା ମାମଲା ମଧ୍ୟ ପ୍ରତ୍ୟାହାର କରିବେ?

# ନ୍ୟାସନାଲ କ୍ଲାଇମେଟ୍ ଲିଡରସିପ୍ ଆୱାର୍ଡ ପ୍ରଦାନ

ନୂଆଦିଲ୍ଲୀ: ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ଏବଂନୂଆଦିଲ୍ଲୀର ନେଚର କେୟାର ଇନିସିଏଟିଭର ମିଳିତ ଆନୁକୂଲ୍ୟରେ ଡେପୁଟି ସ୍ପିକର ହଲରେ କ୍ଲାଇମେଟ୍-୨୬ ଓ ନେସନାଲ କ୍ଲାଇମେଟ୍ ଲିଡରସିପ୍ ଆୱାର୍ଡ-୨୦୨୬ ପ୍ରଦାନ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ଼. ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ବର୍ତ୍ତମାନ ସ୍ଥିତି, ସଚେତନତା ଓ ସାମୁହିକ ପଦକ୍ଷେପର ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ନେସନାଲ କ୍ଲାଇମେଟ୍ ଲିଡରସିପ୍ ଆୱାର୍ଡ-୨୦୨୬ ପ୍ରଦାନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡ଼. ଅରବିନ୍ଦ ଢାଲି, ନାଲକୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶୁତୋଷ ରଥ ଏବଂ ବିଶ୍ୱ ଯୁବକ କେନ୍ଦ୍ର, ନୂଆଦିଲ୍ଲୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉଦୟ ଶଙ୍କର ସିଂହ ପ୍ରମୁଖ ଯୋଗଦେଇ ଜଳବାୟୁ ସୁରକ୍ଷା ଓ ପରିବେଶ ସଂରକ୍ଷଣ ସମ୍ପର୍କରେ ନିଜର ମତାମତ ରଖିଛନ୍ତି । ଦ୍ୱିତୀୟ ଅଧିବେଶନରେ ଜଳବାୟୁ ପରିବର୍ତ୍ତନ ଓ ସ୍ଥାୟୀ ଭବିଷ୍ୟତ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ଼. ବିଜୟଲକ୍ଷ୍ମୀ ମହାନ୍ତି, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ର ପ୍ରଫେସର ଡ଼. ଅତୁଲ କୁମାର, ବିଶିଷ୍ଟ ପରିବେଶବିତ୍ ସଚିନ ଗୁପ୍ତା ଏବଂ ବିଶିଷ୍ଟ ଶିକ୍ଷାବିତ୍ ଡ଼. ବସନ୍ତ କେ. ଦାସ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ଓ ସମାଧାନ ଉପରେ ଆଲୋଚନା କରିଛନ୍ତି । କାଞ୍ଚନ ଫାଉଣ୍ଡେସନର ସଭାପତି ରଞ୍ଜନ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ବିବରଣୀ ଉପସ୍ଥାପନ କରିଥିଲେ ।ନେଚର କେୟାର ଇନିସିଏଟିଭ ଦିଲ୍ଲୀର ସୁରିନ୍ଦର କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ଫେରିରେ ଲାଗିଲା ନିଆଁ : ୫ ମୃତ, ୪୧ ନିଖୋଜ

ଜାକାର୍ତ୍ତା: ଇଣ୍ଡୋନେସିଆ ମଦୁରା ଦ୍ୱୀପ ନିକଟ ସମୁଦ୍ରରେ ଏକ ଯାତ୍ରୀବାହୀ ଫେରିରେ ରବିବାର ନିଆଁ ଲାଗିଯାଇଛି। ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୧ ଜଣ ନିଖୋଜ ଥିବା କୁହାଯାଉଛି। ନିଖୋଜ ଲୋକଙ୍କ ସନ୍ଧାନ ଲାଗି ଉଦ୍ଧାର ଅଭିଯାନ ଜାରି ରହିଛି। ଏହି ଫେରିଟି ପୂର୍ବ ଜାଭାର ସୁରାବାୟାରୁ ସୁଲାବେସୀର ମକାସର ସହରକୁ ଯାଉଥିଲା। ଫେରିଟି ସମୁଦ୍ରରେ କିଛି ବାଟ ଯାତ୍ରା କରିବା ପରେ ସେଥିରେ ନିଆଁ ଲାଗିଯାଇଛି। ଇଣ୍ଡୋନେସିୟା ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଏଜେନ୍ସୀ ଏହି ସୂଚନା ଦେଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ନିଆଁ ଲାଗିବା ବେଳେ ଫେରିରେ ଯାତ୍ରୀ ଓ ଚାଳକ ଦଳ ସଦସ୍ୟମିଶି ୨୫୦ ଜଣ ଥିଲେ। ନିଆଁଲାଗିବା ମାତ୍ରେ ଫେରିରୁ ଡିଷ୍ଟ୍ରେସ୍ ସିଗ୍ନାଲ ପାଇ ସମୁଦ୍ରରେ ଥିବା ବଡ଼ ଜାହାଜ ଓ ଅନ୍ୟ ନୌକାଯାନ ପାଖେଇ ଆସିଥିଲେ। ଏଣୁ ଅନେକ ଲୋକେ ରକ୍ଷା ପାଇଯାଇଥିବାର ଆକଳନ କରାଯାଉଛି। ଏଜେନ୍ସୀ ତଥ୍ୟ ଅନୁସାରେ ଫେରିରେ ୨୭୧ ଜଣ ଯାତ୍ରୀ ଓ କ୍ରୁ ମେମ୍ବର ଥିଲେ। ନିଆଁ ଲାଗିବା ପରେ ଜାହାଜମାନେ ପାଖେ ଆସି ଅନେକ ଲୋକଙ୍କୁ ଉଦ୍ଧାର କରିଛନ୍ତି। ଫଳରେ ୨୨୫ ଜଣଙ୍କୁ ବଞ୍ଚା ଯାଇ ପାରିଛି। ତେବେ ଫେରିରେ ନିଆଁ କିପରି ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନି। ତେବେ ଉଦ୍ଧାର ଅଭିଯାନ ଜାରି ରହିଛି। ଯେଉଁ ମଦୁରା ଦ୍ୱୀପ ନିକଟରେ ଏହି ଦୁର୍ଘଟଣା ଘଟିଛି ତାହା ଜାଭାର ଉତ୍ତର-ପୂର୍ବ ଉପକୂଳରେ ରହିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଛବିରେ ଫେରିର ଉପର ଡେକରୁ ଘନ କଳା ଧୂଆଁ ଉଠୁଥିବାର ଦେଖା ଯାଉଛି।

# ଜୀବନ ହାରିଲେ 'ଚାଏୱାଲା ପ୍ରତିଷ୍ଠାତା ରୋହିତ ଶର୍ମା

ନୂଆଦିଲ୍ଲୀ : 'ଚାଏୱାଲା ଷ୍ଟାର୍ଟଅପ୍ର ସଂସ୍ଥାପକ ରୋହିତ ଶର୍ମା ରାଜସ୍ଥାନର ଦୌସାସ୍ଥିତ ନିଜ ବାସଭବନରେ ଆତ୍ମହତ୍ୟା କରିଥିବା ନେଇ ରବିବାର ପୋଲିସ ସୂଚନା ଦେଇଛି । ଦୌସାର ସାକେତ କଲୋନୀର ବାସିନ୍ଦା ୩୦ ବର୍ଷୀୟ ରୋହିତଙ୍କ ମୃତଦେହ ଶନିବାର ଅପରାହ୍ନରେ ତାଙ୍କ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। କୋଟୱାଲୀ ପୋଲିସ ଷ୍ଟେସନ ଅଧିକାରୀଙ୍କ କହିବା ଅନୁଯାୟୀ, ପରିବାର ଲୋକେ ଘରର କବାଟ ଭାଙ୍ଗି ତାଙ୍କୁ ତଳକୁ ଓହ୍ଲାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି ଏବଂ ପୋଲିସ ମାମଲାର ତଦନ୍ତ ଜାରି ରଖିଛି। ରୋହିତଙ୍କ ବାପା ହିତେନ୍ଦ୍ର ମୋହନ ଶର୍ମା ଜଣେ ମେଡିକାଲ ଷ୍ଟୋର ବ୍ୟବସାୟୀ ଏବଂ ତାଙ୍କ ସ୍ତ୍ରୀ ଜଣେ ବେସରକାରୀ ସ୍କୁଲ ଶିକ୍ଷୟିତ୍ରୀ। ତାଙ୍କର ଏକ ୭ ବର୍ଷର ପୁଅ ମଧ୍ୟ ଅଛି। ରୋହିତ ନର୍ସିଂ ପଢୁଥିବା ସମୟରେ ମାତ୍ର ୧୭ ବର୍ଷ ବୟସରେ ଜୟପୁରରୁ 'ଚାଏୱାଲାଜ୍' ନାମକ ଚା' ବ୍ୟବସାୟ/ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ଜୟପୁରର ମାନସରୋବରସ୍ଥିତ ଶିପ୍ରା ପାଥରେ ସେ ପ୍ରଥମ ଚା' କାଫେ ଖୋଲିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ସହରରେ ସେ 'Chaiwalaz' ର ୭ଟି ଆଉଟ୍ଲେଟ୍ ସ୍ଥାପନ କରି ନିଜ ବ୍ୟବସାୟକୁ ବଢ଼ାଇଥିଲେ। ବ୍ୟବସାୟ ବ୍ୟତୀତ ସେ ଦୌସାରେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟରେ ମଧ୍ୟ ସକ୍ରିୟ ଭାବେ ଜଡ଼ିତ ଥିଲେ। ପ୍ରାୟ ୬ ମାସ ପୂର୍ବରୁ ରୋହିତ ନିଜର ସମସ୍ତ 'Chaiwalaz' ଆଉଟ୍ଲେଟ୍ ବନ୍ଦ କରିଦେଇଥିଲେ। ସେ ବ୍ୟବସାୟ ଛାଡ଼ି ଆଧ୍ୟାତ୍ମିକତା ଆଡ଼କୁ ମୁହାଁଇଥିଲେ ଏବଂ ନିକଟ ଅତୀତରେ ବିଭିନ୍ନ ଧାର୍ମିକ ଓ ତୀର୍ଥ ସ୍ଥଳ ପରିଦର୍ଶନ କରୁଥିବାର ଦେଖାଯାଇଥିଲା।

# ମାଡ଼ିଆସୁଛି ସୁପର ଟାଇଫୁନ୍

ନୂଆଦିଲ୍ଲୀ : ମାଡ଼ିଆସୁଛି ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ । ଅଶାନ୍ତ ହେଲାଣି ସମୁଦ୍ର । ୨୮୦ କିମି ବେଗରେ ବହୁଛି ପବନ। ୧୯୯୯ ମହାବାତ୍ୟାଠୁ ବି ଭୟଙ୍କର। ସୁପର ଟାଇଫୁନ୍ 'ଡଲଫିନ୍'ର ଭୟଙ୍କର ରୂପ ଦେଖିବେ ୩ ଦେଶ। ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ବଳ ଗୋଟାଇ ସୁପର ଟାଇଫୁନରେ ପରିଣତ ହୋଇଛି 'ଡଲଫିନ୍' । ଏହି ଝଡ଼ ଚଳିତ ବର୍ଷର ସବୁଠାରୁ ଶକ୍ତିଶାଳୀ ଟାଇଫୁନ୍ ହେବାକୁ ଯାଉଛି ବୋଲି ଆକଳନ କରିଛନ୍ତି ବିଶ୍ୱ ପାଣିପାଗ ବିଜ୍ଞାନୀ। ଆଗାମୀ ୪ ଦିନ ପର୍ଯ୍ୟନ୍ତ ସମୁଦ୍ରରେ ରହିବ ଡଲଫିନ୍। ଏହାର ଲ୍ୟାଣ୍ଡଫଲ କେଉଁଠି କରିବ, ତାହା ବି ବିଭିନ୍ନ ଆକଳନ କରାଯାଇଛି। ଡଲଫିନ ପରବର୍ତ୍ତୀ ଗତିପଥକୁ ଅନିଶ୍ଚିତତା ଲାଗି ରହିଛି । ଜାପାନ, ଦକ୍ଷିଣ କୋରିଆ କିମ୍ବା ପୂର୍ବ ଚୀନରେ ଏହା ସ୍ଥଳଭାଗ ଛୁଇଁ ପ୍ରଳୟ ରଚିପାରେ। ସୁପର ଟାଇଫୁନ୍ ଟୋକିଓରୁ ୨,୮୦୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି। ଏହା କିଛି ସମୟ ପାଇଁ କାଟାଗୋରି-୫ରେ ଥିଲା। ଏବେ ଏହା କାଟାଗୋରୀ-୪ରେ ରହିଛି। ଚୀନ୍ ପାଣିପାଗ ବିଭାଗ ଅନୁଯାୟୀ, ଏହା ଚଳିତ ବର୍ଷର ସବୁଠାରୁ ଭୟଙ୍କର ଟାଇଫୁନ୍ ହୋଇପାରେ। ଘଣ୍ଟାପ୍ରତି ୨୦ କିଲୋମିଟର ବେଗରେ ଉତ୍ତର-ପଶ୍ଚିମ ଆଡ଼କୁ ଗତି କରୁଛି। ଏଆଇ ମଡେଲଗୁଡ଼ିକର ପୂର୍ବାନୁମାନ ଅନୁଯାୟୀ, ଏହା ପୂର୍ବ



ଚୀନ୍ର ହାଙ୍ଗଝୌ ବେ ନିକଟରେ ଲ୍ୟାଣ୍ଡଫଲ୍ କରିପାରେ। ଆଗାମୀ ୩ ଦିନ ମଧ୍ୟରେ ଚୀନ୍ ପାଇଁ କୌଣସି ବିପଦ ସୃଷ୍ଟି କରିବ ନାହିଁ। ଜାପାନ, କୋରିଆନ୍ ଉପଦ୍ୱୀପ କିମ୍ବା ପୂର୍ବ ଚୀନ ଆଡକୁ ନେଇପାରେ। ସବୁଠୁ ବଡ଼ କଥା ହେଲା ଶୁକ୍ରବାର ସକାଳେ ଟାଇଫୁନ କିଛି ସମୟ ପାଇଁ ଦୁର୍ବଳ ହୋଇଗଲା ଏବଂ ଏବେ ପୁଣି ଶକ୍ତିଶାଳୀ ହେବାରେ ଲାଗିଛି। ଚୀନ୍ ପାଣିପାଗ ପ୍ଲାଟଫର୍ମ ୱେଦର ଚାଇନା ଅନୁସାରେ, ଯଦି ଡଲଫିନ୍ ତୀବ୍ରତର ହେବାକୁ ଲାଗି ରହେ, ତେବେ ଏହା ଚଳିତ ବର୍ଷ ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସବୁଠାରୁ ଶକ୍ତିଶାଳୀ ଟାଇଫୁନ୍ ହୋଇପାରେ। ୱେଦର ଚାଇନାର ମୁଖ୍ୟ ପାଣିପାଗ ବିଶ୍ଳେଷକ ଜିନ୍ ଜିନ୍ କହିଛନ୍ତି ଏହା ଜାପାନ ଏବଂ ଦକ୍ଷିଣ କୋରିଆରୁ ପୂର୍ବ ଚୀନ୍ ପର୍ଯ୍ୟନ୍ତ ସମ୍ଭାବ୍ୟ ସ୍ଥଳଭାଗ ଛୁଇଁପାରେ। ପୂର୍ବ ଚୀନ୍ର ଝେଜିଆଙ୍ଗ ପ୍ରଦେଶର ହାଙ୍ଗଝୌ ବେ ନିକଟରେ ସ୍ଥଳଭାଗ ଛୁଇଁବା ଅଧିକ ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ସପ୍ତାହରେ ଚୀନରେ ପାଗ ବଦଳିବ। ପୂର୍ବ ଚୀନ୍ରେ ଅତ୍ୟନ୍ତ ଭାରୀ ବର୍ଷା ହୋଇପାରେ। ଟାଇଫୁନ୍ ଚୀନ୍ ଠାରୁ ବହୁତ ଦୂରରେ ଥିବା ବେଳେ, ଦେଶର ପୂର୍ବ ଅଂଶଗୁଡ଼ିକ ପ୍ରବଳ ଗ୍ରୀଷ୍ମ ତାପ ସହିତ ସଂଘର୍ଷ ଜାରି ରଖିଛନ୍ତି।

# ସ୍ୱାସ୍ଥ୍ୟସେବା ଶିକ୍ଷା କ୍ଷେତ୍ରକୁ ଓଡିଶା ପ୍ରଧାନ୍ୟଦେବା ଜରୁରୀ

ନୂଆଦିଲ୍ଲୀ: ଭାରତର ସହଯୋଗୀ ଓ ସ୍ୱାସ୍ଥ୍ୟସେବା ଶିକ୍ଷା କ୍ଷେତ୍ର ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପ୍ରବେଶ କରୁଛି । ନ୍ୟାଶନାଲ କମିଶନ ଫର ଆଲାଏଡ ଆଣ୍ଡ ହେଲଥ କେୟାର ପ୍ରଫେସନ୍ସ (ଏନସିଏଏଚପି) ଏହି କ୍ଷେତ୍ରକୁ ଏକ ସଂଗଠିତ, ଦକ୍ଷତାଭିତ୍ତିକ ଓ ଜାତୀୟ ସମନ୍ୱିତ ଢାଞ୍ଚା ଆଡକୁ ଅଗ୍ରସର କରିବା ଆରମ୍ଭ କରିଛି । ଏହାର ପାଠ୍ୟକ୍ରମ ତାଲିକାରେ ଫିଜିଓଥେରାପି, ଅପେଫାମେଟ୍ରି, ନ୍ୟୁଟ୍ରିସନ ଓ ଡାଇବେଟିକ୍ସ, ଡାଇଲିସିସ ଥେରାପି, ମେଡିକାଲ ରେଡିଓଲୋଜି ଓ ଇମେଜିଂ ଟେକ୍ନୋଲୋଜି, ଆନାସ୍ଥେସିଆ ଓ ଅପରେଶନ ଥିଏଟର ଟେକ୍ନୋଲୋଜି, ହେଲ' ଇନଫର୍ମେଶନ ମ୍ୟାନେଜମେଣ୍ଟ, ମେଡିକାଲ ଲାବୋରେଟ୍ରୋରୀ ସାଇନ୍ସେସ, ଅକୁପେସନାଲ ଥେରାପି, ରେସ୍ପିରେଟୋରୀ ଟେକ୍ନୋଲୋଜି, ମେଡିକାଲ ଫିଜିକ୍ସ ଓ ନ୍ୟୁକ୍ଲିୟର ମେଡିସିନ ଟେକ୍ନୋଲୋଜି ଆଦି ସାମିଲ ରହିଛି । ଏହି ଶିକ୍ଷା କ୍ଷେତ୍ରରେ ନୂତନ ସଂସ୍କାର କେନ୍ଦ୍ରୀୟ ବଜେଟ ୨୦୨୬-୨୭କୁ ସୁଦୃଢ କରିଥିଲା । ଏସମ୍ପର୍କରେ ଗତ ବଜେଟରେ କେନ୍ଦ୍ର



ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ଆଲାଏଡ ହେଲଥ ପ୍ରଫେସନାଲ୍ସ ପାଇଁ ବିଦ୍ୟମାନ ଅନୁଷ୍ଠାନଗୁଡିକୁ ଅପଗ୍ରେଡେଡ କରାଯିବ ଏବଂ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନୂଆ ଏଏଚପି ଅନୁଷ୍ଠାନ ସ୍ଥାପନ କରାଯିବ ବୋଲି ଘୋଷଣା କରିଥିଲେ । ଏହି ପଦକ୍ଷେପ ଅପେଫାମେଟ୍ରି, ରେଡିଓଲୋଜି, ଆନାସ୍ଥେସିଆ, ଓଟି ଟେକ୍ନୋଲୋଜି, ଆପ୍ଲାଏଡ ସାଇକୋଲୋଜି ଓ ବିହେବିୟରାଲ ହେଲ୍ଥ ସମେତ ୧୦ଟି ବିଭାଗରେ ଆମାଗୀ ୫ ବର୍ଷରେ ଏକ ଲକ୍ଷ ଆଲାଏଡ ହେଲଥ ପ୍ରଫେସନାଲ୍ଙ୍କୁ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ୨୦୨୬-୨୭ ପାଇଁ ଏନସିଏଏଚପି କମ୍ପ୍ଲିଆନ୍ସ ଫ୍ରେମଓ୍ୱର୍କ ଅଧିନରେ ନୂଆ ଆଲାଏଡ ଆଣ୍ଡ ହେଲଥକେୟାର ପ୍ରୋଗ୍ରାମ ଆରମ୍ଭ କରିବାକୁ ଯୋଜନା ରଖିଥିବା ଅନୁଷ୍ଠାନଗୁଡିକୁ ଆଗକୁ ବଢିବା ପୂର୍ବରୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ଏକ ଏସେନ୍ସିଆଲିଟି ସାର୍ଟିଫିକେଟ ହାସଲ କରିବାକୁ ପଡିବ । ଏହି ସାର୍ଟିଫିକେଟ ରାଜ୍ୟ କିମ୍ବା ଅଂଚଳରେ ପ୍ରସ୍ତାବିତ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକତାକୁ ନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି ।ଅନୁଷ୍ଠାନଗୁଡିକ ଦ୍ୱାରା ଉଠାଯାଇଥିବା ଚିନ୍ତା ଅନୁସାରେ ଇସି ପାଇଁ ଆବେଦନ ମାର୍ଗ ଖୋଲାଯାଇନାହିଁ ଯାହା ବିଶ୍ୱବିଦ୍ୟାଳୟଗୁଡିକୁ ପ୍ରଥମ ପର୍ଯ୍ୟାୟରେ ଆବେଦନ ଦାଖଲ କରିବାରୁ ରୋକୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଜାତୀୟ ସ୍ତରରେ ସକ୍ରିୟ ଭାବେ ପ୍ରଚାର ପ୍ରସାର କରାଯାଉଥିବା ଏକ କ୍ଷେତ୍ରରେ ନୂଆ କ୍ୟାରିୟର ପାଇଁ ଓଡିଶାର ଛାତ୍ରଛାତ୍ରୀମାନେ ଫହଚ ହରାଇପାରନ୍ତି । ଯଦି ଅନ୍ୟ ରାଜ୍ୟରେ ଇସି ଆବେଦନଗୁଡିକୁ ପ୍ରକ୍ରିୟାକରଣ କରାଯାଏ ଏବଂ ଓଡିଶାରେ ଏହା ବନ୍ଦ ରୁହେ ତେବେ ଓଡିଶା ପଛରେ ପଡିଯିବାର ସମ୍ଭାବନା ରହିଛି ଓ ଛାତ୍ରଛାତ୍ରୀମାନେ ଏଥିପାଇଁ ବାହାର ରାଜ୍ୟକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି । ଓଡିଶା ସରକାର ସ୍ୱାସ୍ଥ୍ୟ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଆଲାଏଡ ମେଡିକାଲ ସାଇନ୍ସ ପାଇଁ ଓଡିଶା ରାଜ୍ୟ ପରିଷଦ, ବିଶ୍ୱବିଦ୍ୟାଳୟ, ହସ୍ପିଟାଲ ଓ ଶିଳ୍ପ ପ୍ରତିନିଧିମାନଙ୍କୁ ନେଇ ଏକ ଟାସ୍କ ଗ୍ରୁପ ଗଠନ କରିବା ଉଚିତ ।ଏଭଳି ଏକ ଗ୍ରୁପ ଆବଶ୍ୟକତା ଅନୁସାରେ ପ୍ରାଥମିକତାକୁ ଚିହ୍ନଟ କରିପାରିବ । ଏହାବ୍ୟତୀତ ଇସି ପ୍ରକ୍ରିୟା ମଧ୍ୟ ଏକ ଗୁଣାତ୍ମକ ମାଧ୍ୟମ ଭାବେ କାର୍ଯ୍ୟ କରିବା ଉଚିତ । ଓଡିଶାକୁ ଯୋଗ୍ୟ ଶିକ୍ଷାନୁଷ୍ଠାନଗୁଡିକୁ ଏକ ଦକ୍ଷ, ଭବିଷ୍ୟତ ପ୍ରସ୍ତୁତ ଆଲାଏଡ ହେଲଥକେୟାର ଓ୍ୱର୍କଫୋର୍ସ ଗଠନ କରିବାର ଭାରତର ଲକ୍ଷ୍ୟରେ ଯୋଗଦାନ କରିବା ପାଇଁ ସକ୍ଷମ କରିବା ଲାଗି ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଉଚିତ ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଭାରତୀୟ ବକ୍ସରଙ୍କ ଐତିହାସିକ ସଫଳତା

ନୂଆଦିଲ୍ଲୀ, ୨।୮ (ଏଜେନ୍ସି) : ଗ୍ଲାସଗୋରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଭାରତୀୟ ବକ୍ସରମାନେ ଅସାଧାରଣ ପ୍ରଦର୍ଶନ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସମାପନ ଦିବସର ଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ଆରମ୍ଭ ହେବା ପୂର୍ବରୁ ହିଁ ଭାରତର ୧୦ଟି ପଦକ ନିଶ୍ଚିତ ହୋଇସାରିଥିଲା। ଦେଶରେ କ୍ରୀଡ଼ା ପ୍ରଶାସନିକ ସମସ୍ୟା ଓ ଅନ୍ୟାନ୍ୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତୀୟ ବକ୍ସରମାନଙ୍କର ଏହି କ୍ରୀଡ଼ାନୈପୁଣ୍ୟ ଅତ୍ୟନ୍ତ ପ୍ରଶଂସନୀୟ। ପଦକ ତାଲିକାରେ ଭାରତୀୟ ବକ୍ସିଂ ଦଳ ୧୦ ଟି ପଦକ ସହ ଶୀର୍ଷ ସ୍ଥାନରେ ରହିଛି। ଏଥିରେ ୭ ଟି ସ୍ୱର୍ଣ୍ଣ ଓ ୩ ଟି ରୌପ୍ୟ ପଦକ ସାମିଲ ଅଛି। ଏହାପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡାର କୌଣସି ସଂସ୍କରଣରେ ଭାରତୀୟ ବକ୍ସର ଏତେ ସଂଖ୍ୟାରେ ପଦକ ଜିତିନଥିଲେ। ଚଳିତ ସଂସ୍କରଣରେ ବିରଳରେକର୍ଡ କରିଛନ୍ତି ଭାରତୀୟ ବକ୍ସର। ଆଗାମୀ ୪ ବର୍ଷ ପରେ ଅର୍ଥାତ୍ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଅହମ୍ମଦାବାଦରେ ଆୟୋଜନ ହେବ। ବକ୍ସିଂରେ ଏହି ପଦକ ସଫଳତା ଆଗାମୀ ସଂସ୍କରଣ ପାଇଁ ଭାରତୀୟ ପ୍ରତିଯୋଗୀଙ୍କ ମନୋବଳ ବଢାଇବ।

**ଦଳଗତ ପ୍ରଦର୍ଶନ ଓ ନୂତନ କୀର୍ତ୍ତିମାନ**

ଗୋଲ୍ଡ କୋଷ୍ଟ ୨୦୧୮ (୩ ସ୍ୱର୍ଣ୍ଣ, ୩ ରୌପ୍ୟ, ୩ କାଂସ୍ୟ) ଏବଂ ବର୍ମିଂହାମ ୨୦୨୨ (୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ କାଂସ୍ୟ) ରେ ଦ୍ୱିତୀୟ ସ୍ଥାନରେ ରହିବା ପରେ, ଏଥର ଭାରତ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଛି। ଶୁଟିଂ, କୁସ୍ତି ଓ ବ୍ୟାଡମିଣ୍ଟନ୍ ପରି ପାରମ୍ପରିକ ଖେଳଗୁଡ଼ିକ ଅନୁପସ୍ଥିତ ଥିବା ବେଳେ ବକ୍ସିଂରେ ଭାରତୀୟ ଆଥଲେଟ୍‌ମାନେ ନିଜର ଦବଦବା ଜାହିର କରିଛନ୍ତି।

**ମହିଳା ବକ୍ସରଙ୍କ ଶ୍ରେଷ୍ଠ ପ୍ରଦର୍ଶନ:**

୫୧ କିଗ୍ରା ବର୍ଗରେ ନିଖତ ଜରୀନଙ୍କ ସ୍ଥାନରେ ଆସିଥିବା ସାକ୍ଷୀ ଚୌଧୁରୀ, ପ୍ରୀତି ପାୱାର, ଜୈସମିନ୍ ଲାମ୍ବୋରିଆ, ଆରୁନ୍ଧତୀ ଚୌଧୁରୀ



ଏବଂ ପ୍ରିୟା ଘନଘାସ ନିଜ ନିଜ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଓଲିମ୍ପିକ୍ସ ପଦକ ବିଜେତା ଲଭଲିନା ବୋର୍ଗୋହାଇନ୍ ମହିଳା ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି।

**ପୁରୁଷ ବକ୍ସରଙ୍କ ସଫଳତା:**

ସଚିନ୍ ଶିୱାଚ୍ (୬୦ କିଗ୍ରା) ଏବଂ ଅଙ୍କୁଶ (୮୦ କିଗ୍ରା) ନିଜ ନିଜ ବର୍ଗରେ ଚମତ୍କାର ବିଜୟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଯାଦୁମଣି ସିଂହ ଏବଂ ନରେନ୍ଦ୍ର ବେରୱାଲ ରୌପ୍ୟ ପଦକ ହାସଲ କରିଛନ୍ତି।

**ଫାଇନାଲ୍ ମ୍ୟାଚ୍‌ର ମୁଖ୍ୟ ଆକର୍ଷଣ**

ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ଗୁଡ଼ିକରେ ଲଭଲିନା ଓ ଯାଦୁମଣିଙ୍କୁ ଛାଡ଼ି ଅନ୍ୟ ସମସ୍ତ ଭାରତୀୟ ବକ୍ସର ବିଜୟୀ ହୋଇଥିଲେ। ଲଭଲିନା ଅଷ୍ଟ୍ରେଲିଆର ବିଶ୍ୱ ବ୍ରୋଞ୍ଜ ପଦକ ବିଜେତା ଏମା ସୁ ଗ୍ରୀନଟ୍ରିଙ୍କ ବିପକ୍ଷରେ ୧-୪ ରେ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ମ୍ୟାଚ୍ ଶେଷ ଆଡ଼କୁ ଥକାପଣ ଯୋଗୁଁ ଲଭଲିନା ସାମାନ୍ୟ ପଛରେ ପଡ଼ିଯାଇଥିଲେ, ଯାହା ଓଜନ ବର୍ଗ ବୃଦ୍ଧି କରିବା ପରଠାରୁ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଆସୁଛି।

# ସନ୍‌ସାଇନକୁ ହରାଇଲା ଚୌଦ୍ୱାର



## ଫାଓ ଲିଗ୍

ଭୁବନେଶ୍ୱର, ୨।୮ (ସବ୍ୟୁ) : କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଫାଓ ଲିଗରେ ରବିବାର ଅନୁଷ୍ଠିତ ମ୍ୟାଚରେ ୱାଇଏଏଫସି ଚୌଦ୍ୱାର ୫-୩ ଗୋଲରେ ସନ୍‌ସାଇନ୍ କ୍ଲବକୁ ପରାଜିତ କରିଛି। ଫାଓ ଲିଗର ୫୮ ତମ ମ୍ୟାଚରେ ସନ୍‌ସାଇନ୍ ଓ ଚୌଦ୍ୱାର ମୁହାଁମୁହିଁ ହୋଇଥିଲେ। ଏହି ରୋଚକ ଲଢେଇରେ ୱାଇଏଏଫ୍‌ସି ଚୌଦ୍ୱାର ପ୍ରଭାବ ବିସ୍ତାର କରିଥିଲା। ବିଜୟୀ ଦଳ ପକ୍ଷରୁ ବୁନ୍ଧୁ ମାରାଣ୍ଡି, ରଜେଶ କୁମାର ବେହେରା, ମୁସ୍ତାକିମ୍ ଖାନ୍, ତ୍ରିଦେବ ମୁଖୀ ପ୍ରମୁଖ ଗୋଲ କରିଥିଲେ। ସନ୍‌ସାଇନ୍ ପକ୍ଷରୁ ଧର୍ମେନ୍ଦ୍ର ପ୍ରଧାନ, ସିଙ୍ଘୁ ମାଝୀ ଓ ଜୟନାଥ ପ୍ରଧାନ ଗୋଲ ଦେଇଥିଲେ।

# ୟୁଥ୍ ନ୍ୟାସନାଲ ତାଇକୋଣ୍ଡୋ ମହାରାଷ୍ଟ୍ର ଚାମ୍ପିଅନ




ଭୁବନେଶ୍ୱର, ୨।୮ (ସବ୍ୟୁ) : ଜୁଲାଇ ୨୯ରୁ ୩୧ ରିଖ ପର୍ଯ୍ୟନ୍ତ ଇଣ୍ଡିଆ ତାଇକୋଣ୍ଡୋ ପ୍ରଥମ ୟୁଥ୍ ତାଇକୋଣ୍ଡୋ ନେସନାଲ୍ ଚାମ୍ପିଅନସିପ ୨୦୨୬-୨୦୨୭ (ପୁମସେ ଏବଂ କ୍ୟୁରୋଗୀ) ଜବହାରଲାଲ୍ ନେହରୁ ଇଣ୍ଡୋର ଷ୍ଟାଡିୟମ୍, କଟକ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଚାମ୍ପିଅନସିପର ଦ୍ୱିତୀୟ ଦିବସରେ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲମ୍ପିକ୍ସ ସଂଘର ସମ୍ପାଦକ ଅଭିଜିତ ପାଲ୍ ଯୋଗ ଦେଇଥିଲେ। ଏହି ପ୍ରତିଯୋଗୀତାରେ ମହାରାଷ୍ଟ୍ର ଚାମ୍ପିଅନ ହୋଇଥିବା ବେଳେ ଦ୍ୱିତୀୟ ରେ ଉତ୍ତରପ୍ରଦେଶ ଏବଂ ତୃତୀୟ ରେ କର୍ଣ୍ଣାଟକ ରହିଛି।



# ନୂଆ ଲୁକରେ ହାର୍ଦ୍ଦିକ

ମୁମ୍ବାଇ, ୨।୮ (ଏଜେନ୍ସି) : ଆହତ ସମସ୍ୟା ପାଇଁ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀ ଦଳରୁ ବାଦ୍ ପଡିଛନ୍ତି। ଏହା ମଧ୍ୟରେ ହାର୍ଦ୍ଦିକଙ୍କୁ ନୂଆ ଲୁକ୍‌ରେ ଦେଖି ପ୍ରଶଂସକ ଆଶ୍ଚର୍ଯ୍ୟ ହୋଇଛନ୍ତି। ନିକଟରେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ବାନ୍ଧବି ମାହିକା ଶର୍ମାଙ୍କ ସହ ଆନ୍ଧ୍ର ପ୍ରଦେଶର ତିରୁପତି ସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିରରେ ଦର୍ଶନ ସମୟରେ ହାର୍ଦ୍ଦିକଙ୍କ ନୂଆ ଲୁକ୍ ସାମ୍ନାକୁ ଆସିଛି। ହାର୍ଦ୍ଦିକ ଲଣ୍ଡା ହୋଇଥିବାବେଳେ ବେଶ୍ ଷ୍ଟାଇଲିସ୍ ଲୁକ୍‌ରେ ନଜର ଆସିଛନ୍ତି। କୌଣସି ମନସ୍କାମନା ପୂରଣ ପାଇଁ ସେ କେଶ ଦାନ କରିଛନ୍ତି କିମ୍ବା ଏହାର ଅନ୍ୟ କୌଣସି କାରଣ ରହିଛି ସେ ନେଇ ସ୍ୱଷ୍ଟ ସୂଚନା ମିଳିନାହିଁ। ଏହି ସବୁ ଚର୍ଚ୍ଚା ମଧ୍ୟରେ ଦାବି କରାଯାଇଛି ଯେ, ହାର୍ଦ୍ଦିକ ମୁମ୍ବାଇ - ଇଣ୍ଡିଆନ୍ସ ଦଳଛାଡିପାରନ୍ତି। ୨୦୨୭ ଆଇପିଏଲ ପୂର୍ବରୁ ହେବାକୁ ଥିବା ନିଲାମ ପୂର୍ବରୁ ସେ ଚେନ୍ନାଇ ସୁପର କିଙ୍ଗସ୍‌ରେ ଯୋଗ ଦେଇପାରନ୍ତି। ଏହା ସହିତ ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ମଧ ତାଙ୍କୁ ନେବାକୁ ଆଗ୍ରହୀ ଥିବା ଖବର ସାମ୍ନାକୁ ଆସିଛି।

# କ୍ରୀଡ଼ା କ୍ଷେତ୍ରରେ ମିଳିମିଶି କାମ କରିବେ ଓଡ଼ିଶା - ବିହାର



ଭୁବନେଶ୍ୱର, ୨।୮ (ସବ୍ୟୁ) : ବିହାର ସରକାରଙ୍କ କ୍ରୀଡ଼ା ଓ ଉଦ୍ୟୋଗ ମନ୍ତ୍ରୀ ସୁଶ୍ରୀ ଶ୍ରେୟସୀ ସିଂହଙ୍କ ଚାରିଦିନିଆ ଓଡ଼ିଶା ଗସ୍ତ କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଛି। ଗସ୍ତର ଶେଷ ଦିନରେ ସେ ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ଦୁଇ ରାଜ୍ୟ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ସହଯୋଗ, ଖେଳାଳିଙ୍କ ଆଦାନପ୍ରଦାନ, କ୍ରୀଡ଼ା ବିଜ୍ଞାନର ବ୍ୟବହାର ଏବଂ ତୃଣମୂଳ ସ୍ତରରୁ ନୂଆ ପ୍ରତିଭା ଖୋଜିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନା ସମୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ହାଇ-ପରଫରମାନ୍ସ ସେଣ୍ଟରଗୁଡ଼ିକର ପ୍ରଶଂସା କରି ଶ୍ରେୟସୀ ସିଂହ କହିଥିଲେ ଯେ, ବିହାରରେ ମଧ୍ୟ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଉଛି। କ୍ରୀଡ଼ାପ୍ରାଙ୍ଗଣଗୁଡ଼ିକର ସଠିକ୍ ବ୍ୟବହାର ଓ ପରିଚାଳନା ପାଇଁ ସେ ଓଡ଼ିଶା ଏବଂ ବିହାର ମଧ୍ୟରେ ବନ୍ଧୁତାପୂର୍ଣ୍ଣ ମ୍ୟାଚ୍ ଓ ଖେଳାଳି ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାସହ ବିହାରର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଭଲିବଲ୍, ବାସ୍କେଟବଲ୍, କ୍ରିକେଟ୍ ପ୍ରାକ୍ଟିସ୍ ପିଚ୍ ଏବଂ ଫୁଟବଲ୍ ଭଳି ୪ଟି ଖେଳ ପାଇଁ ଭିତ୍ତିଭୂମି ତିଆରି କରାଯାଉଥିବା ସେ ପ୍ରକାଶ କରିଥିଲେ। ଓଡ଼ିଶାର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, 'ସିଏମ୍ ଟ୍ରଫି' ଭଳି ପ୍ରତିଯୋଗିତା ମାଧ୍ୟମରେ ଓଡ଼ିଶାରେ ତୃଣମୂଳ ସ୍ତରରୁ ନୂଆ ଖେଳାଳି ସୃଷ୍ଟି କରାଯାଉଛି। କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଓଡ଼ିଶାର କାର୍ଯ୍ୟଶୈଳୀ ସମ୍ପର୍କରେ ବୁଝାଇ କହିଥିଲେ ଯେ, ଗ୍ରାମାଞ୍ଚଳର ଖେଳାଳି ସୃଷ୍ଟି କରିବା ପାଇଁ ବିଦ୍ୟାଳୟ, କ୍ରୀଡ଼ା ଅନୁଷ୍ଠାନ ଏବଂ ସରକାରୀ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଜରୁରୀ ବୋଲି ଦୁଇ ମନ୍ତ୍ରୀ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ କ୍ରୀଡ଼ା ବିଜ୍ଞାନର ଗୁରୁତ୍ୱ ଉପରେ ଚର୍ଚ୍ଚା କରାଯାଇଥିଲା। କୋଚିଂ ଓ ତାଲିମ କ୍ଷେତ୍ରରେ ଥିବା ଆହ୍ୱାନଗୁଡ଼ିକୁ ଦୂର କରିବା ସହ ଖେଳାଳିଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ କ୍ରୀଡ଼ା ବିଜ୍ଞାନକୁ ପାଠ୍ୟକ୍ରମ ସହ ଯୋଡ଼ିବା ଉପରେ ଶ୍ରୀ ପୁନିଆ ଗୁରୁତ୍ୱ ଦେଇଥିଲେ। ସେହିପରି ଆଘାତରୁ ବଞ୍ଚିବା, ସଠିକ୍ ଆହାର ଓ ବିଶ୍ରାମ ବିଷୟରେ ଖେଳାଳିଙ୍କୁ ସଚେତନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ସିଂହ କହିଥିଲେ। କେନ୍ଦ୍ର ସରକାରଙ୍କ 'ଖେଲୋ ଇଣ୍ଡିଆ' କେନ୍ଦ୍ରଗୁଡ଼ିକର ସମ୍ପ୍ରସାରଣକୁ ସୂର୍ଯ୍ୟବଂଶୀ ସୂରଜ ପ୍ରଶଂସା କରିଥିଲେ। ଜାମ୍ମୁ-କାଶ୍ମୀରରେ ଅନୁଷ୍ଠିତ 'ଚିନ୍ତନ ଶିବିର' ତର୍ଜମା ଆଧାରରେ ରାଜ୍ୟ ଓ ଜିଲ୍ଲା ସ୍ତରରେ ମଧ୍ୟ ଏଭଳି ଆଲୋଚନାଚକ୍ର ଆୟୋଜନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏହାସହ ଜାତୀୟ ସ୍ତରର ପ୍ରତିଯୋଗିତା ପୂର୍ବରୁ ରାଜ୍ୟସ୍ତରୀୟ କ୍ରୀଡ଼ା ଆୟୋଜନ କଲେ ଖେଳାଳିଙ୍କ ଦକ୍ଷତା ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଆଲୋଚନା ଶେଷରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିହାର ପ୍ରତିନିଧି ଦଳକୁ ଓଡ଼ିଶାର ସଂସ୍କୃତି ଓ ପାରମ୍ପରିକ ଖାଦ୍ୟ ସମ୍ପର୍କରେ ଧାରଣା ଦେଇଥିଲେ। ଓଡ଼ିଶା ସରକାରଙ୍କ ଆତିଥେୟତା ପାଇଁ ଧନ୍ୟବାଦ ଜଣାଇ ସୁଶ୍ରୀ ଶ୍ରେୟସୀ ସିଂହ କହିଥିଲେ ଯେ, ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ଭୁବନେଶ୍ୱରର ସବୁଜିମା ଓ ସ୍ୱଚ୍ଛତା ତାଙ୍କୁ ବହୁତ ଆନନ୍ଦିତ କରିଛି। ଓଡ଼ିଶାର କ୍ରୀଡ଼ା ମଡେଲ ସାରା ଦେଶ ପାଇଁ ଏକ ପ୍ରେରଣା ବୋଲି ସେ ପ୍ରକାଶ କରିଥିଲେ।

## ରାଜ୍ୟ ଓପନ ସ୍କୁଲ ଚେସ୍ ଚାମ୍ପିଅନସିପ୍

# ଶାଶ୍ୱତ ବିଜେତା



ଭୁବନେଶ୍ୱର, ୨।୮ (ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ସଂଘ ଏବଂ ସଂସ୍କାର ଏକାଡେମୀର ମିଳିତ ଆନୁକୂଲ୍ୟରେ ରାଜ୍ୟ ଓପନ ସ୍କୁଲ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ଷ୍ଟୁଆର୍ଟ ସ୍କୁଲର ଶାଶ୍ୱତ ମହାପାତ୍ର ଚାମ୍ପିଅନ ହୋଇଛନ୍ତି। ବ୍ଲୁଜୁମ୍ ସ୍କୁଲର ଆହାନ ଅଭିଜ୍ଞାନ ଦ୍ୱିତୀୟ, ମଡେଲ୍ ଇଏମ୍ ସ୍କୁଲର ଆଦଭିକ ମହାନ୍ତି ତୃତୀୟ, ରଘୁପୁରର ଓଡିଶା ଆଦର୍ଶ ବିଦ୍ୟାଳୟର ଆଦିତ୍ୟ ଲାହା ଚତୁର୍ଥ ଏବଂ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅକ୍ଷତ ମିଶ୍ର ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିଭଳି ୭, ୯, ୧୧, ୧୩ ଏବଂ ବାଳିକା ବର୍ଗରେ ଦୁଇଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ୬ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ସଂସ୍କାର ସ୍କୁଲ ଅଫ ଆର୍ଟ, ଡ୍ୟାନ୍ସ, ମ୍ୟୁଜିକ୍‌ର ସେକ୍ରେଟାରୀ ହେମନ୍ତ କୁମାର ଦାସ, ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ପ୍ରିନ୍ସିପାଲ ଜାନକୀ ମହାକୁଡ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

# ସବିଏସଇ ଇଷ୍ଟ ଜୋନା କ୍ଲଷ୍ଟର -୨ଖୋ-ଖୋ ପ୍ରତିଯୋଗିତା ସ୍ଥଗିତ

ଆନନ୍ଦପୁର, (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିଝଡ଼ ଏବଂ ଲଗାତାର ବର୍ଷାଜନିତ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି, ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶାନୁସାରେ କେନ୍ଦୁଝର ବନ୍ଦ ଥିବାରୁ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ଚାଲିଥିବା ସିବିଏସଇ ଇଷ୍ଟ ଜୋନ କ୍ଲଷ୍ଟର -୨ ଖୋ-ଖୋ ପ୍ରତିଯୋଗିତାକୁ ସ୍ଥଗିତ କରାଯାଇଛି। କେନ୍ଦୁଝର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀଙ୍କ ଆଦେଶକ୍ରମେ ଏବଂ ଜିଲ୍ଲାର ସମସ୍ତ ୧୩ଟି ବ୍ଲକରେ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଏସଏସ୍‌ଡି ବିଭାଗ ଅଧୀନସ୍ଥ ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ଏବଂ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାଥମିକରୁ ଉଚ୍ଚମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ୨୯.୦୭.୨୦୨୬ (ବୁଧବାର) ଦିନ ସମ୍ପୂର୍ଣ୍ଣ ବନ୍ଦ ରହିବ। ଆଦେଶ ଅନୁଯାୟୀ, ପ୍ରବଳ ବର୍ଷା, ଘୂର୍ଣ୍ଣିଝଡ଼ ଏବଂ ବନ୍ୟା ପରିସ୍ଥିତିରେଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀମାନଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସ୍କୁଲ କର୍ତ୍ତୃପକ୍ଷ ଜଣାଇଛନ୍ତି।

# ଶ୍ରୀଲଙ୍କା ଟେଷ୍ଟରୁ ବୁମରା ବାଦ୍

ନୂଆଦିଲ୍ଲୀ, ୨।୮ (ଏଜେନ୍ସି) :ଭାରତର ଦ୍ରୁତ ବୋଲର ଯଶପ୍ରୀତ ବୁମରା ଶ୍ରୀଲଙ୍କା ବିପକ୍ଷ ଦୁଇମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରୁ ବାଦ ପଡିଛନ୍ତି। ପ୍ରଥମ ମ୍ୟାଚ ଅଗଷ୍ଟ ୧୫ ରୁ ଗ୍ୟାଲେଠାରେ ଆରମ୍ଭ ହେବ। ବୋର୍ଡର ମେଡିକାଲ ଟିମ୍ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ସମୟରେ ବୁମରା ଆହତ ହୋଇଥିଲେ। ଏପରିକି ଶେଷ ଦିନିକିଆ ଖେଳି ପାରିନଥିଲେ। ୧୫ ଜଣିଆ ଦଳରେ ସ୍ଥାନ ପାଇଥିବା ବୁମରାଙ୍କୁ ସାମିଲ କରାଯାଇଥିଲେ ମଧ ତାଙ୍କ ଖେଳିବା ଫିଟ୍‌ନେସ୍ ଉପରେ ନିର୍ଭର କରୁଥିଲା। ବୁମରା ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ ଏକ୍ସିଲେନ୍ସରେ ରିହାବରେ ଅଛନ୍ତି। ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟ ଦଳରେ ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ କ୍ରୀଷ୍ଣା ସ୍ଥାନ ପାଇଛନ୍ତି। ବୁମରାଙ୍କ ଅନୁପସ୍ଥିତିରେ ସିରାଜ ଦ୍ରୁତ ବୋଲିଂ ବିଭାଗର ମଙ୍ଗ ଧରିବେ। ଏହା ବ୍ୟତୀତ ଗୁରନୁର ବ୍ରାର ଦଳରେ ସ୍ଥାନ ପାଇଛନ୍ତି। ସେ ଏପର୍ଯ୍ୟନ୍ତ ଟେଷ୍ଟ ପଦାର୍ପଣ କରିନାହାଁନ୍ତି। ଶ୍ରୀଲଙ୍କାରେ ତାଙ୍କ ଟେଷ୍ଟ ପଦାର୍ପଣ ସୁଯୋଗ ରହିଛି। ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ୧୭ ଟି ଟେଷ୍ଟ ଶୃଙ୍ଖଳା ଖେଳାଯାଇଛି। ଶେଷ ଥର ପାଇଁ ୨୦୦୮ ରେ ଶ୍ରୀଲଙ୍କା ଭାରତ ବିପକ୍ଷରେ ଟେଷ୍ଟ ଶୃଙ୍ଖଳା ଜିତିଥିଲା। ଅର୍ଥାତ୍ ୧୮ ବର୍ଷ ହେବ ଶ୍ରୀଲଙ୍କା ଦଳ ଭାରତ ବିପକ୍ଷରେ ଟେଷ୍ଟ ଶୃଙ୍ଖଳା ଜିତିପାରିନାହିଁ।


**ସୂଚନା**

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# ହଙ୍ଗେରୀରେ ହର୍ଷିତ ରଞ୍ଜନ ସାହୁଙ୍କୁ ଦ୍ୱିତୀୟ ଆଇଏମ୍ ନର୍ମ

ଭୁବନେଶ୍ୱର, ୨।୮ (ସବ୍ୟୁ) : ଓଡ଼ିଶାର ପ୍ରତିଭାବାନ ଚେସ୍ ଖେଳାଳି ତଥା ରାଜ୍ୟ ସିନିୟର, ଜୁନିୟର, ସବ୍-ଜୁନିୟର ଓ କଟକ ଜିଲ୍ଲା ଚେସ୍ ଚାମ୍ପିଅନ ଫିଡେ ମାଷ୍ଟର (ଏଫ୍.ଏମ୍.) ହର୍ଷିତ ରଞ୍ଜନ ସାହୁ ହଙ୍ଗେରୀର ରାଜଧାନୀ ବୁଡାପେଷ୍ଟରେ ଅନୁଷ୍ଠିତ ସିକ୍ସଡେଜ୍ ଜୁଲାଇ ୨୦୨୬ ଆନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ତାଙ୍କର ଦ୍ୱିତୀୟ ଆନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ନର୍ମ ଅର୍ଜନ କରିଛନ୍ତି। ଜୁଲାଇ ୨୭ରୁ ଅଗଷ୍ଟ ୧ ପର୍ଯ୍ୟନ୍ତ ଆୟୋଜିତ ୯ ରାଉଣ୍ଡ ବିଶିଷ୍ଟ ଏହି ରାଉଣ୍ଡ-ରବିନ୍ ପ୍ରତିଯୋଗିତାରେ ୨୩୩୫ ଏଲୋ ରେଟିଂଧାରୀ ହର୍ଷିତ ୯ଟି ଖେଳରୁ ୭ ପଏଣ୍ଟ ସଂଗ୍ରହ କରି ଅପରାଜିତ ଭାବେ ଚାମ୍ପିଅନ୍ ହୋଇଥିଲେ। ଏହି ପ୍ରତିଯୋଗିତାରେ ସେ ଆନ୍ତର୍ଜାତୀୟ ମାଷ୍ଟର ମେହର ଚିନ୍ନା ରେଡ୍ଡି ସି.ଏଚ୍. (ଭାରତ) ଏବଂ ଆନ୍ତର୍ଜାତୀୟ ମାଷ୍ଟର ଇଭାର୍ଥ ଡା. କାହ୍ନ (ହଙ୍ଗେରୀ)ଙ୍କୁ ପରାଜିତ କରିଥିବା ବେଳେ ଆନ୍ତର୍ଜାତୀୟ ମାଷ୍ଟର ଫ୍ଲୋରିଆନ୍ ହୁଜବର୍ଟ (ସ୍ଲୋଭାକିଆ)ଙ୍କ ସହ ଖେଳ ଡ୍ର ରଖିଥିଲେ। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ସେ ୨୪୫୪ ପରଫର୍ମାନ୍ସ ରେଟିଂ ସହ ୨୬.୬ ଫିଡେ ରେଟିଂ ପଏଣ୍ଟ ହାସଲ କରିଥିଲେ। ଏହା ପୂର୍ବରୁ ହର୍ଷିତ ବୁଡାପେଷ୍ଟ ସ୍ପ୍ରିଙ୍ଗ ଫେଷ୍ଟିଭାଲ ୨୦୨୬ ରେ ପ୍ରଥମ ଆଇଏମ୍ ନର୍ମ ଅର୍ଜନ କରିଥିଲେ। ବର୍ତ୍ତମାନ ଦୁଇଟି ଆଇଏମ୍ ନର୍ମ ହାସଲ କରି ସେ ଆନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଉପାଧି ଅର୍ଜନ କରିବା ଦିଗରେ ଆଉ ଏକ ଦୃଢ଼ ପଦକ୍ଷେପ ନେଇଛନ୍ତି। ଏହି ସଫଳତା ପାଇଁ ପ୍ରୋଚେଷ୍ଟା ସମନ୍ୱୟକାରୀ ଆନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞାନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍‌ର ଅଧ୍ୟକ୍ଷ




ସତ୍ୟ ରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ହର୍ଷିତଙ୍କ ସାନ ଭାଇ ଲଳିତ ମଧ ରାଜ୍ୟ ସବ୍ ଜୁନିଅର୍ ଚାମ୍ପିଅନ ସହ ରାଜ୍ୟର ଜଣେ ଆଗଧାଡ଼ିର ଖେଳାଳି ଅଟନ୍ତି। ୨୦୨୪ ର ରାଜ୍ୟ ସିନିଅର ଚାମ୍ପିଅନ ହର୍ଷିତ କଟକ ନିବାସୀ ପିତା ଡଃ ଅମରେଶ ସାହୁ ଓ ମାତା ସୁଚିସ୍ମିତା ସାହୁଙ୍କ ସୁପୁତ୍ର ଅଟନ୍ତି।

# ବିଶ୍ୱକପ ଖେଳାଳିଙ୍କୁ ଶୁଭେଚ୍ଛା

ରାଉରକେଲା, ୨।୮ (ସବ୍ୟୁ) : ଚଳିତ ମାସରେ ବେଲଜିୟମ ଓ ନେଦରଲ୍ୟାଣ୍ଡରେ ହେବାକୁ ଥିବା ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ୟୁରୋପ ଯାତ୍ରା କରିଛନ୍ତି। ପୁରୁଷ ଦଳର ଅଧିନାୟକ ହର୍ମନ୍ ପ୍ରିତ୍ ସିଂହ ଥିଲା ବେଳେ ମହିଳା ଦଳର ଅଧିନାୟିକା ସଲିମା ଟେଟେ ରହିଛନ୍ତି। ଗେରୁଆ ଜର୍ସି ପିନ୍ଧି ଉଭୟ ଦଳ ବିଶ୍ୱକପ୍ ଖେଳିବାର ନଜର ଆସିବେ। ପୁରୁଷ ହକି ଦଳରେ ଓଡ଼ିଶାର ଅମିତ୍ ରୋହିଦାସ ଓ ଶିଳାନନ୍ଦ୍ ଲାକ୍ରା ଥିଲା ବେଳେ ମହିଳା ହକି ଦଳରେ ଶୁନିଲିତା ଟପ୍ପ ରହିଛନ୍ତି। ଆଜି ସନ୍ଧ୍ୟାରେ ରାଉରକେଲା ଭେଟରାନ ହକି ଆସୋସିଏସନ୍ ର କର୍ମକର୍ତ୍ତା ମାନେ ପାନପୋଷ ହକି ଛକରେ



ଦଳରେ ଥିବା ୩ ଓଡ଼ିଶା ଖେଳାଳି ଙ୍କୁ ବ୍ୟାନର ଫୋଟ ମାଧ୍ୟମରେ ଶୁଭେଚ୍ଛା ଜଣାଇବା ସହିତ ଭାରତୀୟ ଦଳର ସଫଳତା ପାଇଁ ମଧ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ଉଭୟ ଦଳର ଅଧିନାୟକ ଙ୍କୁ ଜଣାଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମ ରେ ଭେଟରାନ୍ ହକି ଆସୋସିଏସନ୍ ର ସିଲ୍ ଭେରଷ୍ଟାର ଟପ୍ପ, ବାର୍ଥ ଲୋମି କେରକେଟା, ଜେମ୍ସ କୁଜୁର୍, ବିଶ୍ୱାସ ଭେଙ୍ଗରା, ସଞ୍ଜୀବ ଖାଲକୋ ଓ ସୁରେଶ ଟପ୍ପ, ଯୋନେସ କେରକେଟା ପ୍ରମୁଖ ଉପସ୍ଥିତ ରହି ଦଳର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ଖୁସିରେ ମିଷ୍ଟାନ ବଣ୍ଟନ ମଧ କରିଥିଲେ।


ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି